R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୫
ତିଥି : ତୃତୀୟା
୨୦ ଅକ୍ଟୋବର ୨୦୨୪, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

ସମୟ SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

# ଡରାଉଛି ସମ୍ଭାବ୍ୟ ବାତ୍ୟା

## ୨୩ରୁ ପବନର ବେଗ ବଢ଼ିବ, ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୯।୧୦ (ସବ୍ୟୁ) : ବାତ୍ୟା ଭୟ ଏବେ ବି ମନରୁ ଲିଭିନି । ପୁଣି ଆସୁଛି ଏକ ବତ୍ୟା! ସମ୍ଭାବ୍ୟ ବାତ୍ୟା ଓଡ଼ିଶା ଆସିବ କି ଅନ୍ୟ କେଉଁଠିକୁ ଯିବ ତାହା ସ୍ପଷ୍ଟ ହୋଇନି । ତେବେ ଲଘୁଚାପ ରୂପ ନେଲା ପରେ ସଠିକ ଭାବେ କୁହାଯାଇପାରିବ । ଏହା ପ୍ରଭାବରେ ଉପକୂଳ ଓଡ଼ିଶା ସହ ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ ।




ପାଣିପାଗ ବିଭାଗର କହିବାନୁସାରେ, କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ । ଏହା ଆସନ୍ତା ୨୧ ସୁଦ୍ଧା ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରି ଆହୁରି ତୀବ୍ର ହେବ । ଏହା ଅଧିକ ଘନୀଭୂତ ହୋଇ ଆସନ୍ତା ୨୩ ତାରିଖ ସୁଦ୍ଧା ଡିପ୍ରେସନ ବା ଅବପାତ ରୂପ ନେଇପାରେ । ସମୁଦ୍ର ମଧ୍ୟରେ ପବନର ବେଗ ୪୫ରୁ ୫୫ କିମି ରହିବ । ତେଣୁ ୨୨ ତାରିଖ ପରଠାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି ।

ଆସନ୍ତା ୨୩, ୨୪ ଓ ୨୫ ତାରିଖରେ ଉପକୂଳ ଓଡ଼ିଶା ସହ ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଓ ଆଭ୍ୟନ୍ତରୀଣ ଓଡିଶାରେ ବି ପ୍ରବଳ ବର୍ଷାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ତେବେ ଏଯାଏଁ ବାତ୍ୟା ଉପରେ କୌଣସି ଆକଳନ କରାଯାଇନଥିବାବେଳେ ଲଘୁଚାପ ସୃଷ୍ଟି ହେବା ପରେ ହିଁ ଚିତ୍ର ସ୍ପଷ୍ଟ ହେବ ବୋଲି ସୂଚନା ଦିଆଯାଇଛି ।

ଏହା କେଉଁଠି ସ୍ଥଳଭାଗ ଅତିକ୍ରମ କରିବ ଓ ଏହାର ରୂପରେଖ କେତେ ତୀବ୍ରତର ହେବ ସେନେଇ ଏବେ ସ୍ପଷ୍ଟ ହୋଇପାରିନି । ସେତେବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ । ଏହା ପ୍ରଭାବରେ ଉପକୂଳ ଓଡ଼ିଶା ସମେତ ଉତ୍ତର ଓଡ଼ିଶାରେ ବି ବର୍ଷାର ପରିମାଣ ଅଧିକ ରହିପାରେ ।

ରାଜ୍ୟରେ ଟ୍ରଫ୍‌ଲାଇନ୍ ପ୍ରଭାବରେ ଦିନେ ଦୁଇ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇପାରେ । ବିଶେଷ କରି ଉତ୍ତର, ଉତ୍ତର ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି ।

### ପ୍ରକାଶ ପାଇଲା ୨୦୨୨ ଓଏଏସ ପରୀକ୍ଷା ଫଳ

# ଶ୍ୱେତାଶ୍ରୀ ମହାପାତ୍ର ଟପ୍ପର

କଟକ, ୧୯।୧୦ (ସବ୍ୟୁ) : ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା(ଓସିଏସ)-୨୦୨୨ର ଫଳ ଆଜି ପ୍ରକାଶ ପାଇଛି । ଚଳିତ ଥର ୬୮୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ୫ ମହିଳା ଓ ୫ ପୁରୁଷ ରହିଛନ୍ତି । ତେବେ ଶ୍ୱେତାଶ୍ରୀ ମହାପାତ୍ର ଏହି ପରୀକ୍ଷାରେ ଶୀର୍ଷ ସ୍ଥାନରେ ଟପ୍ପର ହୋଇଛନ୍ତି । ସେହିପରି ୨ୟ ସ୍ଥାନରେ ପ୍ରିଙ୍କିଲ ପରବୀନ ପରିଡ଼ା, ୩ୟ ସ୍ଥାନରେ ଦିପ୍ତିରଞ୍ଜନ ପତି, ୪ର୍ଥରେ ପ୍ରଜ୍ଞା ପାରଙ୍ଗାନା, ୫ମ ରେ ଆଜାଦ କୁମାର ସାହୁ, ୬ଷ୍ଠ ରେ ଦୀପମ୍ ରାଉତ, ୭ମରେ ଦେବବ୍ରତ ଗୌଡ଼, ୮ମରେ ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ୯ମରେ କପିଳ କୁମାର ମହାନ୍ତି ଓ ୧୦ମ ରେ ଅମ୍ରିତା ସାହୁ ରହିଥିବା ଜଣା ପଡିଛି ।



୨୦୨୨-ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ପାଇଁ ସମୁଦାୟ ୯୨ ହଜାର ୯୧୪ ଜଣ ଆବେଦନ କରିଥିଲା ବେଳେ ସେଥିରେ ମହିଳା ଆବେଦନକାରୀଙ୍କ ସଂଖ୍ୟା ଥିଲା ୩୪ ହଜାର ୭୧୨ । ଏହା ମଧ୍ୟରୁ ୪୦ହଜାର ୫୮୬ଜଣ ତା- ୧୫.୧୦.୨୦୨୩ ରିଖରେ ଅନୁଷ୍ଠିତ ହୋଇଥିବା ପ୍ରାରମ୍ଭିକ ପରୀକ୍ଷା ଦେଇଥିଲା ବେଳେ ଏଥିରେ ମହିଳାଙ୍କ ସଂଖ୍ୟା ଥିଲା ୧୪ ହଜାର ୮୮୨ । ଏଥିରୁ ମୋଟ ୮ ହଜାର ୨୨୦ ଜଣ ପରୀକ୍ଷାର୍ଥୀ ଏହି ପ୍ରାରମ୍ଭିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ଯେଉଁଥିରେ ମହିଳା ପରୀକ୍ଷାର୍ଥୀଙ୍କ ସଂଖ୍ୟା ଥିଲା ୨ ହଜାର ୭୩୦ । ୨୦୨୨- ଓଡିଶା ସିଭିଲ ସର୍ଭିସ ମୁଖ୍ୟ ଲିଖିତ ପରୀକ୍ଷା, ତା ୨୫.୦୨.୨୦୨୪ ରିଖ ରୁ ତା ୦୩.୦୩.୨୦୨୪ ରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏବଂ ଏହି ପରୀକ୍ଷାରେ ମୋଟ ୬ ହଜାର୬୩୯ (୨ ହଜାର୩୩୭-ମହିଳା) ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ । ଏହା ମଧ୍ୟରୁ ୧ ହଜାର (୯ ପୃଷ୍ଠାରେ)

### ମନ୍ତ୍ରୀ ଗୋଷ୍ଠୀର ସୁପାରିସ

# ସ୍ୱାସ୍ଥ୍ୟ, ଜୀବନ ବୀମା ଉପରୁ ଛାଡ ହେବ ଜିଏସ୍‌ଟି

ନୂଆଦିଲ୍ଲୀ, ୧୯।୧୦ : ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି)ର ସରଳୀକରଣ ପାଇଁ ଅନୁଷ୍ଠିତ ହୋଇଥିବା ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ବୈଠକରେ ସ୍ୱାସ୍ଥ୍ୟବୀମା ଓ ଜୀବନ ବୀମା ପଲିସି ଉପରୁ ଜିଏସ୍‌ଟି ଛାଡ କରିବା ଲାଗି ନିଷ୍ପତ୍ତି ହୋଇଛି । ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଥିବା ବୀମା ଉପରେ ଏହି ନିଷ୍ପତ୍ତି ହେବ ବୋଲି ଜଣାପଡିଛି । ସେହିଭଳି ୨୦ ଲିଟର ପାଣି ବୋତଲ ଉପରେ ଟିକସକୁ ହ୍ରାସ କରାଯିବ । ସାଇକେଲ୍, ପିଲାଙ୍କ ଖାତା ଉପରେ ଜିଏସ୍‌ଟି ୫% ରହିବ । ସେହିଭଳି ଦାମିକିଆ ଘଣ୍ଟା ଓ ଜୋତା ଉପରେ ୨୮% ଟିକସ ଲାଗିବ ।

ମନ୍ତ୍ରୀ ଗୋଷ୍ଠୀର ମୁଖ୍ୟ ତଥା ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ କେତେକ ସାମଗ୍ରୀ ଉପରୁ ଟିକସ ହ୍ରାସ ପାଇଁ ପ୍ରସ୍ତାବ ଦେଇଥିବାବେଳେ ଅଧିକାଂଶ ସାମଗ୍ରୀ ଉପରେ ଟିକସ ବୃଦ୍ଧି ପାଇଁ ପ୍ରସ୍ତାବ ଦେଇଥିଲେ । ଜିଏସ୍‌ଟିରୁ ଆଉ ୨୨ ହଜାର କୋଟି ଟଙ୍କା ବଳକା ରାଜସ୍ୱ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି । ମନ୍ତ୍ରିସ୍ତରୀୟ ଗୋଷ୍ଠୀ ପକ୍ଷରୁ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ସ୍ୱାସ୍ଥ୍ୟ ଓ ଜୀବନ ବୀମା କ୍ଷେତ୍ରରେ ୫ ଲକ୍ଷ ଟଙ୍କା ପଲିସିରେ ଜିଏସ୍‌ଟି ଛାଡ କରାଯିବ । ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ମଧ ଏହା ଲାଗୁ ହେବ । ପୂର୍ବରୁ ଏଥିରେ ୧୮% ଜିଏସ୍‌ଟି ନିଆଯାଉଥିଲା । ଏବେ ବରିଷ୍ଠ ନାଗରିକଙ୍କ ବୀମା ଉପରେ କୌଣସି ଜିଏସ୍‌ଟି ଲାଗୁ ହେବନାହିଁ । ତେବେ ଜିଏସ୍‌ଟି ପରିଷଦରେ ଏନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ । ଏବେ ଜୀବନବୀମା ପଲିସି ଉପରେ ୧୮% ଜିଏସ୍‌ଟି ରହିଛି । ଶ୍ରୀ ଚୌଧୁରୀ କହିଛନ୍ତି ଯେ ମନ୍ତ୍ରିସ୍ତରୀୟ ଗୋଷ୍ଠୀର ସଦସ୍ୟମାନେ ଲୋକଙ୍କ ଉପରୁ ଟିକସ ବୋଝ କମାଇବାକୁ ଚାହୁଁଛନ୍ତି । ବିଶେଷକରି ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ଏହାକୁ ଗୁରୁତ୍ୱ ଦିଆଯାଇଛି । ୧୫ ହଜାର ଟଙ୍କାରୁ ଅଧିକ ମୂଲ୍ୟର ଜୋତା ଓ ୨୫ ହଜାର ଟଙ୍କାରୁ ଅଧିକ ମୂଲ୍ୟର ହାତଘଣ୍ଟା ଉପରେ (୯ ପୃଷ୍ଠାରେ)

# ଶିଳ୍ପ କ୍ଷେତ୍ରରେ ଓଡ଼ିଶା ହେବ ଆଧୁନିକ ହବ୍ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୧୦ (ସବ୍ୟୁ) : ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଏକ ଆଧୁନିକ ହବ୍ ହେବାସହ ଅର୍ଥନୀତି ଧାରାକୁ ସୁଦୃଢ଼ କରୁଛି । ବ୍ୟବସାୟ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ଆମ ସରକାର ଶିଳ୍ପ ବିକାଶର ଏକ ନୂଆ ଯୁଗ ଲାଗି ପ୍ରତିଶ୍ରୁତିବଦ୍ଧ । ବିଶେଷକରି ନୂଆ ସୁଯୋଗ, ନୂଆ ନିଯୁକ୍ତି ଦେବା ନୂଆ ଓଡ଼ିଶାର ଫୋକସ ରହିଛି । ଆମେ ସବୁ କ୍ଷେତ୍ରରେ ଏବେ ଉତ୍କର୍ଷ ହେବାର ଲକ୍ଷ୍ୟ ରଖିଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁମ୍ବାଇରେ ଅନୁଷ୍ଠିତ ନିବେଶକାରୀଙ୍କ ସମ୍ମିଳନୀରେ ମତ ରଖିଛନ୍ତି ।




ମୁମ୍ବାଇରେ ଆଗାମୀ ଜାନୁଆରୀ ୨୮-୨୯ରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ ପାଇଁ ପ୍ରସ୍ତୁତି ଚାଲିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହାକୁ ଆରମ୍ଭ କରିଛନ୍ତି । ଦିଲ୍ଲୀ ରୋଡ୍ ଶୋ ପରେ ମୁମ୍ବାଇରେ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ଥିବା ସଂସ୍ଥାଗୁଡ଼ିକ ସହ ଆଲୋଚନା କରାଯାଉଛି । ବିଭିନ୍ନ ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀ ଏକାଏକା କଥା ହେଉଛନ୍ତି । ଫଳରେ ବିଭିନ୍ନ ପ୍ରମୁଖ କ୍ଷେତ୍ରରେ ଓଡ଼ିଶାରେ ଥିବା ସୁବିଧା ସୁଯୋଗ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଉଛି । ଓଡ଼ିଶାର ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ଉପରେ ପ୍ରତିଫଳନକୁ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଏବେ ବ୍ୟବସାୟ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି । ଦିଆର୍‌ଏଫ୍‌ପି-୨୦୨୨ରେ ସ୍ୱିକୃତୀ ମିଳିଛି । ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ବ୍ୟବସ୍ଥା, ଗୋସିଫ୍ଟ ଆଦି ପ୍ରଚଳନ କରାଯାଇ ପୁଞ୍ଜି ନିବେଶ ପ୍ରକ୍ରିୟାକୁ ସରଳୀକରଣ କରାଯାଉଛି । ଓଡ଼ିଶାର ପୂର୍ବ ଉପକୂଳରେ ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହ ବିଶ୍ୱ ବଜାର ସହ ଏହାକୁ ଯୋଡାଯାଇ ଶିଳ୍ପ ଅଭିବୃଦ୍ଧିର ହବ୍ ପ୍ରସ୍ତୁତ କରାଯାଉଛି । ରାଜ୍ୟରେ କୁଶଳୀ ଶ୍ରମଜୀବୀଙ୍କ ସମେତ ଏକ ଦୃଢ଼ ପ୍ରଶାସନ ରହିଛି । ତେଣୁ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ନିବେଶକାରୀମାନେ ଯୋଗଦେବାକୁ ମୁଁ ନିମନ୍ତ୍ରଣ କରୁଛି । ରାଜ୍ୟ ଏବେ ଶିଳ୍ପାୟନର ଶକ୍ତିକେନ୍ଦ୍ର ପାଲଟିଛି । ଆମେ ବ୍ୟବସାୟ (୯ ପୃଷ୍ଠାରେ)

### ମୁମ୍ବାଇରେ ବିଶିଷ୍ଟ ଶିଳ୍ପପତିଙ୍କ ସମ୍ମିଳନୀ

### ଉତ୍କର୍ଷ ଓଡ଼ିଶା-ମେକ୍ ଉନ୍ ଓଡ଼ିଶା କନ୍‌କ୍ଲେଭ୍ ଲାଗି ନିମନ୍ତ୍ରଣ

## ବାଣ ବିସ୍ଫୋରଣ : ୬ ଦଶମ ଶ୍ରେଣୀ ଛାତ୍ର ଗୁରୁତର

ବ୍ରହ୍ମପୁର, ୧୯।୧୦ (ସବ୍ୟୁ) : ଶନିବାର ଅପରାହ୍ନରେ ବାଣ ଭିଡ଼ିଥବା ବେଳେ ହଠାତ୍ ହେଲା ବିସ୍ଫୋରଣ । ଯେଉଁଥିରେ ଦଶମରେ ପଢୁଥବବା ୬ ଜଣ ଛାତ୍ର ଗୁରୁତର ଆହତ ହୋଇଛନ୍ତି । ଦୀପାବଳି ପୂର୍ବରୁ ଏପରି ଭୟଙ୍କର ବିସ୍ଫୋରଣ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅଞ୍ଚଳରେ ଘଟିଛି। ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ମାଣିକପୁର ଗାଁ ନୂଆ ସାହିଠାରୁ କିଛି ଦୂରରେ ଏକ ନିଛାଟିଆ ସ୍ଥାନରେ ରହିଛି ଗୋଟିଏ ଘର ।

ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ୬ ଜଣ ଦଶମ ଶ୍ରେଣୀ ଛାତ୍ର ସେହି ଘର ଭିତରେ ବାଣ ଭିଡୁଥିଲେ। ଅସାବଧାନତା ଯୋଗୁ ବାଣ ଗୁଡିକ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଘରର ଆଜବେଷ୍ଟସ୍ ଉଡି ଯାଇଥିଲା। ୩ ପାର୍ଶ୍ୱର କାନ୍ଥ ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ଟିମ୍ ଓ ପୁଲିସ୍ ଗୁରୁତର ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କ ଭିତରୁ ୪ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲ୍କୁ ସ୍ଥାନାନ୍ତରିତ କରାଯାଇଛି। ତେବେ ଏଠି ପ୍ରଶ୍ନ ଉଠୁଛି ଦଶମ ଶ୍ରେଣୀରେ ପଢୁଥିବା ଛୋଟ ଛୋଟ ପିଲାମାନେ କାହିଁକି ବାଣ (୯ ପୃଷ୍ଠାରେ)

## ଜାନୁଆରୀ ୩ରୁ ୧୩ ଯାଏଁ ବରଗଡ଼ ଧନୁଯାତ୍ରା

ବରଗଡ଼, ୧୯।୧୦ (ସବ୍ୟୁ) : ଜାନୁଆରୀ ୩ରୁ ୧୩ ଯାଏଁ ବରଗଡ଼ ବିଶ୍ୱ ପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଞ୍ଚରେ ହେବ ଧନୁଯାତ୍ରା । ୧୧ ଦିନ ଧରି ମହାରାଜ କଂସଙ୍କ ରାଜୁତି ଚାଲିବ । ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଧନୁଯାତ୍ରାର ପ୍ରଥମ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି । ୨୦୨୩-୨୪ ଆୟ ବ୍ୟୟ ଖର୍ଚ୍ଚ ବାବଦରେ ଆଲୋଚନା ହୋଇଛି । ଧନୁଯାତ୍ରା କମିଟି ପକ୍ଷରୁ ଚଳିତବର୍ଷ ଧନୁଯାତ୍ରାକୁ କିଭଳି ସରସ ସୁନ୍ଦର କରାଯିବ ସେନେଇ ସଦସ୍ୟଙ୍କ (୯ ପୃଷ୍ଠାରେ)

## ବଦଳିବ 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ନାଁ

ଭୁବନେଶ୍ୱର, ୧୯।୧୦ (ସବ୍ୟୁ) : ବିକଶିତ ଗାଁ ବିକଶିତ ଓଡିଶା ନାଁରେ ଚାଲିବ କାର୍ଯ୍ୟକ୍ରମ । ଏନେଇ ଦୁଇ ଦିନ ଭିତରେ ଗାଇଡଲାଇନ ଆଣୁଛନ୍ତି ସରକାର । ଏମିତି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ।

ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ପଲ୍ଲୀସଭାକୁ ଗୁରୁତ୍ୱ ଦିଆଯିବ । ଏହା ସହିତ ପଞ୍ଚାୟତ ପ୍ରତିନିଧିଙ୍କୁ ଦିଆଯିବ କ୍ଷମତା । ଲୋକଙ୍କ ପ୍ରସ୍ତାବ ଅନୁସାରେ ଗାଁ ଆଉ ପଞ୍ଚାୟତର ବିକାଶ ହେବ । ତେବେ ଅନୁସୂଚିତ ଜନଜାତି ଅଞ୍ଚଳରେ ପେସା ଆଇନ ଲାଗୁ ହେବ । ଅନ୍ୟ ସବୁ ଅଞ୍ଚଳରେ ଗ୍ରାମସଭା ଏବଂ ପଲ୍ଲୀସଭାକୁ ଗୁରୁତ୍ୱ ଦିଆଯିବ । ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯିବ । ଲୋକଙ୍କ ଆଭିମୁଖ୍ୟକୁ (୯ ପୃଷ୍ଠାରେ)

# ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା ଉଦ୍ୟମ

ନୂଆପଡ଼ା/ସିନାପାଲ, ୧୯।୧୦ (ସବ୍ୟୁ) : ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଞ୍ଚଳରେ ଗୁଣିଗାରେଡ଼ି ସନ୍ଦେହରେ ଜଣେ ବୃଦ୍ଧଙ୍କ ଦେହରେ ପାଳବିଡ଼ା ବାନ୍ଧି ନିଆଁ ଲଗାଇ ପୋଡ଼ି ମାରିବାକୁ

### ୧୦ ଅଭିଯୁକ୍ତ ଗିରଫ

ଉଦ୍ୟମ ଘଟଣାରେ ପୁଲିସ ୧୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।



ସୂଚନା ଅନୁସାରେ, ସିନାପାଲି ଥାନା ନୂଆମାଳପଡ଼ା ପଞ୍ଚାୟତର ପୋର୍ଟିପଡ଼ା ଗାଁରେ କମ୍ ଦିନ ବ୍ୟବଧାନରେ ଏକାଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା । ଗୁଣିଗାରେଡ଼ି ଯୋଗୁଁ ମୃତ୍ୟୁ ଘଟିଥିବା ଗ୍ରାମବାସୀ ସନ୍ଦେହ କରିଥିଲେ । ଏହାକୁ ନେଇ ଗୁରୁବାର ରାତିରେ ଗାଁରେ ପ୍ରଜାକୋର୍ଟ ବସିଥିବାବେଳେ ଗ୍ରାମର ଖାମସିଂ ମାଝୀ (୬୪)ଙ୍କୁ ହାଜର କରାଯାଇଥିଲା । ସେ ଗୁଣିଗାରେଡ଼ି, ତନ୍ତ୍ରମନ୍ତ୍ର କରିବାରୁ ଏକାଧିକ ଲୋକଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରାଯାଇଥିଲା । ଏଥିରୁ ନିବୃତ୍ତ ନ ରହିଲେ ତାଙ୍କୁ ପ୍ରଜାକୋର୍ଟରେ ଦଣ୍ଡିତ ହେବାକୁ ପଡ଼ିବ ବୋଲି ଚେତାବନୀ ମଧ ଦିଆଯାଇଥିଲା । ତେବେ ଖାମସିଂ କୌଣସି ତନ୍ତ୍ରମନ୍ତ୍ର କରିନଥିବା କହିଥିଲେ । ଫଳରେ ଜୋରଜବରଦସ୍ତି ତାଙ୍କ ଦେହରେ ପାଳବିଡ଼ା ଗୁଡ଼ାଇ ନିଆଁ ଲଗାଇ (୯ ପୃଷ୍ଠାରେ)

### ଥମୁନି ବିମାନରେ ବୋମା ଆତଙ୍କ

# ୧୧ ବିମାନକୁ ପୁଣି ଧମକ

ନୂଆଦିଲ୍ଲୀ, ୧୯।୧୦ : ବିମାନରେ ବୋମା ଥିବା ଧମକ କମିବାରେ ଲାଗୁନାହିଁ । ଗତ ୨୪ ଘଣ୍ଟା ମଧ୍ୟରେ ୧୧ ବିମାନକୁ ବୋମା ଥିବା ଧମକ ମିଳିଛି । ଚଳିତ ସପ୍ତାହରେ ପ୍ରାୟ ୫୦ ମିଛ କଲ୍ ଉପରେ ଏବେ ପ୍ରଶ୍ନବାଚୀ ଲାଗିଛି ।

ବିସ୍ତାରା ଏୟାରଲାଇନ୍ସର ଏକ ବିମାନ ଲଣ୍ଡନରୁ ଦିଲୀ ଆସୁଥିବା ବିମାନକୁ ବୋମା ଧମକ ମିଳିବା ପରେ ଏହାକୁ ଜର୍ମାନର ଫ୍ରାଙ୍କଫୁର୍ଟ୍ ଦେଇ ତାର ଗତିପଥକୁ ପରିବର୍ତ୍ତନ

### ସପ୍ତାହରେ ୫୦ ବିମାନକୁ ମିଳିଲାଣି ମିଛ ସୂଚନା

ଜରିଆରେ ୫୦ ବିମାନରେ ବୋମା ଥିବାର ଧମକ ଦିଆଯାଇଛି । ବିଭିନ୍ନ ଏୟାରଲାଇନ୍ସକୁ ଏଭଳି ଧମକ ଦିଆଯାଉଥିବାରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ସେହିଭଳି ଜୟପୁରରୁ ଦୁବାଇ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନକୁ ମଧ ଏଭଳି ଧମକ ମିଳିଥିଲା ପରେ ଏହା ଜାଲ୍ ବୋଲି ଜଣାପଡିଲା । ୫ ଆକାଶ ଏୟାର ଫ୍ଲାଇଟ୍ ଓ ୫ ଇଣ୍ଡିଗୋ ଫ୍ଲାଇଟ୍‌କୁ ମଧ ଆଜି ବୋମା ଧମକ ମିଳିଛି । ଦୁବାଇରୁ ଜୟପୁର ଆସୁଥିବା ଏୟାର ଇଣ୍ଡିଆ ବିମାନକୁ ବୋମା ଧମକ ମିଳିବା ପରେ ଏହାର




ଉଡାଣ ବିଳମ୍ବ ହୋଇଥିଲା । ସେହିପରି ବିସ୍ତାରା ବିମାନକୁ ମଧ ଜର୍ମାନକୁ ପଠାଇ ଦିଆଯାଇଥିଲା । ସୋସିଆଲ ମିଡିଆରେ ଏଭଳି ଧମକ ମିଳୁଛି ଓ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଆକାଶ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି ଯେ ଅକ୍ଟୋବର ୧୯ରେ ଆମର ଯେଉଁ ବିମାନଗୁଡିକ ଯିବାର ଥିଲା ସେମାନଙ୍କୁ ସୁରକ୍ଷା ନିମିତ୍ତ ସତର୍କତାମୂଳକ (୯ ପୃଷ୍ଠାରେ)

# ବଲ ଆଣିବାକୁ ଯାଇ କେନାଲରେ ବୁଡ଼ିଗଲେ ୩ ନାବାଳକ

ବାରିପଦା/ ସାରସକଣା, ୧୯।୧୦ (ସବ୍ୟୁ) : ବଲ୍ ଆଣିବାକୁ ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଛକ ନିକଟସ୍ଥ ସୁବର୍ଣ୍ଣରେଖା କେନାଲରେ ବୁଡି ୩ଜଣ ନାବାଳକଙ୍କ ମୃତ୍ୟୁ ହେବାପରି ଅଭାବନୀୟ ଘଟଣା ଘଟିଛି। ମୃତକମାନେ ହେଲେ ଉକ୍ତ ଗ୍ରାମର ମୋଦନ ମୋହନ ସାହୁ, ଶ୍ରେୟାଂଶୁ ସାହୁ ଓ ସାଇ ଶଙ୍କର ସାହୁ। ଏମାନଙ୍କ ମୟସ ୧୨ରୁ ୧୪ ମଧ୍ୟରେ ହେ ବୋଲି କୁହାଯାଇଛି। ଘଟଣାରୁ ପ୍ରକାଶ ଯେ, ଶନିବାର ସନ୍ଧ୍ୟା ସମୟରେ ସାରସକଣା ବ୍ଲକ ଛକ ନିକଟସ୍ଥ ସୁବର୍ଣ୍ଣରେଖା କେନାଲ ନିକଟରେ ଶନିବାର ସନ୍ଧ୍ୟାରେ ରିତିକ ସାହୁ, ଜିତ ସାହୁ ଓ ରିତୁ ସାହୁ ଖେଳୁଥିଲେ ।ଏହି ସମୟରେ ସେମାନଙ୍କ ପାଖରେ ଥିବା ଏକ ବାଲଟି କୌଣସି ପ୍ରକାରରେ କୋନଲରେ ଖସି ପଡ଼ିଥିଲା। ବଲଟି ଆଣିବା ପାଇଁ ପ୍ରଥମେ ଜଣେ ନାବାଳକ ପାଣିରେ ପ୍ରବେଶ କରିଥିଲା । କିନ୍ତୁ ସେ ବଲଟି ଆଣି ପାରି ନଥିଲା । ବରଂ କେନାଲର ପ୍ରଖର ଜଳସ୍ରୋତ ତାକୁ ଭସାଇ ନେଇଥିଲା। ସାଙ୍ଗ ବୁଡ଼ି ଯାଉଥିବା ଦେଖି ଅନ୍ୟ ୨ ନାବାଳକ ମଧ୍ୟ ପାଣିରେ ପଶି ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ । କିନ୍ତୁ ସେମାନେ ମଧ୍ୟ ବିଫଳ (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ସଲମାନ ଏଭଳି କିଛି କରିନାହିଁ ଯେଉଁଥିପାଇଁ ସେ କ୍ଷମା ମାଗିବ । ଆମେ କେବେ ବି ଗୋଟିଏ ଅସରପା ବି ମାରିନାହୁଁ । ଏଭଳି ଧମକ କାରଣରୁ ଆମ ପରିବାରର ବନ୍ଦୀ ହୋଇଯାଇଛି ।

**ସଲିମ୍ ଖାନ୍, ଫିଲ୍ମମେକର**



ଅରହାନ ଏବେ ଡେବ୍ୟୁ କରିନି । ଫିଲ୍ମରେ ଡେବ୍ୟୁ କରିବା ପାଇଁ ଏବେ ଆହୁରି ସମୟ ରହିଛି । ତେବେ ଯେବେ ବି ସେ ଡେବ୍ୟୁ କରିବ ସେବେ ଖୁବ ଭଲ ଆର୍ଟିଷ୍ଟ ହୋଇ ବାହାରିବ ।

**ଅରବାଜ ଖାନ୍, ଅଭିନେତା**



ପ୍ରଥମରୁ କ୍ୟାରିୟରରେ ଖୁବ ଷ୍ଟ୍ରଗଲ କରିଛି । ମାତ୍ର ତିନୋଟି ଫିଲ୍ମ କରିବା ପରେ ଇଣ୍ଡଷ୍ଟ୍ରୀ ଛାଡିବାକୁ ନିଷ୍ପତ୍ତି ନେଇଥିଲି ।

**କାଜୋଲ, ଅଭିନେତ୍ରୀ**

## ଇତିହାସ ପୃଷ୍ଠାରୁ

୧୫୬୮– ଚିତ୍ତୋରଗଡ଼ ଉପରେ ଆକବରଙ୍କ ଆକ୍ରମଣ ।
୧୭୭୪– କୋଲକାତା ଭାରତର ରାଜଧାନୀ ହେଲା ।
୧୮୨୨– ଲଣ୍ଡନ ସଣ୍ଡେ ଟାଇମ୍ସର ପ୍ରଥମ ଅଙ୍କ ପ୍ରକାଶିତ ।
୧୮୮୦– ଆର୍ମଷ୍ଟରଡମ୍ ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ଥାପନା ।
୧୯୩୦– ଭାରତୀୟ ହାଇକୋର୍ଟର ପ୍ରଥମ ମହିଳା ନ୍ୟାୟାଧୀଶ ଲୀଲା ସେଠଙ୍କ ଜନ୍ମ ।
୧୯୪୭– ଆମେରିକା ଓ ପାକିସ୍ତାନ ମଧ୍ୟରେ ପ୍ରଥମ ରାଜନୈତିକ ସମ୍ବନ୍ଧ ସ୍ଥାପିତ ।
୧୯୬୨– ଭାରତ ଉପରେ ଚୀନ୍ ଆକ୍ରମଣ କରିବା ସହିତ ଅରୁଣାଚଳ ପ୍ରଦେଶ ଦେଇ ଦେଶ ମଧ୍ୟକୁ ପ୍ରବେଶ ପାଇଁ ଚେଷ୍ଟା ।
୧୯୯୧– ଭାରତର ଉତ୍ତର କାଶୀରେ ଭୂମିକମ୍ପ କାରଣରୁ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ।

# ପର୍ବପର୍ବାଣୀରେ ରୁହନ୍ତୁ ମଲ୍ଟିଟାସ୍କିଂ



**ବର୍ତ୍ତମାନ ଚାରିଆଡେ ପର୍ବପର୍ବାଣୀର ମାହୋଲ ଜାରି ରହିଛି । ଦୁର୍ଗାପୂଜା ପରେ କୁମାରପୂର୍ଣ୍ଣିମା ଏହାପରେ କାଳୀପୂଜାର ଉତ୍ସବ ଆରମ୍ଭ ହୋଇଛି । ତେବେ ଏହାରି ଭିତରେ ସ୍ତ୍ରୀ ଲୋକଙ୍କୁ ନିଜର ଚାକିରି ସହିତ ଘର କାମକୁ ମ୍ୟାନେଜ କରିବା ବେଶ୍ କଷ୍ଟକର ହୋଇପଡେ । ସାଧାରଣତଃ ପର୍ବପର୍ବାଣୀ ସମୟରେ ଘରଦ୍ୱାର ସଫାସଫି ଠାରୁ ଆରମ୍ଭ କରି ଘରେ ବିଭିନ୍ନ ପ୍ରକାରର ଭଲଭଲ ଖାଦ୍ୟର ଆୟୋଜନ କରିବାକୁ ହୋଇଥାଏ । ତେଣୁ ଏହି ସମୟରେ ଟାଇମ୍ ମ୍ୟାନେଜ କରିବା ଖୁବ କଷ୍ଟ ହୋଇଥାଏ । ତେଣୁ ଏହି ସମୟରେ ୱାର୍କିଂ ଲେଡିମାନେ କିଛି ଟ୍ରିକ୍ ଆପଣାଇ ନିଜର ସମୟକୁ ମ୍ୟାନେଜ୍ କରିପାରିବେ ।**

**ଘର କାମର ଲିଷ୍ଟ ତିଆରି କରନ୍ତୁ–** ପ୍ରଥମେ ଘରକାମର ଲିଷ୍ଟ ପ୍ରସ୍ତୁତ କରନ୍ତୁ, ନଚେତ୍ କୌଣସି କାମ ରହିଯିବାର ଭୟ ରହିଛି । ତେଣୁ ପ୍ରଥମେ ଅଫିସ୍ କାମ ସହିତ ଘର କାମର ଲିଷ୍ଟ ପ୍ରସ୍ତୁତ କରନ୍ତୁ । ଯାହାଫଳରେ କାମଗୁଡିକ ସୁରୁଖୁରୁରେ ହୋଇଯିବ । ତାଲିକା ଦେଖିଦେଖି ସମସ୍ତ କାମ ସମୟରେ ସାରନ୍ତୁ, ଏହା ଖୁବ ସହାୟତା କରିଥାଏ କାମ କରିବାରେ ।

**ଦରକାରୀ କାମକୁ ଆଗରେ ରଖନ୍ତୁ–** ସବୁବେଳେ ତାଲିକାରେ ଦରକାରୀ ଅନୁଯାୟୀ କାମକୁ ଲିଷ୍ଟରେ ସାମିଲ କରନ୍ତୁ । ଯାହାଫଳରେ ଯେଉଁକାମ ଆଗ କରିବା ଦରକାର ସେଗୁଡିକୁ ଆଗ କରିବେ । ସେହିଭଳି ୧୦ଟି କାମକୁ ବାଛି ତାଲିକାରେ ସାମିଲ କରନ୍ତୁ । ଏହି ତାଲିକାକୁ କାହା ସହିତ ସେୟାର ମଧ୍ୟ କରିପାରିବେ ଯାହା ଫଳରେ କୌଣସି କାମ ରହିଯାଇଥିଲେ ଜାଣି ପାରିବେ ।

**ଅଫିସ୍ କାମର ତାଲିକା–** ଘର କାମ ଭଳି ଅଫିସ୍ କାମର ମଧ୍ୟ ତାଲିକା ପ୍ରସ୍ତୁତ କରନ୍ତୁ । ପର୍ବପର୍ବାଣୀରେ ଯେପରି ଆପଣଙ୍କର ଅଫିସର କାମ ଅଧୁରା ନରହିଯାଏ ସେଥିପାଇଁ ଧ୍ୟାନ ଦିଅନ୍ତୁ । ତେଣୁ ଅଫିସ୍ କାମର ମଧ୍ୟ ତାଲିକା କରନ୍ତୁ । ଯଦି ଆପଣ ଅଧିକ ଦିନ ଛୁଟି ନେଉଛନ୍ତି ତେବେ ତା ପୂର୍ବରୁ ନିଜର କାମ ସାରନ୍ତୁ । ଯେପରି ଆପଣଙ୍କ ଅନୁପସ୍ଥିତିରେ ସେମାନେ କୌଣସି ସମସ୍ୟାରେ ନ ପଡିବେ । ଅଫିସରେ ମଧ୍ୟ ଜରୁରୀ କାମକୁ ତାଲିକାରେ ଆଗରେ ରଖନ୍ତୁ ।

**ଯୋଜନା ପ୍ରସ୍ତୁତ କରି କାମ କରନ୍ତୁ–** ସବୁବେଳେ ଏହି ସମୟରେ ବିଭିନ୍ନ ଯୋଜନା ପ୍ରସ୍ତୁତ କରି କାମ କରନ୍ତୁ, ଯାହା ଫଳରେ ଆପଣ କେବେ ବି କୌଣସି ସମସ୍ୟାରେ ପଡିବେ ନାହିଁ । କେତେବେଳେ ଘର କାମ କରିବେ ଓ କେତେବେଳେ ଅଫିସ କାମ କରିବେ ଏହାର ତାଲିକା ପ୍ରସ୍ତୁତ କରନ୍ତୁ, ଯାହା ଫଳରେ କାମ ଜଲଦି ସରିବା ସହିତ କୌଣସି ଅସୁବିଧା ମଧ୍ୟ ହେବ ନାହିଁ ।



# ଏଡିଏଚ୍ଡି



ଏଡିଏଚ୍ଡି ବା ଆଟେନ୍ସନ୍ ଡେଫିସିଟ୍ ହାଇପର୍କାଟିଭିଟି ଡିଜ୍ଅର୍ଡର ଏକ ମାନସିକ ସମସ୍ୟା ଯାହା ବିଭିନ୍ନ ବର୍ଗର ଲୋକଙ୍କ ନିକଟରେ ଦେଖିବାକୁ ମିଳିଥାଏ । ଏହି ରୋଗ ହେଲେ ପୀଡିତଙ୍କର ବିଭିନ୍ନ ସମସ୍ୟା ଯେପରି କୌଣସି କାର୍ଯ୍ୟରେ ମନ ନଲାଗିବା, ବ୍ୟବହାରରେ ପରିବର୍ତ୍ତନ ଯେପରି ହଠାତ୍ ରାଗିଯିବା କିମ୍ବା ହଠାତ୍ ଦୁଃଖ କରିବା ଆଦି ଦେଖିବାକୁ ମିଳିଥାଏ । ତେବେ ଏହାର ଲକ୍ଷଣ ଚିହ୍ନି ଚିକିତ୍ସା କରିବାର ଆବଶ୍ୟକତା ରହିଛି । ଏହା କେବଳ ବଡ ଲୋକନୁହେଁ ଛୋଟ ପିଲାଙ୍କୁ ମଧ୍ୟ ହେବାର ଡର ରହିଛି । ତେବେ ଛୋଟ ପିଲାଙ୍କ କ୍ଷେତ୍ରରେ ଏହି ଲକ୍ଷଣ ଚିହ୍ନିବା କଷ୍ଟ ହୋଇଥାଏ । ତେବେ ଯଦି ଏହାର କୌଣସି ବି ଲକ୍ଷଣ କାହା ନିକଟରେ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ ।

**ଲକ୍ଷଣ**

- କୌଣସି କାର୍ଯ୍ୟରେ ମନ ନଲାଗିବା
- ସମସ୍ୟାକୁ ବେଶି ଗୁରୁତ୍ୱଦେବା ।
- କିଛି ବି କାର୍ଯ୍ୟକୁ ସମୟରେ ପୂରା ନ କରି ପାରିବା ।
- ଏକାଥରେ ଅଧିକ କାର୍ଯ୍ୟ କରିବାରେ ଅକ୍ଷମ ହେବା ।
- କୌଣସି କାର୍ଯ୍ୟପାଇଁ ଯୋଜନା କରି ନପାରିବା ।
- ଷ୍ଟ୍ରେସ୍ ହ୍ୟାଣ୍ଡେଲ୍ ନ କରି ପାରି ଚିଡଚିଡା ହେବା ।
- ମୁଡ୍ ସୁଇଂ
- ହଠାତ୍ ରାଗିଯିବା ।

# କଦଳୀ ଇଡ୍ଲି

**ସାମଗ୍ରୀ–** ଗୋଟିଏ କପ ଇଡ୍ଲି ଆଣ, ୪ଚାମଚ ଗୁଣ୍ଡ ଗୁଡ, ସ୍ୱାଦ ଅନୁସାରେ ଲୁଣ, ଅଳ୍ପ ଗୁଜୁରାତି ଗୁଣ୍ଡ, ୧ଟା ପାଚିଲା କଦଳୀ କଟା, ଗୋଟିଏ କପ ନଡିଆ ରସ, ୨ଚାମଚ ଗୁଡ ଗୁଣ୍ଡ ।

**ପ୍ରଣାଳୀ–** ପ୍ରଥମେ ଇଡ୍ଲି ପ୍ରସ୍ତୁତ ପାଇଁ ସମସ୍ତ ସାମଗ୍ରୀ ଯଥା କଦଳୀ, ଆଣ, ଗୁଣ୍ଡଗୁଡ, ଲୁଣ, ଗୁଜୁରାତି ଗୁଣ୍ଡକୁ ମିଶାଇ ନିଅନ୍ତୁ । ଏହାପରେ ଇଡ୍ଲି ଛାଞ୍ଚରେ ତେଲ ଲଗାନ୍ତୁ ଏଥିରେ ପ୍ରସ୍ତୁତ ହୋଇଥିବା ଆଣକୁ ଦେଇ ଇଡ୍ଲି ତିଆରି କରନ୍ତୁ । ଏହାପରେ ପ୍ୟାନ୍ରେ ନଡିଆ ରସକୁ ଗରମ କରନ୍ତୁ । ଏଥିରେ ଗୁଣ୍ଡ ଗୁଡ ପକାଇ ତରଳିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଏହାପରେ ଇଡ୍ଲି ସହିତ ପରଷନ୍ତୁ ନଡିଆ ଗୁଡ ସସ୍ ।



# ଆସୁଛନ୍ତି କଙ୍ଗନା



ଫିଲ୍ମ ଏମରଜେନ୍ସି ଦେଖିବାକୁ ଅନେକ ଦିନରୁ ଫ୍ୟାନମାନେ ଚାହିଁ ବସିଛନ୍ତି । ଅନେକ ଥର ଏହାର ରିଲିଜ୍ ଡେଟ ଘୁଞ୍ଚିବା ସମସ୍ତଙ୍କୁ ନିରାଶ କରିଥିଲା । ସୋସିଆଲ ମିଡିଆରେ ଏହାର ରିଲିଜ୍କୁ ନେଇ ସବୁବେଳେ ଫ୍ୟାନମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ହେଲେ ନିକଟରେ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ଏହାର ରିଲିଜ୍କୁ ଗ୍ରୀନ ସିଗ୍ନାଲ ମଳିଛି । ସେନ୍ସର ବୋର୍ଡ ପକ୍ଷରୁ ଏହାକୁ ରିଲିଜ୍ ପାଇଁ ସୀକୃତି ମିଳି ସାରିଛି । ତେବେ ସୂଚନା ଅନୁସାରେ ଫିଲ୍ମରେ ଗୋଟିଏ ମିନିଟ୍ର କଟ ଲଗାଯାଇଛି । ଖୁବ ଜଲଦି କଙ୍ଗନା ଏହାର ରିଲିଜ୍ ଡେଟ୍ ଘୋଷଣା କରିବେ ବୋଲି ଜଣା ପଡିଛି । ଏହି ଖବରକୁ ନେଇ କଙ୍ଗନା ମଧ୍ୟ ଖୁବ ଖୁସି ଅଛନ୍ତି । ନିଜ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଖୁସି ବ୍ୟକ୍ତ କରିଛନ୍ତି । ସେ ନିଜ ଫ୍ୟାନଙ୍କୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ପ୍ରକାଶ କରିଛନ୍ତି । ଖୁବଶୀଘ୍ର ସେ ଫ୍ୟାନଙ୍କ ନିକଟକୁ ଫେରୁଛନ୍ତି ବୋଲି ପୋଷ୍ଟରେ ଉଲ୍ଲେଖ କରିଛନ୍ତି । କଙ୍ଗନାଙ୍କ ପୋଷ୍ଟ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଫ୍ୟାନମାନେ ଏଥିରେ ଖୁବ ଖୁସି ପ୍ରକଟ କରିଛନ୍ତି ।

# ବର୍ଜ୍ୟ ପରିଚାଳନାର ସୁବିଧା ଉପାୟ

ବିଶ୍ୱରେ ପ୍ରତିଦିନ ଶହଶହ କିଲୋର ଆବର୍ଜନା ଗଦା ହେବାରେ ଲାଗିଛି । ଏହି ସଂଖ୍ୟା ଦିନକୁ ଦିନ ବଢିବାରେ ମଧ୍ୟ ଲାଗିଛି । ତେବେ ଏହି ଆବର୍ଜନା କାରଣରୁ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଭୋଗିବାକୁ ପଡୁଛି । ଯାହାକୁ ଦୃଷ୍ଟିରେ ରଖି ବିଭିନ୍ନ ଦେଶ ଭିନ୍ନଭିନ୍ନ ପଦକ୍ଷେପ ନେବାରେ ଲାଗିଛନ୍ତି । ଏହି ଦେଶମାନଙ୍କ ଭିତରୁ ଏଭଳି କିଛି ଦେଶ ଅଛି ଯାହାର ପଦକ୍ଷେପକୁ ସମଗ୍ର ବିଶ୍ୱରେ ପ୍ରଶଂସା ମିଳିଥାଏ । ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ଖୁବ ଭାଇରାଲ ହୋଇଥିଲା ଯେଉଁଥିରେ ସିଙ୍ଗାପୁରର ଉନ୍ନତମାନର ଆବର୍ଜନା ମ୍ୟାନେଜ୍ମେଣ୍ଟ ଦେଖିବାକୁ ମିଳୁଛି । ଏଥିରେ ଅନେକ ନୂତନ ପଦକ୍ଷେପକୁ ସ୍ଥାନ ଦିଆଯାଇଛି ଯେପରି ପ୍ଲାଷ୍ଟିକ୍କୁ ଭାଙ୍ଗି ରାସ୍ତା ନିର୍ମାଣ ଭଳି ପଦକ୍ଷେପ ରହିଛି । ଏହାକୁ ଏକ ପ୍ରୋଜେକ୍ଟ ଅଧିନରେ କରାଯାଉଛି । ପ୍ରତିଦିନ ପାଖାପାଖି ୨ ହଜାରଟି ଟ୍ରକରେ ଦେଶରୁ ପ୍ଲାଷ୍ଟିକକୁ ଏକାଠି କରି ଏକ ପ୍ଲାଣ୍ଟକୁ ସ୍ଥାନାନ୍ତର କରାଯାଉଛି । ଏହି ପ୍ଲାଣ୍ଟରେ ଏହି ପ୍ଲାଷ୍ଟିକ୍କୁ ବ୍ୟବହାର କରି ବିଦ୍ୟୁତ୍ଶକ୍ତି ଉତ୍ପାଦନ କରାଯାଉଛି, ଯାହାକୁ ସେଠାରେ ଲୋକଙ୍କୁ ଯୋଗାଯାଉଛି । ଏହିଭଳି ଅନେକ ଉନ୍ନତକ୍ଷମ ଉପାୟକୁ ଏଠାରେ ବ୍ୟବହାର କରାଯାଉଛି । ଏଠିକାର କର୍ମଚାରୀ ରିସାଇକ୍ଲିଂ, ରି ୟୁଜିଂ, ୱେଷ୍ଟ ଟ୍ରିଟମେଣ୍ଟ ଉପରେ ଖୁବ ଅଧିକ ଧ୍ୟାନ ଦେଇଥାଆନ୍ତି । ଭିଡିଓରେ ଏହି ସବୁ ପ୍ରକ୍ରିୟାକୁ ଖୁବ ଭଲଭାବେ ଦର୍ଶାଯାଇଛି, ଭିଡିଓଟି ୟୁଜର୍ସଙ୍କୁ ଖୁବ ଆଶ୍ଚର୍ଯ୍ୟ କରୁଛି । ସବୁ ଦେଶ ଏଭଳି ପଦକ୍ଷେପ ଆପଣାଇଲେ ଆବର୍ଜନାକୁ ଖୁବ ଭଲ ଭାବେ ମ୍ୟାନେଜ୍ କରିପାରିବେ ବୋଲି ୟୁଜର୍ସମାନେ ମତ ଦେଇଛନ୍ତି ।



# ବିଶ୍ୱର ସବୁଠୁ ଛୋଟ ୱାଶିଂମେସିନ୍

ଆନ୍ଧ୍ରପ୍ରଦେଶର ସାଇ ତିରୁମଲାନୀଦି ବିଶ୍ୱର ସବୁଠୁ ଛୋଟ ୱାଶିଂମେସିନ୍ ପ୍ରସ୍ତୁତ କରି ନିଜକୁ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନିତ କରିଛନ୍ତି । ଏହି ମେସିନ୍ର ଆକାର ୧.୪୫ ଇଞ୍ଚ, ୧.୬୧ ଇଞ୍ଚ ଓ ୧.୬ଇଞ୍ଚ ହେବ । ଗିନିଜ୍ ବିଶ୍ୱ ରେକର୍ଡର ରିପୋର୍ଟ ମୁତାବକ, ବ୍ୟକ୍ତିଗତ ଭାବେ ସାଇ ଏହି ଉପଲବ୍ଧିକୁ ହାସଲ କରିଛନ୍ତି । ଏହା ଏତେ ଛୋଟ ହେବା ସତ୍ତ୍ୱେ ଛୋଟ ଛୋଟ ଜିନିଷକୁ ସଫା କରିବାରେ ସକ୍ଷମ ହୋଇପାରୁଛି । ୨୦୦୪ ମସିହାରେ ଜନ୍ମିତ ସାଇ ଏହା ପୂର୍ବରୁ ବିଶ୍ୱର ସବୁଠୁ ଛୋଟ ଏୟାର୍କୁଲର୍ ପ୍ରସ୍ତୁତ କରି ରେକର୍ଡ କରିସାରିଛନ୍ତି । ୧୭ ବର୍ଷ ବୟସରେ ସେ ୨୦୨୨ ମସିହା ମାର୍ଚ୍ଚ ୫ରେ ୩୦ ମିଲିମିଟର, ୧୨.୪ ମିଲିମିଟର, ୧୭ ମିଲିମିଟର ଆକାରର ଏୟାର୍କୁଲର ପ୍ରସ୍ତୁତ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ନିଜକୁ ସାମିଲ କରିଛନ୍ତି । ଏହି ମିନିଏଚର ଡିଭାଇସ୍ଟି ୧.୮ ଭୋଲ୍ଟ ବାଟେରୀରେ ପରିଚାଳିତ ହେଉଥିବାବେଳେ ଏଥିରେ ମୋଟର, ତାର ଓ ଭେସଲିନ ଜେଲି ପୂର୍ଣ୍ଣ ଜାର୍ ବ୍ୟବହାର କରାଯାଇଛି ।










ମୁମ୍ବାଇ ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଓ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା

### ପୁରୀ ଜିଲ୍ଲା ଅନ୍ତର୍ଗତ ଐତିହ୍ୟ ପ୍ରକଳ୍ପର ସମୀକ୍ଷା ବୈଠକ

# ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର (ସବ୍ୟୁ): ପୁରୀ ଜିଲ୍ଲା ଅନ୍ତର୍ଗତ ଐତିହ୍ୟ ପ୍ରକଳ୍ପର ସମୀକ୍ଷା ବୈଠକ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଯୁଗ୍ମ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି, ବାକିଥିବା କାର୍ଯ୍ୟ ଏବଂ ପ୍ରକଳ୍ପ ନବୀକରଣ ପାଇଁ ନୂଆ ଡିପିଆର ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳମ ବିଦ୍ୟାଳୟ ନିର୍ମାଣ, ହରଚଣ୍ଡୀ ସାହି ସ୍ଥିତ ସେବାୟତମାନଙ୍କ ଆବାସିକ ପ୍ରକଳ୍ପ, ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ କୋଠା ଓ ରଘୁନନ୍ଦନ ପାଠାଗାର ନିର୍ମାଣ, ଶ୍ରୀଗୁଣ୍ଡିଚା ମନ୍ଦିରର ରୋଷଘର ଓ ପାରିପାର୍ଶ୍ୱିକ ବିକାଶ, ପ୍ରମୋଦ ଉଦ୍ୟାନର ବିକାଶ, କୋଣାର୍କ ଐତିହ୍ୟ ଅଞ୍ଚଳ ବିକାଶ ପ୍ରକଳ୍ପ, ମୂଷା ନଦୀର ପୁନରୁଦ୍ଧାର, ପୁରୀ ହ୍ରଦର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ, ଦିଗବାରେଣୀର ବହୁମୁଖୀ ଯାନ ରହଣି ସ୍ଥଳ, ଆଚାର୍ଯ୍ୟ ହରିହର ଛକରୁ ଜାତୀୟ ରାଜପଥ ୩୧୬ ପର୍ଯ୍ୟନ୍ତ ରାସ୍ତାର ବିକାଶ, ସିପସରୁବାଲି ଗାଡି ପାର୍କିଂ, ସମୁଦ୍ର କୂଳରେ ଜୈବ ଶୌଚାଳୟ ନିର୍ମାଣ, ଓଡ଼ିଆ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ପର୍ଯ୍ୟାୟ ବିକାଶ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥି ସହିତ ପିପିଲି ଠାରେ ଚାନ୍ଦୁଆ ହବ୍ ପାଇଁ ଜମି ଚିହ୍ନଟ, ଶ୍ରୀମନ୍ଦିରର ୭୫ ମିଟର ମଧ୍ୟରେ ମଠ ଓ ମନ୍ଦିର ମରାମତି ଏବଂ ନବୀକରଣ, ଅଠରନଳା ଐତିହ୍ୟ ପ୍ରକଳ୍ପ, ଶ୍ରୀ ଅଲାରନାଥ ପୀଠର ସମନ୍ୱିତ ବିକାଶ, କାକଟପୁର ମା'ମଙ୍ଗଳା ପୀଠର ବିକାଶ, ବକୁଳବନର ସୌନ୍ଦର୍ଯ୍ୟକରଣ ଓ ଶ୍ରୀସେତୁ ଠାରେ ପିଣ୍ଡି ନିର୍ଦ୍ଧାରଣ ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭାଗୀୟ ଶାସନ ସଚିବ, ଜିଲ୍ଲା ପ୍ରଶାସନ ଓ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂ ସ୍ଥଳ, ଉତ୍ତର ପାର୍ଶ୍ୱ ମଠ ଏବଂ ପ୍ରମୋଦ ଉଦ୍ୟାନ ସ୍ଥଳ ପରିଦର୍ଶନ କରି ଏହାର ବିକାଶ ନେଇ ଆଲୋଚନା କରିଥିଲେ । ଆଜିର ବୈଠକରେ ପୁରୀ ବିଧାୟକ ସୁନୀଲ ମହାନ୍ତି, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ କୁମାର ପଟ୍ଟନାୟକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଭି ଭି ଯାଦବ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲ୍ଲା ଆରକ୍ଷୀ ଅଧିକାରୀ ବିନୀତ ଅଗ୍ରାଲ, ଇଆଇସି ସିଭିଲ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।



## ଘରୋଇ ବସ ମାଲିକଙ୍କ ମହାନତା

ବାରଙ୍ଗ,(ସବ୍ୟୁ) : ଶନିବାର ଦିନ ଜଣେ ବସ ମାଲିକ ଯାତ୍ରୀଙ୍କ ଲାପ୍ ଟପ୍ ଓ କିଛି ଟଙ୍କା ଭର୍ତ୍ତି ବ୍ୟାଗକୁ ଫେରାଇ ନିଜର ସଚ୍ଚୋଟ ପଣିଆକୁ ପ୍ରମାଣିତ କରିଛନ୍ତି ବସ ମାଲିକ। । ତାଙ୍କର ଏଭଳି ମହାନ କାର୍ଯ୍ୟ ପାଇଁ ସମସ୍ତେ ତାଙ୍କୁ ପ୍ରଶଂସା କରିଛନ୍ତି । ସୂଚନା ଯୋଗ୍ୟ ଯେ , ଶୁକ୍ରବାର ଦିନ ବ୍ରହ୍ମପୁର ଅଞ୍ଚଳର ଅଭିଳାଷ କୁମାର ପାତ୍ର ନାମକ ଯୁବକ ନିଜ ସାଙ୍ଗମାନଙ୍କ ସହିତ ନନ୍ଦନକାନନ ଚିଡ଼ିଆଖାନା ବୁଲିବା ପାଇଁ ଆସିଥିଲେ । ନନ୍ଦନକାନନ ବୁଲି ସାରିବା ପରେ ନନ୍ଦନକାନନ ବସ ଷ୍ଟାଣ୍ଡ ରେ ଓଡି ୦୨ ଏଜେଡ୍ ୨୭୪୭ ନମ୍ବର ଯୋଗମାୟା ନାମକ ବସ ରେ ବସି ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନି ଯାଇଥିଲେ । ସେଠାରେ ବସରୁ ଓହ୍ଲାଇ ପଳାଇଥିଲେ ।କିନ୍ତୁ ଗାଡ଼ିରେ ଲାପ୍ ଟପ୍ ଓ କିଛି ଟଙ୍କା ଭର୍ତ୍ତି ବ୍ୟାଗକୁ ଛାଡ଼ିଦେଇଥିଲେ। ବ୍ୟାଗ୍ ଟି କେଉଁଠି ଛାଡ଼ି ଦେଇଛନ୍ତି ଭାବି ବହୁତ ଖୋଜା ଖୋଜି କରି ନିରାଶ ହୋଇଥିଲେ। ଅନ୍ୟପଟେ ବସକର୍ମଚାରୀ ବ ରେ ଗୋଟିଏ ବ୍ୟାଗ୍ କେହି ଛାଡ଼ି ଦେଇଛନ୍ତି ବୋଲି ବସ ମାଲିକ ତ୍ରିଲୋଚନ ରାଉତ ଙ୍କୁ ସୂଚନା ଦେଇଥିଲେ । ମାଲିକ ବ୍ୟାଗ୍ ରେ ଥିବା ଆଧାର କାର୍ଡ ରେ ମୋବାଇଲ ନମ୍ବରରେ ପାଇ ଅଭିଳାଷ କୁ କଲ କରି ଉକ୍ତ ବ୍ୟାଗ୍ କୁ ଫେରାଇଛନ୍ତି। ଏହି ବ୍ୟାଗ୍ ପାଇ କୁ ପାଇ ମାଲିକ କୁ ସାଧୁବାଦ୍ ଜଣାଇଛନ୍ତି । ପୂର୍ବରୁ ମଧ୍ୟ ବହୁ ମୋବାଇଲ ଫୋନ ବ୍ୟାଗ୍ କୁ ଫେରାଇଥିବା ନଜିର ରହିଛି । ତାଙ୍କର ଏଭଳି କାର୍ଯ୍ୟ କୁ ଦେଖି ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

### ନୂଆଦିଲ୍ଲୀରେ ଜାତୀୟ ରବି ଫସଲ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ

# ଓଡ଼ିଶାର ବିଭିନ୍ନ ଦାବି ଉପସ୍ଥାପିତ

ଭୁବନେଶ୍ୱର, (ସବ୍ୟୁ): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଜାତୀୟ ରବି ଫସଲ କାର୍ଯ୍ୟକ୍ରମରେ ଯୋଗଦାନ କରି ରାଜ୍ୟରେ କୃଷି ସମ୍ବନ୍ଧୀୟ ବିଭିନ୍ନ ରବି କାର୍ଯ୍ୟକ୍ରମ ସମ୍ପର୍କରେ ମତ ପୋଷଣ କରିଥିଲେ । ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ଡ଼ାଲି ଓ ତୈଳବୀଜ ଫସଲ ଚାଷକୁ ୨.୫ ଲକ୍ଷ ହେକ୍ଟର ଜମିରେ କରିବା ପାଇଁ ଆର୍ଥିକ ସହାୟତା ଯୋଗାଇବା ପାଇଁ ପ୍ରସ୍ତାବ ରଖିଥିଲେ । ଏଥି ସହ ସୂର୍ଯ୍ୟମୁଖୀ, ଚିନାବାଦାମ ଚାଷ ସହ ମହୁମାଛି ପାଳନ ନିମନ୍ତେ ହେକ୍ଟର ପ୍ରତି କ୍ଷେତ୍ର ପ୍ରଦର୍ଶନ ଖର୍ଚ୍ଚକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ନିକଟରେ ଦାବି ଉପସ୍ଥାପନା କରିଛନ୍ତି । କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ବିଭିନ୍ନ ରାଜ୍ୟର କୃଷି ମନ୍ତ୍ରୀମାନେ ଏହି ସମ୍ମିଳନୀରେ ଯୋଗଦେଇଥିଲେ । ରାଷ୍ଟ୍ରୀୟ ବିକାଶ ଯୋଜନା ଅନ୍ତର୍ଗତ କୃଷି ବନୀକରଣ କାର୍ଯ୍ୟକ୍ରମରେ ରାଜ୍ୟରୁ ପ୍ରଦାନ କରାଯାଇଥିବା ୮.୩୪ କୋଟି ଟଙ୍କାର ବାର୍ଷିକ କାର୍ଯ୍ୟକ୍ରମ ଯୋଜନାକୁ ଅନୁମୋଦନ ନିମନ୍ତେ ପ୍ରସ୍ତାବ ରଖିଛନ୍ତି । ରାଜ୍ୟର ପ୍ରାକୃତିକ ଦୁର୍ବିପାକ ପ୍ରବଣତାକୁ ଆଖି ଆଗରେ ରଖି ଉପକୂଳ ଓଡ଼ିଶାରେ ଖାଲୁଆ ଅଞ୍ଚଳ କୃଷି ଗବେଷଣା କେନ୍ଦ୍ର ଏବଂ ପଶ୍ଚିମ ଓଡ଼ିଶାରେ କୃଷି ଯାନ୍ତ୍ରିକୀକରଣ ବ୍ୟାପକିକରଣକୁ ନୂଆ ରୂପଦେବା ପାଇଁ ଏକ କୃଷି ଯନ୍ତ୍ରପାତି ବିକଶିତ, ତାଲିମ ଏବଂ ପରୀକ୍ଷଣ କେନ୍ଦ୍ର ସ୍ଥାପନା ପାଇଁ ପ୍ରସ୍ତାବ ରଖିଛନ୍ତି । ଏହି ସମ୍ମିଳନୀରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ଏବଂ ନିର୍ଦ୍ଦେଶକ ଇମେଜ ଡ଼ଃ ରାଜେଶ ଦାସ ଯୋଗଦାନ କରିଥିଲେ ।



# ମଦୁଆଙ୍କ ଉତ୍ପାତ, ଖୋଲା ମେଲାରେ ମଦ୍ୟପାନ

ଭୁବନେଶ୍ୱର, (ତଥ୍ୟ): ମଦୁଆଙ୍କ ଉତ୍ପାତରେ ରାଜଧାନୀରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭକରି ଭିଭିଆଇପିମାନେ ଅତିଷ୍ଠ ହେଉଥିବାବେଳେ ଖୋଲାମେଲାରେ ମଦପାନ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି । ମଦୁଅମାନେ ମଦ କିଣି ତାହାକୁ ସହଜରେ ମଦଦୋକାନ ନିକଟରେ ସେବନ କରି ମାତାଲାହୋଇ ରାସ୍ତାରେ ବୁଲୁଛନ୍ତି । ନିଶାଡିଙ୍କ ପାଇଁ ସରକାର ଦୁଇ ପ୍ରକାର ମଦ ଦୋକାନକୁ ଲାଇସେନ୍ସ ଦେଇଛନ୍ତି । ଗୋଟିଏ ହେଲା ଠିପି ବନ୍ଦ ଓ ଅନଟି ହେଲା ଠିପି ଖୋଲା । ଠିପିବନ୍ଦ ମଦ ଦୋକାନରୁ ଲୋକେ ମଦ କିଣି ନେଇପାରିବେ । ହେଲେ ତାହାକୁ ସେଠାରେ ପିଆଯାଇ ପାରିବନାହିଁ । ଠିପିଖୋଲା ମଦ ଦୋକାନରେ ଲୋକେ ବସିକି ମଦ ପିଇପାରିବେ । ଏଥିପାଇଁ ମଦୁଆମାନଙ୍କୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ । ଠିପି ବନ୍ଦ ମଦ ଦୋକାନ ନିକଟରେ ମଦପାନ ଦଣ୍ଡନୀୟ ହୋଇଥିବାବେଳେ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁବିଧା ହେତୁ ମଦୁଆମାନେ ସେହିଠାରେ ହିଁ ମଦପାନ କରୁଛନ୍ତି । ରାଜଧାନୀର ଅଧିକାଂଶ ମଦ ଦୋକାନ ନିକଟରେ ଏବେ ମାଳ ମାଳ ଚାଖଣା ଦୋକାନ । ସେଠାରେ ଅଣ୍ଡାପାଣି ଠାରୁ ଆରମ୍ଭକରି ମୃଦୁପାନୀୟ, ସୋଡା, ପ୍ଲାଷ୍ଟିକ ଗ୍ଲାସ, ଚାଖଣା ପାଇଁ ମାଛଭଡା, ଚିକେନ କଷା, ଛେଳିମୁଣ୍ଡ ଛେଚେଡା, ବୁଟଭଜା, କାକୁଡି ସାଲାଡ ଆଦି ସବୁକିଛି ମିଳୁଛି । ଏଥିପାଇଁ ସଞ୍ଜ ହେଲେ ଏକାଧିକ ବବସାୟୀ ପସରା ଖୋଲି ବସୁଛନ୍ତି । ଫଳରେ ମଦୁଆଟି ଦୋକାନରୁ ମଦ କିଣି ସେହିଠାରେ ହିଁ ସ୍ୱଳ୍ପ ଖର୍ଚ୍ଚରେ ତାକୁ ପିଉଛି ଓ ମାତାଲ ହୋଇ ରାସ୍ତାକୁ ବାହାରୁଛି ।

ପୂର୍ବତନ ପୁଲିସ କମିଶନର ଡାକ୍ତର ରାଜେନ୍ଦ୍ର ପ୍ରସାଦ ଶର୍ମା ମଦୁଆଙ୍କ ଏଭଳି ଉତ୍ପାତକୁ ନିୟନ୍ତ୍ରଣ ଲାଗି ମଦଦୋକାନ ପାଇଁ ମାର୍ଗଦର୍ଶିକା ଜାରି କରିଥିଲେ ଯେଉଁଥିରେ ମଦ ଦୋକାନ ଆଖପାଖରେ ଚାଖଣା ଦୋକାଲ ଖୋଲିବା ଉପରେ କଟକଣା ଥିଲା । ଏପରିକି ଏଭଳି ଦୋକାନ ଖୋଲିଲେ ମଦ ଦୋକାନୀମାନେ ଦାୟୀ ରହିବେ ବୋଲି କୁହାଯାଇଥିଲା । ଏଥି ସହିତ ସବୁ ମଦ ଦୋକାନୀ ସିସିଟିଭି ଲଗାଇବା ବାଧତାମୂଳକ କରାଯାଇଥିଲା ଯେଉଁଥିରେ ମାସେ ପର୍ଯନ୍ତ ରେକର୍ଡିଂ ରହିପାରିବ । ହେଲେ ଏହି ନିୟମକୁ ଏବେ କେହି ମାନୁନାହାନ୍ତି । ମଦ ଦୋକାନୀମାନେ ଚାଖଣା ଦୋକାନୀଙ୍କୁ ଏକ ପ୍ରକାର ଉତ୍ସାହିତ କରୁଥିବାବେଳେ ପୁଲିସ ମୂକଦର୍ଶକ ସାଜିଛି । ଫଳରେ ଯେଉଁମାନେ ମଦ କିଣି ନେଇ ଘରେ କିମ୍ବା ଅନ ଆବଦ୍ଧ ସ୍ଥାନରେ ମଦପାନ କରିଥାନ୍ତେ ସେମାନେ ଏବେ ମଦ ଦୋକାନ ସାମ୍ନାରେ ତାହାକୁ ସେବନ କରି ମାତାଲ ହୋଇ ବାହାରିବା ସହିତ ରାସ୍ତାରେ ଯାହାକୁ ପାରୁଛନ୍ତି ତାକୁ ନିଶାସକ୍ତ ଅବସ୍ଥାରେ ଅସଦବବହାର କରୁଛନ୍ତି । ସେନାର ଜଣେ ମେଜର ଓ ତାଙ୍କ ବାନ୍ଧବୀ ମଦୁଆଙ୍କ ହାବୁଡରେ ପଡିବାର ଅଳ୍ପଦିନ ପରେ ଏବେ ତଟରକ୍ଷୀ ବାହିନୀର ଡିଆଇଜି ଓ ତାଙ୍କ ପତ୍ନୀ ମଧ୍ୟ ମଦୁଆଙ୍କ ଅସଦାଚରଣର ଶିକାର ହୋଇଛନ୍ତି । ଏହି ଦୁଇଟି ମାମଲା ଥାନାକୁ ଆସିଥିବାବେଳେ ଅନ ବହୁ ମାମଲାରେ ଲୋକେ ମଦୁଆଙ୍କ ହାବୁଡରେ ପଡୁଥିଲେ ମଧ୍ୟ ଭୟରେ ଥାନାକୁ ଆସୁନାହାନ୍ତି । ତେବେ ମଦୁଆମାନେ ସହଜରେ ମଦପାନର ସୁବିଧା ପାଉଥିବାରୁ ରାଜଧାନୀରେ ଦିନକୁ ଦିନ ଏମାନଙ୍କ ଉତ୍ପାତ ବଢିବାରେ ଲାଗିଛି ।

### ଶିକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ୭ ଦିନିଆ

# ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ଗସ୍ତରେ ଯିବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର (ସବ୍ୟୁ): ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ପ୍ରତିନିଧି ମଣ୍ଡଳୀ ସହ ଅକ୍ଟୋବର ୨୦ରୁ ୨୬ ପର୍ଯ୍ୟନ୍ତ ୭ ଦିନିଆ ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ଗସ୍ତରେ ଯାଉଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ଶିକ୍ଷା କ୍ଷେତ୍ରରେ ଉଭୟ ଦେଶର ସହଯୋଗ, ଭାଗିଦାରୀ ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରିବ । ସିଙ୍ଗାପୁରର ଗସ୍ତ କାଳରେ ଶ୍ରୀ ପ୍ରଧାନ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବେ । ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ, ଉପପ୍ରଧାନମନ୍ତ୍ରୀ ଗାନ୍ କିମ୍ ୟୋଙ୍ଗ, ଶିକ୍ଷା ମନ୍ତ୍ରୀ ଚାନ୍ ଚୁନ୍ ସିଂ ଏବଂ ବୈଦେଶିକ ମନ୍ତ୍ରୀ ଭିଭିଆନ୍ ବାଲକ୍ରିଷ୍ଣନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ଛ ଶ୍ରୀ ପ୍ରଧାନ ଏସିଆର ଏକ ନମ୍ବର ସ୍ଥାନରେ ଥିବା ସିଙ୍ଗାପୁରର ନ୍ୟାସନାଲ ୟୁନିଭର୍ସିଟି ପରିଦର୍ଶନ କରିବେ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)କୁ ଦୃଷ୍ଟିରେ ରଖି ସିଲାବସ୍ ଏକତ୍ରିତ ସମ୍ପର୍କରେ ଆଲୋଚନା କରିବା ପାଇଁ ସେ ଏକ ସ୍ଥାନୀୟ ସେକେଣ୍ଡାରୀ ସ୍କୁଲ ପରିଦର୍ଶନ କରିବେ । ଶିକ୍ଷାବିତ୍, ଆଇଆଇଟି ଓ ଆଇଆଇଏମର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଭେଟି ଉଭୟ ଦେଶର ଶିକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ଚର୍ଚ୍ଚା କରିବେ । ଅଷ୍ଟ୍ରେଲିଆ ଗସ୍ତ ସମୟରେ ଶ୍ରୀ ପ୍ରଧାନ ମେଲବର୍ଣ୍ଣରେ ଅଷ୍ଟ୍ରେଲିଆର ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାରଙ୍କୁ ଭେଟିବେ ଛ 'ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ'ରେ ଯୋଗଦେବେ । ଶିକ୍ଷାର ସମନ୍ୱିତ ଆଭିମୁଖ୍ୟ ପାଇଁ ସାଉଥ୍ ମେଲବର୍ଣ୍ଣ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବେ ଛ ଏହାବ୍ୟତିତ ମେଡଟେକ୍, ପ୍ରୋଟୋଟାଇପିଂ ଏବଂ ବିର୍ନିମାଣ କ୍ଷେତ୍ରରେ ଜଣାଶୁଣା ଆରଏମଆଇଟି ବିଶ୍ୱବିଦ୍ୟାଳୟର 'ଡିସ୍କଭରୀ ଟୁ ଡିଭାଇସ୍' ପରିଦର୍ଶନ କରିବେ ଛ ଏହି ଗସ୍ତ ମେଡିକାଲ ଟେକ୍ନୋଲୋଜିର ବାଣିଜ୍ୟିକ ଏବଂ ଡ୍ରାଇଭିଂ ଇନୋଭେସନରେ ଶିଳ୍ପ-ଏକାଡେମୀ ଲିଙ୍କେଜର ଭୂମିକା ପାଇଁ ସହଯୋଗୀ ଆଭିମୁଖ୍ୟକୁ ଅନ୍ୱେଷଣ କରିବ ।

ଶ୍ରୀ ପ୍ରଧାନ ଭିକ୍ଟୋରିଆର ପ୍ରଧାନମନ୍ତ୍ରୀ ଜାକିଣ୍ଟା ଆଲାନଙ୍କୁ ଭେଟିବେ ଛ ମୋନାଶ ବିଶ୍ୱବିଦ୍ୟାଳୟର ଇନୋଭେସନ ଲ୍ୟାବ୍ ଏବଂ ସେଣ୍ଟର ଫର୍ ନାନୋ-ଫେବ୍ରିକେସନ୍ ପରିଦର୍ଶନ କରିବେ । ମେଲବର୍ଣ୍ଣରେ ରହିବା ସମୟରେ ଶ୍ରୀ ପ୍ରଧାନ ବରିଷ୍ଠ ଭାରତୀୟ ବଂଶଭୋବର ବରିଷ୍ଠ ଶିକ୍ଷାବିତଙ୍କ ସହ ଆଲୋଚନା କରିବେ । ପ୍ରାରମ୍ଭିକ ଶିଶୁ ଶିକ୍ଷା କାର୍ଯ୍ୟବଳକୁ ଙ୍କୁ ଶିକ୍ଷିତ କରିବାରେ ଭାଗିଦାରୀର ସୁଯୋଗ ଅନ୍ୱେଷଣ ପାଇଁ ଶ୍ରୀ ପ୍ରଧାନ ସିଡନୀର 'ଅବର୍ଣ୍ଣ ଲଙ୍ଗ ଡେ ଚାଇଲ୍ଡ କେୟାର ସେଣ୍ଟର' ପରିଦର୍ଶନ କରିବେ । ଇନୋଭେଟିଭ୍ ରିସର୍ଚ୍ଚ ୟୁନିଭର୍ସିଟି (ଆଇଆରୟୁ)ର ପ୍ରତିନିଧିମାନଙ୍କ ସହ ଆଲୋଚନା କରିବେ ଏବଂ ଦ୍ୱିତୀୟ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦରେ ଯୋଗ ଦେବେ । ଗସ୍ତର ଶେଷ ଦିନରେ ଶିକ୍ଷା ମନ୍ତ୍ରୀ ଗ୍ରାନଭିଲ୍ ସାଉଥ୍ କ୍ରିଏଟିଭ୍ ଆଣ୍ଡ ପର୍ଫର୍ମିଂ ଆର୍ଟସ୍ ହାଇସ୍କୁଲ ଓ ମ୍ୟାକ୍ୱାରି ପାର୍କ ଇନୋଭେସନ୍ ଡିଷ୍ଟ୍ରିକ୍ଟ (ଏମପିଆଇଡି) ପରିଦର୍ଶନ କରିବେ । ଏହା ପରେ ଶ୍ରୀ ପ୍ରଧାନ ଅଷ୍ଟ୍ରେଲିଆର ସବୁଠାରୁ ଗବେଷଣା ଭିତ୍ତିକ ବିଶ୍ୱବିଦ୍ୟାଳୟଗୁଡ଼ିକର 'ଗ୍ରୁପ୍ ଅଫ୍ ୮' ଦ୍ୱାରା ଆୟୋଜିତ ଭାରତୀୟ ଗବେଷକ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ପ୍ରଧାନ କେନସିଙ୍ଗଟନ ସ୍ଥିତ ଟିରି ଏନର୍ଜି ଟେକ୍ନୋଲୋଜି ଭବନରେ ୟୁଏନଏସଭି ଏନର୍ଜି ଇନଷ୍ଟିଚ୍ୟୁଟ ଏବଂ ରିସାଇକ୍ଲିଂ ଆଣ୍ଡ କ୍ଲିନ୍ ଏନର୍ଜି (ଟ୍ରେସ୍) ପାଇଁ ଟ୍ରେଲବ୍ଲେଜର ପରିଦର୍ଶନ କରିବେ । ଏଠାରେ ସେ ୟୁଏନ୍‌ଏସଡବ୍ଲୁ ଏନର୍ଜି ଇନଷ୍ଟିଚ୍ୟୁଟ୍ ଜରିଆରେ ବାଣିଜ୍ୟିକ ପ୍ରଭାବ ସହ ବ୍ୟବହାରିକ ଗବେଷଣା ପ୍ରୟୋଗର ବାସ୍ତବ ଦୁନିଆର ଉଦାହରଣମାନ ଦେଖିବେ । କ୍ରୀଡ଼ା ଶିକ୍ଷା ଓ କ୍ରୀଡ଼ା ଗବେଷଣା କ୍ଷେତ୍ରରେ ସହଯୋଗ ଲୋଡ଼ିବା ପାଇଁ ସେ ୟୁଟିଏସ୍ ମୁର୍ ପାର୍କ ସ୍ପୋର୍ଟସ୍ ଆଣ୍ଡ ଏକ୍ସରସାଇଜ୍ ପ୍ରିସିନିକ୍ଟ ପରିଦର୍ଶନ କରିବେ । ୟୁଟିଏସର ମୁର ପାର୍କ ପରିସର ହେଉଛି ଏକ ଅତ୍ୟାଧୁନିକ ଶିକ୍ଷାଦାନ, ଗବେଷଣା ଏବଂ କ୍ରୀଡ଼ା ସୁବିଧା । ଏହି ସବୁ କାର୍ଯ୍ୟକ୍ରମରେ ଯୋଗଦେବା ପରେ କେନ୍ଦ୍ରମନ୍ତ୍ରୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ।



**ଅକ୍ଟୋବର ୨୦ରୁ ୨୬ ପର୍ଯ୍ୟନ୍ତ ସିଙ୍ଗାପୁର ଓ ଅଷ୍ଟ୍ରେଲିଆରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ**

### ସାନପୁଅ ନଜରବନ୍ଦୀରେ ଅବସରପ୍ରାପ୍ତ ସେନା ଅଧିକାରୀ

# ବୟାନ ରେକର୍ଡ କଲା ଖୋର୍ଦ୍ଧା ଓ ଭରତପୁର ପୁଲିସ

ଖୋର୍ଦ୍ଧା, (ସବ୍ୟୁଦ୍ଧ): ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲା କୋଣାର୍କ ନଗର ଅଂଚଳରେ ରହୁଥିବା ଅବସରପ୍ରାପ୍ତ ସେନା ଅଧିକାରୀ ଭୁବନେଶ୍ୱର ରାଉତରାୟ (୮୪)ଙ୍କୁ ଦୀର୍ଘଦିନ ହେବ ତାଙ୍କ ସାନପୁଅ ଅଜୟ ଭୁବନେଶ୍ୱର ଭରତପୁର ଥାନା ଅଂଚଳ ର କଳିଙ୍ଗନଗର ରେ ଏକ ଭଡାଘରେ ନଜର ବନ୍ଦୀ ରେ ରଖି ବିଭିନ୍ନ କାରଣକୁ ନେଇ ଅତ୍ୟାଚାର କରୁଥିବା ବଡପୁଅ ଅବସରପ୍ରାପ୍ତ କର୍ଣ୍ଣଲ ଅରୁଣ ରାଉତରାୟ ଅଭିଯୋଗ କରିଛନ୍ତି । ଅବସରପ୍ରାପ୍ତ କର୍ଣ୍ଣଲ ଶ୍ରୀ ରାଉତରାୟଙ୍କ ଅଭିଯୋଗ ଅନୁସାରେ, ବାପା ଭୁବନେଶ୍ୱରଙ୍କୁ ସାନଭାଇ ଅଜୟ ସମ୍ପତି ହଡପ କରିବା ଉଦ୍ଦେଶ୍ୟ ନେଇ ଦୀର୍ଘ ଦିନ ଧରି ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଛି । ଅବସରପ୍ରାପ୍ତ କର୍ଣ୍ଣେଲ ରାଉତରାୟ ଗତ ଅଗଷ୍ଟ ୩୧ରେ ଖୋର୍ଦ୍ଧା ଆଦର୍ଶ ଥାନା ରେ ଲିଖିତ ଭାବରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା । ପୁନର୍ବାର ଅବସରପ୍ରାପ୍ତ କର୍ଣ୍ଣେଲ ଅରୁଣ ଅକ୍ଟୋବର ୧୦ ତାରିଖ ରେ ଭରତପୁର ଥାନାରେ ଏବଂ ଅକ୍ଟୋବର ୧୮ତାରିଖ ରେ ଖୋର୍ଦ୍ଧା ଆଦର୍ଶ ଥାନା ରେ ସମାନ ଲିଖିତ ଅଭିଯୋଗ କରିଛନ୍ତି । ଏ ସମ୍ପର୍କ ରେ ସେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କୁ ଅବଗତ କରାଇବା ପରେ ତାଙ୍କ ନିର୍ଦ୍ଦେଶ ପ୍ରକାରେ ଖୋର୍ଦ୍ଧା ଆଦର୍ଶ ଥାନା ଏବଂ ଭରତପୁର ପୁଲିସ ର ଏକ ଟିମ ପୃଥକ ଭାବେ ନଜରବନ୍ଦୀ ରେ ଥିବା ଭୁବନେଶ୍ୱରଙ୍କ ବୟାନ ରେକର୍ଡ କରିଛି । ଭୁବନେଶ୍ୱର ତାଙ୍କ ବୟାନ ରେ ପୁଲିସ କୁ କହିଛନ୍ତି ଯେ, ଦୁଇଓଳି ଦୁଇ ଗୁଣ୍ଡା ଭାତ ଖାଇ ଏଠାରେ ପଡି ରହିଛି, ଦେହ ଭଲ ରହୁ ନାହିଁ, ଡାକ୍ତର କଣ ଔଷଧ ଦେଇଛନ୍ତି ସେ ବିଷୟରେ କିଛି ଜାଣିନି, ସକାଳେ ଉଠିଲେ ମୁଣ୍ଡ ବୁଲାଇ ହେଉଛି । ଏଠାରେ ରହିବାକୁ ଚାହୁଁନି, ବଡପୁଅ ପାଖକୁ ଯିବେ ବୋଲି ନିଜ ବୟାନ ରେ କହିଛନ୍ତି ।

ଭୁବନେଶ୍ୱର ଙ୍କ ବଡ ପୁଅ କର୍ଣ୍ଣେଲ ଅରୁଣ ତାଙ୍କ ଅଭିଯୋଗ ପତ୍ର ରେ ଉଲ୍ଲେଖ କରିଛନ୍ତି ତାଙ୍କ ସାନ ଭାଇ କୌଣସି କାମ କରୁନଥିବା ବେଳେ ବାପା ଙ୍କୁ ଧମକାଇ ସମସ୍ତ ପୈତୃକ ସମ୍ପତି ନିଜ ନାମ ରେ କରି ନେଇଛି । ଏପରିକି ତାଙ୍କ ସାନ ଭାଇ ବାପାଙ୍କୁ ଦେଖା କରିବାକୁ ଦେଉ ନଥିବା ସେ ଅଭିଯୋଗ ରେ ଉଲ୍ଲେଖ କରିଛନ୍ତି । ଲିଖିତ ଅଭିଯୋଗ କରିବାସ୍ୱତେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ନେଇ ସେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ତାଙ୍କ ବାପା ଙ୍କର କୌଣସି ଅସୁବିଧା ହେଲେ ସେଥିପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ଦାୟୀ ରହିବ ବୋଲି ସେ କହିଛନ୍ତି ।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୁରାତନ ଛାତ୍ରଙ୍କ ସମାବେଶ

ବେତନଟୀ(ସବ୍ୟୁ) ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଉପକଣ୍ଠ ବରଦାବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପୁରାତନ ଛାତ୍ରଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି ଛ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା କଳ୍ପଲତା ହାଜରାଙ୍କ ସଂଯୋଜନାରେ ଏହି ସମାବେଶ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ ଯୋଗ ଦେଇଥିଲେ । ବିଦ୍ୟାମନ୍ଦିର ର ପୁରାତନ ଛାତ୍ରଛାତ୍ରୀ ମାନେ ମୋ ବିକାଶର ଶିଶୁ ବିଦ୍ୟା ମନ୍ଦିରର ଭୂମିକା ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଦ୍ୟା ମନ୍ଦିରର ମାନସ ଗୁରୁଜୀ, ନୟନ ଗୁରୁଜୀ , ବ୍ରହ୍ମାନନ୍ଦ ଗୁରୁଜୀ, କରୁଣାକର ଗୁରୁଜୀ , ସତ୍ୟ ଗୁରୁଜୀ, ଶୁକଦେବ ଗୁରୁଜୀ , ରବି ଗୁରୁଜୀ , ମାନିନୀ ଗୁରୁମା , ସିମାନ୍ତିନୀ ଗୁରୁମା , ସୁଚିତ୍ରା ଗୁରୁମା ପ୍ରମୁଖ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଉତ୍ତମ ଭବିଷ୍ୟତ ନିର୍ମାଣ ନିମନ୍ତେ ମାର୍ଗଦର୍ଶନ କରିବା ସହ ଉଚ୍ଚାଭିଳାସୀ ହେବା ପାଇଁ ପ୍ରେରଣା ଯୋଗାଇଥିଲେ । ଉପସ୍ଥିତ ଛାତ୍ରଛାତ୍ରୀ ମାନେ ବିଦ୍ୟାମନ୍ଦିରରେ ବିତାଇଥିବା ପୁରାତନ ସ୍ମୃତିକୁ ବଖାଣିବା ସହ ବର୍ତ୍ତମାନ ଶିକ୍ଷା କ୍ଷେତ୍ରର ବିଭିନ୍ନ ଅନୁଭବ ବିଷୟରେ ଆଲୋଚନା କରିଥିଲେ ଝ ମୁଖ୍ୟତଃ ସେମାନଙ୍କ ଛାତ୍ର ଜୀବନରେ ଶିଶୁ ବିଦ୍ୟା ମନ୍ଦିରରେ ଗ୍ରହଣ କରିଥିବା ସଂସ୍କାରଯୁକ୍ତ ଶିକ୍ଷା ବର୍ତ୍ତମାନ ଶିକ୍ଷାର ବିଭିନ୍ନ କ୍ଷେତ୍ରରେ ସହଯୋଗ କରୁଥିବାର ନିଜ ନିଜର ଅନୁଭବ ପ୍ରକାଶ କରିଥିଲେ । ବିଦ୍ୟାମନ୍ଦିର ସମସ୍ତ ଗୁରୁଜୀ ଗୁରୁମା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଲକ୍ଷ୍ମୀଧର ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଟିମୁଣ୍ଡା ରୂପଯାତ୍ରା, ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

କଟକ, (ସବ୍ୟୁ): ଏକ ଶହ ବର୍ଷରୁ ଉର୍ଦ୍ଧ୍ୱ ଗୌରବମୟ ପରମ୍ପରା ବହନ କରିଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଭଟିମୁଣ୍ଡାର ପ୍ରସିଦ୍ଧ ରୂପଯାତ୍ରା ଅବସରରେ ମା' ଅମ୍ବିକା ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଟାଙ୍ଗୀ ଥାନାର ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ପାଇକରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥାନପତି ଦୁର୍ଗା ଏବଂ ନୃସିଂହନାଥଙ୍କ ସମେତ ୨୧ ପୂଜା ମଣ୍ଡପ ଏବଂ ଶାନ୍ତି କମିଟିର କର୍ମକର୍ତ୍ତାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ଭସାଣି ଯାତ୍ରାକୁ ଶାନ୍ତି ଶୃଙ୍ଖଳାରସହ ସମ୍ପନ୍ନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ମା' ଅମ୍ବିକା ପୂଜା କମିଟି ସଭାପତି ତଥା ଯୁବ ଶିଳ୍ପଦ୍ୟୋଗୀ ପ୍ରଦୀପ କୁମାର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭଟିମୁଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ ତାପସ କୁମାରର ସାହୁ, ସମିତି ସଭ୍ୟ ଭକ୍ତବତ୍ସଳ ମହାରଣା, ମୁରବୀ ଶିବନାରାୟଣ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶ୍ରୀ ଜିଉଙ୍କ ଘଣ୍ଟୁଆ ସେବକ ଗ୍ରାମ ଭାବରେ ପରିଚିତ ଭଟିମୁଣ୍ଡା ରୂପଯାତ୍ରାର ଐତିହ୍ୟ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଭାରପ୍ରାପ୍ତ ପୁଲିସ ଅଧିକାରୀ ଶ୍ରୀ ପାଇକରାୟ ଏବଂ ଫାଣ୍ଡି ଅଧିକାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ଓ ଭବାନୀ ଶଙ୍କର ସାହୁ, ସରୋଜ କୁମାର ସାହୁ, ତପନ କୁମାର ସାହୁ,ଭରତ ଚନ୍ଦ୍ର ସାହୁ, ଡମ୍ବରୁଧର ସାହୁ, ବିଜୟ କୁମାର ସାହୁ , ପୂଜକ ଦେବାଶିଷ ଦାଶ , ନାବନ ଚନ୍ଦ୍ର ସାହୁ ଏବଂ ଅମ୍ବିକା ପୂଜା କମିଟିର ସଦସ୍ୟମାନେ ଉତ୍ସବ ପରିଚାଳନା କରିଥିଲେ । ଶେଷରେ ଭକ୍ତି ସଂଗୀତ ସମାରୋହ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ, ପୂଜା କମିଟି ନିଷ୍ପତ୍ତି ଅନୁଯାୟୀ ଆସନ୍ତା ସୋମବାର ରାତି୧୦ଟା ସୁଦ୍ଧା ସମସ୍ତ ମେଢ ହାଟ ମେଲଣ ପଡିଆରେ ଏକତ୍ରିତ ହୋଇ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବିସର୍ଜନ ଶୋଭାଯାତ୍ରାରେ ବାହାରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ।



**ଜାନୁଆରୀ ୮ରୁ ଜନତା ମଇଦାନରେ ଅନୁଷ୍ଠିତ ହେବ ପ୍ରବାସୀ ଭାରତୀୟ ଦିବସ**

# ଯୋଗଦେବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଆଗାମୀ ୨୦୨୫ ମସିହା ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଓଡ଼ିଶାରେ ଅନୁଷ୍ଠିତ ହେବ ୧୮ ତମ ପ୍ରବାସୀ ଭାରତୀୟ ଦିବସ । ଏହି ସମାରୋହ ଆୟୋଜନ ପାଇଁ ଭାରତ ସରକାରଙ୍କ ବିଦେଶ ମନ୍ତ୍ରାଳୟ ତରଫରୁ ଦିଆଯାଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ଏହି ସମାରୋହର ପ୍ରସ୍ତୁତି ସଂପର୍କରେ ଗତ ଗୁରୁବାର ଅପରାହ୍ଣରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାସମୀକ୍ଷା କରିଛନ୍ତି । ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସତ୍ୟବ୍ରତ ସାହୁଙ୍କ ସମେତ ରାଜ୍ୟ ପ୍ରଶାସନର ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ସଚିବ ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ପ୍ରବାସୀ ଭାରତୀୟ ଦିବସ ପାଳନ ଆୟୋଜନ, ଭାରତ ସରକାରଙ୍କର ଏକ ପ୍ରମୁଖ କାର୍ଯ୍ୟକ୍ରମ । ଭାରତର ବିକାଶରେ ପ୍ରବାସୀ ଭାରତୀୟମାନଙ୍କର ଅବଦାନକୁ ସ୍ୱୀକୃତି ଦେବା ଏହାର ଉଦ୍ଦେଶ୍ୟ । ୧୯୧୫ମସିହା ଜାନୁଆରୀ ୯ ତାରିଖରେ ଜାତିର ଜନକ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଫେରିଥିବା ସ୍ମୃତିରେ ପ୍ରବାସୀ ଭାରତୀୟ ଦିବସ ପ୍ରତି ବର୍ଷ ପାଳନ କରାଯାଇଥାଏ । ୨୦୦୩ରୁ ଏହା ପ୍ରତିବର୍ଷ ଅନୁଷ୍ଠିତ ହୋଇଆସିଥିବା ବେଳେ ୨୦୧୫ ପରଠାରୁ ଏହା ପ୍ରତି ୨ ବର୍ଷରେ ଥରେ ଅନୁଷ୍ଠିତ ହେଉଛି । ୧୮ତମ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଛି । ଭାରତ ପ୍ରତି ପ୍ରବାସୀ ଭାରତୀୟଙ୍କ ଚିନ୍ତାଧାରା, ସେମାନଙ୍କର ଭାବନାକୁ ଦେଶବାସୀଙ୍କ ନିକଟରେ ପ୍ରକାଶ କରିବା ସହିତ ସକରାତ୍ମକ କଥାବାର୍ତ୍ତା ପାଇଁ ଏକ ମଞ୍ଚ ଯୋଗାଇବା, ନିଜ ନିଜ କ୍ଷେତ୍ରରେ ବିଶେଷ ସଫଳତା ହାସଲ କରିଥିବା ପ୍ରବାସୀ ଭାରତୀୟମାନଙ୍କୁ ସମ୍ମାନିତ କରିବା, ସେମାନଙ୍କ ଠାରୁ ଦେଶବାସୀଙ୍କ ଆଶା ବିଷୟରେ ଜଣାଇବା, ଭାରତର ଯୁବପିଢ଼ୀକୁ ପ୍ରବାସୀ ଭାରତୀୟମାନଙ୍କ ସହିତ ସଂଯୋଗ କରିବା ଆଦି ପ୍ରସଙ୍ଗରେ ଏହି ସମ୍ମିଳନୀ ଗୁରୁତ୍ୱ ବହନ କରେ । ଏହି କାର୍ଯ୍ୟକ୍ରମ ଉଭୟ ଭାରତ ସରକାର ଓ ଓଡ଼ିଶା ରାଜ୍ୟ ସରକାରଙ୍କ ସହଯୋଗରେ ଅନୁଷ୍ଠିତ ହେବ । ଏହି ବୃହତ୍ ସମ୍ମିଳନୀରେ ୫୦୦୦ ଅଂଶଗ୍ରହଣକାରୀ ଭାଗନେବେ । କାର୍ଯ୍ୟକ୍ରମରେ ବିଭିନ୍ନ ଦିବସରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସମେତ ଅନ୍ୟ କେନ୍ଦ୍ର ମନ୍ତ୍ରୀଙ୍କ ସମେତ ଦେଶ ବିଦେଶରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରବାସୀ ଭାରତୀୟ ଯୋଗଦାନର କରିବାର କାର୍ଯ୍ୟକ୍ରମ ରହିଛି ।



ଏହି ସମ୍ମିଳନୀର ପ୍ରଥମ ଦିବସରେ 'ଯୁବ ପ୍ରବାସୀ ଭାରତୀୟ ଦିବସ', ୨ୟ ଦିବସରେ ୧୮ତମ ପ୍ରବାସୀ ଭାରତୀୟ ଦିବସର ମୁଖ୍ୟ ସମାରୋହ ଓ ୩ୟ ଦିନରେ ଉଦ୍ ଯାପନୀ ସମାରୋହ ଅନୁଷ୍ଠିତ ହେବ । ଦ୍ୱିତୀୟ ଦିବସରେ ପ୍ରଧାନମନ୍ତ୍ରୀ ଯୋଗଦେଇ ପ୍ରବାସୀ ଭାରତୀୟ ତୀର୍ଥ ଏକ୍ସପ୍ରେସ୍‌ର ଡିଜିଟାଲ ଫ୍ଲାଗଅପ କରିବା କାର୍ଯ୍ୟକ୍ରମ ରହିଛି । ସମସ୍ତ ଦିବସରେ ପୂର୍ଣ୍ଣ ଅଧିବେଶନ(ପ୍ଲିନାରି ସେସନ) ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବ ଏବଂ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରବାସୀ ଭାରତୀୟ, ଅତିଥି ଓ ଅନ୍ୟ ଅଧିକାରୀମାନଙ୍କୁ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳ, ଐତିହ୍ୟ ସ୍ଥଳ, ଦର୍ଶନୀୟ ସ୍ଥାନ ଓ ସଂଗ୍ରହାଳୟ ଆଦି ପରିଦର୍ଶନ ପାଇଁ ପ୍ରସ୍ତାବ ଦିଆଯିବ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ବୈଠକରେ ପ୍ରକାଶ କରିଥିଲେ ।

ଏହି ସମାରୋହକୁ ସୁଚାରୁ ରୂପେ ଅନୁଷ୍ଠିତ କରିବା ପାଇଁ ଏକ ପରିଚାଳନା କମିଟି (ଷ୍ଟିଅରିଂ କମିଟି) ଏବଂ ଏକ କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯାଇଛି । ପରିଚାଳନା କମିଟିରେ ଭାରତ ସରକାରଙ୍କ ବାଣିଜ୍ୟିକ, ପାସପୋଟ ଏବଂ ଭିସାଡିଭି ଜନ ତଥା ଆନ୍ତର୍ଜାତିକ ବ୍ୟାପାର ସଚିବ ଅଧକ୍ଷ ଥାଇ ସଂପୃକ୍ତ ବିଭିନ୍ନ ମନ୍ତ୍ରାଳୟର ୭ ଜଣ ସଚିବଙ୍କ ସମେତ ମନ୍ତ୍ରାଳୟର ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ସଦସ୍ୟ ରହିଛନ୍ତି । ବିଭିନ୍ନ ଉପ କମିଟି ମଧ୍ୟରେ ପ୍ରବାସୀ ଭାରତୀୟ ଏବଂ ଅତିଥିମାନଙ୍କ ରହଣି, କାର୍ଯ୍ୟକ୍ରମସ୍ଥଳର ପ୍ରସ୍ତୁତି ଓ ପରିଚାଳନା, ସହର ପରିଚ୍ଛନ୍ନତା ଓ ସୌନ୍ଦର୍ଯ୍ୟକରଣ, ପରିବହନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଟ୍ରାଫିକ୍ ନିୟନ୍ତ୍ରଣ ଓ ନିରାପତ୍ତା, ଜରୁରୀକାଳୀନ ସହାୟତା କମିଟି, ଗଣମାଧ୍ୟମ ଓ ଲୋକସଂପର୍କ, ପ୍ରଦର୍ଶନୀ, ବିଭିନ୍ନ ଦେଶର ଷ୍ଟଲ, ଅଭ୍ୟର୍ଥନା, ଅର୍ଥ,ଇ-ଗଭର୍ଣ୍ଣାନ୍ ଓଆଇଟି, ଖାଦ୍ୟ ବ୍ୟବସ୍ଥା, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଅତିଥିମାନଙ୍କ ଯାତାୟତ ପାଇଁ ସମନ୍ୱୟ ନିମନ୍ତେ ସଂପର୍କ ଅଧିକାରୀକମିଟି ଆଦି ଉପ କମିଟିମାନ ଗଠନ କରାଯାଇଛି ।

**ପରିଚାଳନା କମିଟି, କାର୍ଯ୍ୟନିର୍ବାହୀ କମିଟିସହ ବିଭିନ୍ନ ଉପ କମିଟି ଗଠିତ**

**ପ୍ରସ୍ତୁତି ସଂପର୍କରେ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା**

ଓଡ଼ିଶାରୁ ମୁଖ୍ୟଶାସନସଚିବ ଏବଂ ଅତିରିକ୍ତ ମୁଖ୍ୟଶାସନ ସଚିବ, ଗୃହବିଭାଗ ସଦସ୍ୟ ରହିଛନ୍ତି । କାର୍ଯ୍ୟନିର୍ବାହୀ କମିଟିରେ ଅତିରିକ୍ତ ମୁଖ୍ୟଶାସନ ସଚିବ (ଗୃହବିଭାଗ), ଓଡ଼ିଶା ଅଧକ୍ଷ ଥିବା ବେଳେ ଓଡ଼ିଶାରୁ ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ସଚିବଏବଂ ବିଭିନ୍ନ କାର୍ଯ୍ୟ ପାଇଁ ଏବଂ ଉପ କମିଟିମାନ ଗଠନ କରାଯାଇଛି । ସମସ୍ତ କମିଟିରେ ଓଡ଼ିଶା ସମେତ ଭାରତ ସରକାରଙ୍କ ବୈଦେଶିକ

ଏହି ଅବସରରେ ମୁଖ୍ୟଶାସନସଚିବ କହିଛନ୍ତି ଯେ ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନଥିବା ହେବା ଆମ ପାଇଁ ଗୌରବ ଓ ସମ୍ମାନର ବିଷୟ ହେବ । ସଂପୃକ୍ତ ସମସ୍ତ ବିଭାଗର ସମ୍ମିଳିତ ଉଦ୍ୟମରେ ଯେପରି ଏହି ଦିବସ ସଫଳତାର ସହ ଆୟୋଜନ ହେବ, ସେଥିପାଇଁ ମୁଖ୍ୟଶାସନ ସଚିବ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି ।

### ହୋଇପାରିଲାନି ବ୍ୟାଙ୍କିଂ ପରୀକ୍ଷା

## ଘରୋଇ କଲେଜରେ ଉତ୍ତେଜନା

ଭୁବନେଶ୍ୱର, (ସବ୍ୟୁ) : ବ୍ୟାଙ୍କିଂ ପରୀକ୍ଷା ଚାଲିଥିବାବେଳେ ଦ୍ୱିତୀୟ ସିଫ୍ଟ ପରୀକ୍ଷା ନହୋଇ ପାରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା ।

ଅନ୍ଧାରୁଆ ନିକଟ ଏକ ଘରୋଇ କଲେଜରେ ବ୍ୟାଙ୍କିଂ ପରୀକ୍ଷା ଶନିବାର ଚାଲିଥିଲା । ପ୍ରଥମ ସିଫ୍ଟ ପରୀକ୍ଷା ସରିବା ପରେ ସର୍ଭର ଡାଉନ ପାଇଁ ଦ୍ୱିତୀୟ ସିଫ୍ଟ ପରୀକ୍ଷା ହୋଇପାରିଲା ନାହିଁ । ଯାହାଫଳରେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଲା । ପ୍ରାୟ ୧ଘଣ୍ଟା ଧରି ପରୀକ୍ଷାର୍ଥୀମାନେ ପରୀକ୍ଷାକେନ୍ଦ୍ର ନିକଟରେ ହୋହାଲ୍ଲା କରିବାରୁ ପରୀକ୍ଷାରେ ଡ୍ୟୁଟି ଥିବା କର୍ମଚାରୀ ଭୟଭୀତ ହୋଇ ପୋଲିସକୁ ଜଣାଇଥିଲେ । ପୋଲିସ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ଶନିବାରର ବାତିଲ ହୋଇଥିବା ପରୀକ୍ଷା କେବେ, କିଭଳି ହେବ ତାହା ସ୍ପଷ୍ଟ ହୋଇନାହିଁ । ପୂର୍ବରୁ ଏହିଭଳି ଅବ୍ୟବସ୍ଥା ଯୋଗୁ ରାଜ୍ୟ ସରକାରଙ୍କ ଅଧୀନରେ ପରିଚାଳିତ ଆରଆଇ ଓ ଅନ୍ୟାନ୍ୟ ପରୀକ୍ଷାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ସେହି ଆନ୍ଦୋଳନ ମଧ୍ୟ ଏବେ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି ।

## ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘର କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି । ଏଥିରେ ସଭାପତି ରୂପେ ଦିବାକର ସାହୁ, ଉପସଭାପତି ସୁବ୍ରତ ଶତପଥି, ସାଧାରଣ ସଂପାଦକ ବିକାଶ ରଞ୍ଜନ ମାହାଳି, ସଂପାଦକ ମନୋଜ କୁମାର ଗମାଙ୍ଗୋ, ଯୁଗ୍ମ ସଂପାଦକ ସତ୍ୟସିନ୍ଧୁ ଦାସ, ସହକାରୀ ସଂପାସକ ଶକ୍ତି ସୌରଭ ମିଶ୍ର, ସହକାରୀ ସଂପାଦକ-୨ ପଞ୍ଚାନନ ଦେଉରୀ, ସାଂସ୍କୃତିକ ସଂପାଦିକା କୁମାର ଏନ୍.ରୂପସାରାଣୀ ରେଡ୍ଡୀ, କୋଷାଧକ୍ଷ ମନୋରଞ୍ଜନ ପରିଡା ଓ ସମୀକ୍ଷା ଭାବେ ଷ୍ଟେଫି ମାଲିଆ ନିର୍ବାଚିତ ହୋଇଛନ୍ତି । ଏହି ସମସ୍ତ ନିର୍ବାଚିତ କର୍ମକର୍ତ୍ତା ଦାୟିତ୍ୱ ଗ୍ରହଣ କରିବା ସହିତ ସଂଘର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବଦ୍ଧ ପରିକର ବୋଲି କହିଛନ୍ତି ।

## ସ୍ପା'ରେ ଅନୈତିକ କାର୍ଯ୍ୟକୁ ନେଇ ମାରପିଟ୍ : ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବଡ଼ଗଡ଼ ଥାନା ଅଧୀନ ରବିଟକିଜ୍ ଛକରେ ଥିବା ଏକ ସ୍ପା'ରେ ଜଣେ ନାବାଳିକାଙ୍କୁ ଅନୈତିକ କାର୍ଯ୍ୟ ପାଇଁ ବାଧ କରାଯିବାକୁ ନେଇ ମାରପିଟ ହୋଇଥିଲା । ସେହି ମାମଲାରେ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ସ୍ପା'ରେ କାମ କରିବା ପାଇଁ ଜଣେ ନାବାଳିକାଙ୍କୁ ୧୦ହଜାର ଟଙ୍କା ଦେବା ନିମନ୍ତେ ମାଲିକ ଚୁକ୍ତି କରିଥିଲେ । ସେ ସ୍ପା'ରେ ଯାଇ କାମ ଆରମ୍ଭ କରୁକରୁ ତାଙ୍କୁ ଅନୈତିକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟ କଲେ ଅଧିକ ଟଙ୍କା ମିଳିବ ବୋଲି ନାବାଳିକାଙ୍କୁ ପ୍ରଲୋଭିତ କରାଇଥିଲେ । ସେ ରାଜି ନହେବାରୁ ତାଙ୍କୁ ପୁରୀ ନେଇ ବୁଲାଇ ଆଣି ତାଙ୍କ ମନ ପରିବର୍ତ୍ତନ କରିବାକୁ ସ୍ପା କର୍ମଚାରୀ ଚେଷ୍ଟା କରିଥିଲେ । ଶନିବାର ସେହି ନାବାଳିକା ସ୍ପା'ରେ ପହଞ୍ଚିବା ପରେ ତାଙ୍କୁ ଅନୈତିକ କାର୍ଯ୍ୟ କରିବାକୁ ବାଧ କରାଯାଇଥିଲା । ସେ ଅନୈତିକ କାର୍ଯ୍ୟ କରିବା ପରିବର୍ତ୍ତେ ଟେଲିଫୋନ ଯୋଗେ ନିଜ ଭାଇକୁ ଜଣାଇଥିଲେ । ତାଙ୍କ ଭାଇଙ୍କ ଦେହ ଖରାପ ଥିବାରୁ ସେ ତାଙ୍କର ଜଣେ ବନ୍ଧୁଙ୍କୁ ସ୍ପା ନିକଟକୁ ପଠାଇଥିଲେ । ସ୍ପା'ରେ ସେହି ବନ୍ଧୁ ପହଞ୍ଚିବା କ୍ଷଣି ତାଙ୍କୁ ରାଜ ପଟ୍ଟନାୟକ ଓରଫ ଦିପୁ ଓ ପ୍ରତିଭା ରାଉତ ଓରଫ ଖୁସି ମାଡ଼ ମାରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା ।

ଖବର ପାଇ ବଡ଼ଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଦିପୁ ଓ ଖୁସିଙ୍କୁ ଥାନାକୁ ଆଣିଥିଲେ । ନାବାଳିକା ଏତଲା କରିବାରୁ ସଂପୃକ୍ତ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ବଡ଼ଗଡ଼ ଥାନା ଇନ୍ସପେକ୍ଟର କହିଛନ୍ତି । ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି ।

## ଡେଟଲ ବନେଗା ସ୍ୱଚ୍ଛ ଇଣ୍ଡିଆ ପକ୍ଷରୁ ଗ୍ଲୋବାଲ ହ୍ୟାଣ୍ଡୱାସିଂ ଦିବସ ୨୦୨୪ ପାଳନ

ଭୁବନେଶ୍ୱର (ସବ୍ୟୁ) : ରେକିଟର ପ୍ରମୁଖ ଅଭିଯାନ ଡେଟୋଲ ବନେଗା ସ୍ୱସ୍ଥ ଇଣ୍ଡିଆ (ବିଏସଆଇ) ଗ୍ଲୋବାଲ ହ୍ୟାଣ୍ଡୱାସିଂ ଦିବସ ୨୦୨୪ ପାଳନ କରିଛି, ଯେଉଁଥିରେ ସମଗ୍ର ଭାରତରେ ୩୦ ନିୟୁତ ଶିଶୁଙ୍କୁ ସୁସ୍ଥ ଭବିଷ୍ୟତ ପାଇଁ ହାତ ଧୋଇବାର ଗୁରୁତ୍ୱ ବିଷୟରେ ଶିକ୍ଷା ଦିଆଯାଇଛି। 'ସମସ୍ତଙ୍କ ପାଇଁ କ୍ଲିନ୍ ହ୍ୟାଣ୍ଡସ୍: ଆଡଭାନ୍ସିଂ ହେଲ୍ଥ ଇକ୍ୱିଟି ଥ୍ରୁ ହାଇଜିନ୍' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ସମସ୍ତ ପୃଷ୍ଠଭୂମିର ପିଲାମାନେ ଯେପରି ଅତ୍ୟାବଶ୍ୟକ ସ୍ୱଚ୍ଛତା ଜ୍ଞାନ ପାଇପାରିବେ ତାହା ସୁନି୧/୨ିତ କରିବା ପାଇଁ ଡେଟଲ ବିଏସଆଇର ପ୍ରତିବଦ୍ଧତା ଉପରେ ଆଲୋକପାତ କରାଯାଇଥିଲା। ବିଶ୍ୱ ହାତ ଧୋଇବା ଦିବସ ୨୦୨୪ ଅବସରରେ ବିଏସଆଇ ଅଧୀନରେ ଥିବା ଡେଟଲ ସ୍କୁଲ ହାଇଜିନ୍ ଏଜୁକେସନ କାର୍ଯ୍ୟକ୍ରମରେ ୧୦୦ ରୁ ଅଧିକ ଅଂଶୀଦାରଙ୍କ ସହାୟତାରେ ୨୯ ଟି ରାଜ୍ୟ ଓ ୭ ଟି କେନ୍ଦ୍ର ଶାସିତ ଅଂଚଳର ୩୦ ନିୟୁତ ପିଲାଙ୍କୁ ନିୟୋଜିତ କରାଯାଇଛି। ଏହି ଅଭିଯାନ ସମଗ୍ର ଭାରତରେ ସର୍ବୋଦୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ଆର୍ମି ସ୍କୁଲ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ସମେତ ସରକାରୀ, ବେସରକାରୀ, ସରକାରୀ ଅନୁଦାନପ୍ରା ପ୍ତ ଏବଂ ଅଣଅନୁଦାନପ୍ରା ପ୍ତ କ୍ଷେତ୍ରର ବିଦ୍ୟାଳୟଗୁଡ଼ିକର ଅଂଶଗ୍ରହଣ ମାଧ୍ୟମରେ ଉପଯୁକ୍ତ ହାତ ଧୋଇବା କୌଶଳକୁ ପ୍ରୋତ୍ସାହିତ କରିଥିଲା ।

## ଓଡିଶାରେ ଷ୍ଟେଟ ବ୍ୟାଙ୍କର ୯୦୨ ତମ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ନୂତନ ଶାଖା କେନ୍ଦୁଝର ଜିଲ୍ଲା ଛେନାପଡି ଠାରେ ଉଦ୍ଘାଟିତ ହୋଇଯାଇଛି । ଏହା ଓଡିଶାରେ ଷ୍ଟେଟ ବ୍ୟାଙ୍କର ୯୦୨ ତମ ଶାଖା । ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥି ଏହି ଶାଖାକୁ ଉଦ୍ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅଞ୍ଚଳ ଉପ ମହାପ୍ରବନ୍ଧକ (ବ୍ୟବସାୟ ଓ ପରିଚାଳନା ) ଶୈଳେଶ ସିଂହା,କେନ୍ଦୁଝର କ୍ଷେତ୍ରୀୟ ପ୍ରବନ୍ଧକ କମଳ ଲୋଚନଷଡ଼ଙ୍ଗୀ ତଥା ଶାଖା ପ୍ରବନ୍ଧକ ଭବେଶ କୁମାର ସେଠୀଙ୍କ ସହିତ ଶାଖାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ପରୁଥି ଏହି ଶାଖା ମାଧ୍ୟମରେ ଛେନାପଡି ଅଞ୍ଚଳର ଗ୍ରାହକ ଓ ଜନସାଧାରଣଙ୍କ ପାଇଁ ସମସ୍ତ ପ୍ରକାର ବିତ୍ତୀୟ ଉତ୍ପାଦ ଓ ଉନ୍ନତ ମାନର ସେବା ଯୋଗାଇବାର ପ୍ରତିଶ୍ରୁତି ଦେଇଥିଲେ । ଏହି ନୂତନ ଶାଖା ଦ୍ୱାରା କେନ୍ଦୁଝର ଜିଲାର ଶାସଙ୍ଗ, ବଞ୍ଚୋ , ହାଟଡ଼ିହି, ଯମ୍ପିରା, ପାଞ୍ଚୁଗୋଛିଆ ଓ ନିକଟବର୍ତ୍ତୀ ଅଞ୍ଚଳର ଜନସାଧାରଣ ଉପକୃତ ହେବେ ।

## ଉଦ୍‌ଯାପିତ ହେଲା ନୁପୁର-୨୦୨୪

ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ ପଲଟଣପଡିଆସ୍ଥିତ କ୍ଲବ ଇଗଲ ପକ୍ଷରୁ ୭ଦିନ ଧରି ଚାଲିଥିବା ୫୧ତମ କୁମାରଉତ୍ସବ ନୁପୁର-୨୦୨୪ ଉଦଯାପିତ ହୋଇଛି । ପ୍ରତିଦିନ ସନ୍ଧ୍ୟାରେ ଓଲିଉଡ ତାରକାଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତିବିଶେଷ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବିଶେଷତଃ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସସ୍ମିତା ସ୍ୱାଇଁ (ମାନି)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜିତେନ୍ଦ୍ର ପୃଷ୍ଟି ପରିଚାଳନା କରିଥିବାବେଳେ ବିଭିନ୍ନ ସନ୍ଧ୍ୟାରେ ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ,



ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, କେନ୍ଦ୍ର ସମବାୟ ସଭାପତି ଅଭିସେକ ସିଂ ସାମନ୍ତ, ଖୋର୍ଦ୍ଧା ପୌରପରିଷଦ ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, କାଉନ୍ସିଲର ପ୍ରବୀଣା ଜଗଦେବରାୟ, ଟୁଟୁ ବଳିୟାରସିଂହ, ମୋନାଲିସା ସିଂ, ନାଗଭୂଷଣ ଜେନା, ପ୍ରଶାନ୍ତ ସେଠୀ, ଅମୀୟ ମହାନ୍ତି, ଅନୀଲ କୁମାର ରାମ, ଫରାନା ଆଜିମିନ, ବିଭିନ୍ନ ୱାର୍ଡର କାଉନ୍ସିଲରଙ୍କ ପ୍ରତିନିଧି, ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ଟାଙ୍ଗୀ ବ୍ଲକ ଅଧକ୍ଷା ରିପ୍ସା ମାନଧାତା, ଜିଲ୍ଲାପରିଷଦ ସଭ୍ୟ/ସଭ୍ୟା, ସରପଂଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଖ୍ରୀଷ୍ଟକଲେଜର ଛାତ୍ରୀ ନିବାସ ଉଦ୍‌ଘାଟିତ

କଟକ,(ସବ୍ୟୁ) : ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ଓ.ଏଚ୍.ଇ.ପି.ଇ.ଇ ଯୋଜନା ଅନୁସାରେ ବିଶ୍ୱବ୍ୟାଙ୍କ୍ ସହାୟତାରେ ଖ୍ରୀଷ୍ଟ କଲେଜ ପରିସର ମଧ୍ୟରେ ନବନର୍ମିତ ମଦର ଟେରେସା ଛାତ୍ରୀ ନିବାସ ଉଦ୍ଘାଟିତ ହୋଇଯାଇଛି । କଲେଜର ଅଧକ୍ଷା ମଧୁମିତା ପାତ୍ର ସ୍ୱାଗତ ଭାଷଣରେ କହିଲେ ଯେ, ନୂତନ ଛାତ୍ରୀ ନିବାସ ଶୁଭାରମ୍ଭ ପରେ କଲେଜର ଭିତିଭୂମି ନିର୍ମାଣ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଲା । ଛାତ୍ରୀ ନିବାସକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ କଲେଜ ଆଲୁମିନି ଆସୋସିଏସନ୍‌ର ସଭାପତି ବରିଷ୍ଠ ଆଇନଜୀବି ବିବେକାନନ୍ଦ ଭୂୟାଁ ଓ ସମ୍ମାଦକ ବିଶିଷ୍ଟ ଚଳଚ୍ଚିତ୍ର



ଅଭିନେତା ତଥା ରାଜନେତା ଅରିନ୍ଦମ୍ ରଏ । ଦୂରଦୂରାନ୍ତରୁ ଆସି ଖ୍ରୀଷ୍ଟ କଲେଜରେ ଅଧ୍ୟୟନରତ ଛାତ୍ରୀମାନେ ନୂତନ ଛାତ୍ରୀନିବାସରେ ରହିବା ଦ୍ୱାରା ସେମାନଙ୍କର ଉଭୟ ଶୈକ୍ଷିକ ଓ ନିରାପତାର କ୍ଷେତ୍ର ସୁଦୃ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଉଦ୍ଘାଟନ ଉତ୍ସବରେ କଟକ ଖ୍ରୀଷ୍ଟିୟାନ ଏଜୁକେସନ ବୋର୍ଡ ଓ କଲେଜ ପରିଚାଳନା ସମିତିର କର୍ମକର୍ତ୍ତା, ଉପାଧକ୍ଷା, ଆଡ୍ମିନିଷ୍ଟ୍ରେଟିଭ୍ ବର୍ସାର, ଆଇ.ଡି.ପିର ସଂଯୋଜକ, ଛାତ୍ରୀନିବାସ ତତ୍ତ୍ୱାବଧାରିକା, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ ।

## ଭାରତକୁ ପୁନଃନିର୍ମାଣ ମେଡିକାଲ ଉପକରଣର ବେଆଇନ ଆମଦାନି ଉପରେ ପିଆଇଏଲ ଅଭିଯୋଗ ଫାଇଲ କରିଛି

ଭୁବନେଶ୍ୱର (ସବ୍ୟୁ): ନବୀକୃତ ଚିକିତ୍ସା ଉପକରଣର ବଢୁଥିବା ଚାହିଦା ଅନୁଯାୟୀ ରୋଗୀର ନିରାପତା ପ୍ରତି ବିପଦ ଆଶଙ୍କା ରହିପାରେ। ଏହି ଉପକରଣ ଗୁଡ଼ିକର ବିଶ୍ୱସନୀୟତା ଓ କାର୍ଯ୍ୟକାରୀତା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସୃଷ୍ଟି କରିଛି। ରୋଗୀ ସୁରକ୍ଷା ଓ ଆକ୍ସେସ ଇନିସିଏଟିଭ ଅଫ ଇଣ୍ଡିଆ ନବୀକରଣ ହେଉଥିବା ଚିକିତ୍ସା ଉପକରଣ ଆମଦାନିରେ ଅନେକ ଉଲଂଘନ ହେଉଥିବା ଦର୍ଶାଇଛି ଓ ଏହା ଉପରେ ଦିଲ୍ଲୀ ହାଇକୋର୍ଟରେ ଏକ ମାମଲା ଦାୟର କରିଛି। ମେଡିକାଲ ଡିଭାଇସେସ ନିୟମ ୨୦୧୭ ଅନୁସାରେ ଭାରତରେ ପୁନଃନିର୍ମାଣ ସହ ମେଡିକାଲ ଉପକରଣ ଗୁଡ଼ିକର କଠୋର ନିୟାମକ ସଚେତନତା ଜାରୀ କରାଯାଇଛି। ଏହା ଲକ୍ଷ୍ୟ ରଖାଯାଇଛି ଯେ ବଜାରରେ ପ୍ରବେଶ କରିବା ପୂର୍ବରୁ ସେଗୁଡ଼ିକର ସୁରକ୍ଷା ଓ କାର୍ଯ୍ୟକାରତା ମାନ ପୂରଣ କରୁଥିବା ଉଚିତ। ଅବଶ୍ୟ ଉପଯୁକ୍ତ ପ୍ରମାଣପତ୍ର ବିନା ନିବୀକୃତ ହୋଇଥିବା ଉପକରଣ ଯଥା ସ୍କାନର, ଏମଆରଆଇ ମେସିନ, ଅଲଟ୍ରା ସାଉଣ୍ଡ ଓ ଲାବରୋଟୋରି ଉପକରଣ ଗୁଡ଼ିକର ବଢୁଥିବା ଧାରା ଲକ୍ଷ୍ୟ କରାଯାଉଛି। ଏହା ଦ୍ୱାରା ଭାରତର ଆତ୍ମନିର୍ଭରଶୀଳତା ଓ ରୋଗୀର ସୁରକ୍ଷା ପ୍ରତି ଏକ ଆହ୍ୱାନ ସୃଷ୍ଟି କରେ। ଏଆଇଏମଇଡି, ଏଫଆଇସିସିଆଇ ଓ ଅନେକ ଘରୋଇ କମ୍ପାନି ଭାରତରେ ଏହିସବୁ ସାମଗ୍ରୀର ଆମଦାନିକୁ ବିରୋଧ କରି ଉପଯୁକ୍ତ ପଦକ୍ଷେପ ନେବା ଲାଗି ସରକାରଙ୍କୁ ଅନୁରୋଧ କରିଥିଲେ ।

### ୪୦୪ ଗ୍ରାମ ଓଜନର ବ୍ରାଉନ ସୁଗର ଜବତ

## ୨ ମହିଳା ସମେତ ୩ ଗିରଫ

ପୁରୀ (ସବ୍ୟୁ): ସହରରେ ଚାଲିଥିବା ଚାଲିଥିବା ବେଆଇନ ନିଶା ଦ୍ରବ୍ୟ କାରବାରକୁ ରୋକିବା ପାଇଁ ଜିଲ୍ଲା ଏସପି ବିନୀତ କୁମାର ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ଧର ପଗଡ ଅଭିଯାନ ଆରମ୍ଭ ହୋଇଛି । ଏହି ସ୍ୱତନ୍ତ୍ର ଧର ପଗଡ ଅଭିଯାନରେ ବାସେଳୀ ସାହି ଥାନା ପୋଲିସ ଗୋଖା ସାହି ନିକଟରେ ଥିବା ଶ୍ରୀସେତୁ ବ୍ରିଜ ଛକ ନିକଟରୁ ଜଣେ ମହିଳା ନିଶା ବେପାରୀଙ୍କ ଘରୁ ଏକ ଜରି ପୁଡ଼ିଆରେ ଥିବା ବିପୁଳ ପରିମାଣର ବ୍ରାଉନ ସୁଗାର ଜବତ କରିଛି । ଜବତ ହୋଇଥିବା ବ୍ରାଉନ ସୁଗାର ଓଜନ ୪୦୪ ଗ୍ରାମ ଅଟେ । ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ଏହି ନିଶା କାରବାର ଅଭିଯୋଗରେ ପୋଲିସ ଦୁଇ ଜଣ ମହିଳା ଓ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ହୋଇ ଥିବା ଅଭିଯୁକ୍ତଙ୍କ ପରିଚୟ ହେଲା ବାସେଳୀ ସାହି ଥାନା ଅନ୍ତର୍ଗତ ଗୋଖା ସାହି ଛକର ରାଜେଶ କୁମାର ପଣ୍ଡା (୨୪) ପୁଅ, ଝରଣା ପଣ୍ଡା (୪୨) ମାଆ ଓ ଝିଅ ଦୁର୍ଗା ପଣ୍ଡା (୨୪) ଅଟନ୍ତି । ଅଭିଯୁକ୍ତଙ୍କ ଠାରୁ ପୋଲିସ ନଗଦ ୮୯୦ ଟଙ୍କା, ୫ ଗୋଟି ମୋବାଇଲ ଫୋନ, ୧ ଗୋଟି ମେଟାଲିକ କଲର ବୁଲେଟ ମୋଟର



ସାଇକେଲ, ୧ ଗୋଟି ଲାପ ଟପ୍ ଓ ୧ ଗୋଟି ୱାନ ପ୍ଲସ ଟାବଲେଟ ଜବତ କରିଛି ବୋଲି ଶନିବାର ମଧ୍ୟାହ୍ନ ପୁରୀ ଟାଉନ ଥାନା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ପୁରୀ ଅତିରିକ୍ତ ଏସପି ସୁଶିଲ କୁମାର ମିଶ୍ର । ଶ୍ରୀ ମିଶ୍ର ସୂଚନା ଦେଇ କହିଥିଲେ ଯେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଥିଲା ନିଶା ବେପାରୀ ଝରଣା ପଣ୍ଡା ଓ ତାଙ୍କ ପୁଅ ରାଜେଶ ଓ ଝିଅ ଦୁର୍ଗା ବ୍ରାଉନ ସୁଗାର ବିକ୍ରି କରୁଛନ୍ତି । ଅଭିଯୁକ୍ତମାନେ ଘରେ ବିପୁଳ ପରିମାଣର ବ୍ରାଉନ ସୁଗାର ଗଚ୍ଛିତ ରଖି ବ୍ୟବସାୟ କରୁଛନ୍ତି । ଏହି ସୂଚନା ଆଧାରରେ ବାସେଳୀ ସାହି ଥାନା ପୋଲିସ ଅଭିଯୁକ୍ତ ଝରଣା ଘରେ ଅତର୍କିତ ଭାବେ ଚଢ଼ାଉ କରି ଥିଲା । ଚଢ଼ାଉ ବେଳେ ପୋଲିସ ଝରଣା ଘର ପଛ ପଟେ ଥିବା ମାଟି ତଳୁ ଏକ ଜରି ପୁଡ଼ିଆରେ ବ୍ରାଉନ ସୁଗର ଜବତ କରିଛି । ଏନେଇ ବାସେଳୀ ସାହି ଥାନା ପୋଲିସ କେଶ ନମ୍ବର ୨୧୬/୨୪ କ୍ରମେ ଏଣ୍ଡିପିଏସ ଆକ୍ଟ ଧାରା ୨୧(ସି) ଓ ୨୯ ବଳରେ ମାମଲା ରୁଜୁ କରିଛି । ଏହି ପୋଲିସ ସାମ୍ବାଦିକ ସମ୍ମିଳନୀରେ ପୁରୀ ସଦର ଏସଡିପିଓ ଆର.ଏନ. ଭଞ୍ଜ ଓ ବାସେଳୀ ସାହି ଥାନା ଅଧିକାରୀ ମାନସ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଖରୀରୁ ଯୁବକ ମୃତଦେହ ଉଦ୍ଧାର

ଚୌଦ୍ୱାର, (ସବ୍ୟୁ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ପଂଚାୟତ ସ୍ଥିତ ଗାଁ ପୋଖରୀରୁ ଜଣେ ଯୁବକର ମୃତଦେହକୁ ଟାଙ୍ଗୀ ପୁଲିସ୍ ପକ୍ଷରୁ ଉଦ୍ଧାର କରାଯାଇଛି । ମୃତକ ଜଣକ ହେଲେ ଜରିପଡ଼ା ପଂଚାୟତ ଜଗନ୍ନାଥପୁର ଗ୍ରାମର ଶାନ୍ତନୁ ପ୍ରଧାନ ଯିଏକି ହାଇଦ୍ରାବାଦରେ କାମ କରୁଥିବା ବେଳେ ଦଶହରା ଛୁଟିରେ ଗ୍ରାମକୁ ଆସିଥିଲେ । ମାତ୍ର ୧୭ତାରିଖରୁ ସେ ଘରୁ ଆସିଥିବା ବେଳେ ପରିବାରଲୋକେ ତାଙ୍କ ମୋବାଇଲକୁ ଫୋନ୍ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇନଥିଲେ । ତେବେ ଶନିବାର ଗୋବିନ୍ଦପୁର ପଂଚାୟତର ପୋଖରୀରେ ତାଙ୍କ ତାଙ୍କ ମୃତଦେହ ଭାସୁଥିବାର ଗ୍ରାମବାସୀ ଦେଖିବା ପରେ ପୁଲିସ୍‌କୁ ଖବର ଦେଇଥିଲେ । ଖବର ପାଇ ଟାଙ୍ଗୀ ପୁଲିସ୍ ଘଟଣାସ୍ଥଳରେ ପହଂଚି ଅଗ୍ନିଶମ ସହାୟତାରେ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଇବା ସହ ତଦନ୍ତ ଜାରି ରଖିଛନ୍ତି । ତେବେ ଅନ୍ୟ ପକ୍ଷରେ ମୃତକଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିବା ଜଣାପଡ଼ିଛି ।

## ଇକୋସେଭର୍ସ ପକ୍ଷରୁ ଡିସେମ୍ବରରେ ମାସ ବ୍ୟାପୀ ସ୍ୱଚ୍ଛ ମୋ ଗାଁ ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଇକୋସେଭର୍ସ ୟୁଥ୍ ନେଟୱାର୍କ ପକ୍ଷରୁ ଡିସେମ୍ବରରେ ମାସ ବ୍ୟାପୀ ସ୍ୱଚ୍ଛ ମୋ ଗାଁ ଅଭିଯାନ କରାଯିବ ବୋଲି ଭୁବନେଶ୍ୱରର ଗୀତଗୋବିନ୍ଦ ସଦନରେ ଆୟୋଜିତ ହୋଇଥିବା ଇକୋସେଭେର୍ସର ରାଜ୍ୟସ୍ତରୀୟ କର୍ମଶାଳାରେ ପ୍ରତିନିଧି ମାନେ ନିଷ୍ପତି ନେଇଛନ୍ତି । ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ଓ ଏ.ଇ.ଆଇ.ଏନ ର ସହଯୋଗରେ ପରିବେଶ ସୁରକ୍ଷା ଉପରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା । ଏହି କର୍ମଶାଳାକୁ ଉଦ୍‌ଘାଟନ କରି ପିକକ୍ ର ସମ୍ପାଦକ ରଂଜନ କୁମାର ମହାନ୍ତି ଇକୋସେଭର୍ସ ୟୁଥ୍ ନେଟୱାର୍କ ସଦସ୍ୟଙ୍କ ଦ୍ୱାରା ପରିବେଶର ସୁରକ୍ଷା ନିମନ୍ତେ କରାଯାଇଥିବା ବିଭିନ୍ନ ଅଭିନବ କାର୍ଯ୍ୟ ଯଥା ପକ୍ଷୀବସା ନିର୍ମାଣ, ଝରଣାରେ ପଥର ବନ୍ଧ ଦେଇ ଜଳ ସରକ୍ଷଣ କରିବା, ବର୍ଜ୍ୟ ପରିଚାଳନା, ବୃକ୍ଷ ରୋପଣ ଆଦିର ପ୍ରସଂଶା କରିଥିଲେ । ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତୀ ଅନୁରାଧା ମହାନ୍ତି ସ୍ୱାଗତ ଭାଷଣ ଦେଇ ଏହି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି କର୍ମଶାଳାରେ ଯୋଗଦେଇ ଇନରହ୍ୱିଲ୍ କ୍ଲବର ଅଧକ୍ଷା ପ୍ରତିମା ନଳିନୀ ପତି ଯୁବଗୋଷ୍ଠିଙ୍କର କାର୍ଯ୍ୟର ଉଚ୍ଚ ପ୍ରସଂଶା କରିବା ସହିତ ଏକ ସଂରକ୍ଷଣ, ବୃକ୍ଷ ରୋପଣ, ପରିବେଶ ଉପଯୋଗୀ ଖାଦ୍ୟ ଅଭ୍ୟାସ ଗ୍ରହଣ କରିବା ଭଳି କିଛି ଉପାଦେୟ ସୂଚନା ମଧ୍ୟ ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରାୟ ୫୦ ରୁ ଅଧିକ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ ।



ସମୃଦ୍ଧ, ସ୍ଥାୟୀ ଓ ସୁଦୃଢ ଭବିଷ୍ୟତ ଗଠନ ପାଇଁ ଯୁବଗୋଷ୍ଠିର ନେତୃତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ରାଜ୍ୟ ପରିବେଶ ସମିତିର ସମ୍ପାଦକ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହି, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ତଥା ଯୁବକମାନଙ୍କର ଭୂମିକା ବିଷୟରେ କହିଥିଲେ। ଏଥି ସହିତ ଦୈନନ୍ଦିନ ଜୀବନରେ ବର୍ଜ୍ୟବସ୍ତୁ ହ୍ରାସ, ଶକ୍ତି ଯୁବ ନେତାମାନେ ପରିବେଶ ସୁରକ୍ଷା ନିମନ୍ତେ ସେମାନେ କରିଥିବା ବିଭିନ୍ନ କାର୍ଯ୍ୟକୁ ଏଠାରେ ଉପସ୍ଥାପନା କରିଥିଲେ ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥା ମଧ୍ୟ ପ୍ରସ୍ତୁତ କରିଥିଲେ । ପିକକ୍ ର ପୂଜା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଜ୍ୟୋତି ଶଙ୍କର ମହାନ୍ତି, ଅଜ୍ଞନା ଦାଶ ପ୍ରମୁଖ କର୍ମଶାଳାକୁ ପରିଚାଳନା କରିଥିଲେ ।

### ବାରିପଦାରେ ହ୍ୟାଣ୍ଡଲୁମ ଏକ୍ସପୋ ଉଦ୍‌ଘାଟିତ

# ଗୋଟିଏ ସ୍ଥାନରେ ମିଳୁଛି ବିଭିନ୍ନ ରାଜ୍ୟର ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ

ବାରିପଦା, (ସବ୍ୟୁ) : ବାରିପଦା ଛଉ ପଡିଆ ଠାରେ ହ୍ୟାଣ୍ଡଲୁମ ଏକ୍ସପୋ ଆଜି ସନ୍ଧ୍ୟାରେ ଉଦ୍ଘାଟିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦାଃ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଯୁବନେତା ତଥା ବିଜେଡିର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହିତ ଗୋଟିଏ ସ୍ଥାନରେ ଭାରତର ବିଭିନ୍ନ ରାଜ୍ୟର ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସାମଗ୍ରୀ ସୁଲଭ ମୂଲ୍ୟରେ ମିଳୁଥିବାରୁ ଆୟୋଜକ ସଂସ୍ଥାକୁ ସାଧୁବାଦ ଜଣାଇଥିଲେ । ଏହି ପ୍ରଦର୍ଶନୀରେ ୧୮ଟି




ରାଜ୍ୟରୁ ୫୦ଟି ଷ୍ଟଲ ଖୋଲା ଯାଇଛି । ପ୍ରଦର୍ଶନୀରେ ବନାରସୀ କଟନ ଶାଢ଼ୀ, ବଙ୍ଗାଳୀ ଶାଢ଼ୀ, ଲକ୍ଷ୍ନୌର ଚିକେନବର୍କ କୁର୍ତ୍ତି ଏବଂ ଶାଢ଼ୀ, କାଶ୍ମୀର ଶାଢ଼ୀ ଏବଂ ଶାଲ, ମହିଳା ମାନଙ୍କର କୁର୍ତ୍ତି, କାଶ୍ମୀର କୁର୍ତ୍ତି, ନାଇଟି, ରାଜସ୍ଥାନୀ ପ୍ରିଣ୍ଟେଡ ବେଡ୍‌ସିଟ ଏବଂ ବେଡ କଭର, ଉତ୍ତର ପ୍ରଦେଶର ବେଡସିଟ, ତକିଆ ଖୋଳ, ଖସଡା ବେଡସିଟ, ସଫା ଓ ଟେବୁଲ କଭର, ପଞ୍ଜାବୀ କୁର୍ତ୍ତି ସହିତ କୃତ୍ରିମ ଜୁୟେଲାରୀ ଏବଂ ଆହୁରି ଅନେକ ସୌଖିନ ସାମଗ୍ରୀ ପ୍ରଦାର୍ଶନିରେ ମିଳୁଥିବାରୁ ଗ୍ରାହକମାନଙ୍କର ଭିଡ଼ ଲାଗିଛି ।

ଏହି ପ୍ରଦର୍ଶନି ଆଗାମୀ ନଭେମ୍ବର ୧୭ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ପ୍ରତିଦିନ ଦିବା ୧୧ଘଟିକାରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଜଣାଯାଇଛି । ଅତିଥିମାନେ ପ୍ରଦର୍ଶନି ବୁଲି ଦେଖିଥିବାବେଳେ ଅନୁଷ୍ଠାନର ମେନେଜର ଅଭିଷେକ ମିଶ୍ର ଓ ଅବିନାଶ ଯାଦବ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଶ୍ୱେତାଶ୍ରୀ ମହାପାତ୍ର ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ଟପ୍ପର

# ବାସୁଦେବପୁର ମାଟିର ଗର୍ବ ଓ ଗୌରବ

ଭଦ୍ରକ/ବାସୁଦେବପୁର, (ସବ୍ୟୁ) : ଶନିବାର ପ୍ରକାଶ ପାଇଛି ଓଡ଼ିଶା ପ୍ରଶାସନିକ ସେବାର ପରୀକ୍ଷାର ଫଳ ।ପୁଅଙ୍କୁ ପଛରେ ପକାଇ ଟପର ହୋଇଛନ୍ତି ଶ୍ୱେତାଶ୍ରୀ ମହାପାତ୍ର । ଯାହା ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ପାଇଁ ଆଣଦେଇଛି ଗୌରବ। ଶ୍ୱେତାଶ୍ରୀ ମହାପାତ୍ର ହେଉଛନ୍ତି ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ଲୁଙ୍ଗା ପଞ୍ଚାୟତର ଉରୁଣିଆ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁକ୍ତିକାନ୍ତ ମହାପାତ୍ର ଓ ମାଆ ଶିକ୍ଷୟତ୍ରୀ ସୁସିନୀ ନାୟକଙ୍କ ଦ୍ୱିତୀୟ କନ୍ୟା। ସେ ତାଙ୍କର ପ୍ରାଥମିକ ଶିକ୍ଷା ଭଦ୍ରକ ସତ୍ୟସାଇ ବିଦ୍ୟା ବିହାର ଶିକ୍ଷା ଆରମ୍ଭ କରି ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ଫେକର ହାଇସ୍କୁଲରେ ଶିକ୍ଷା ଗ୍ରହଣ କରିଥିଲେ । ଯୁକ୍ତ ଦୁଇ ଶ୍ରୀଚୈତନ୍ୟ ଇନଷ୍ଟିଚ୍ୟୁଟ ଅଫ ପ୍ଲସ ଟୁ ସାଇନ୍ସ ବିଶାଖପାଟଣା। ପରେ ଦୁର୍ଗାପୁର ବି. ଟେକ୍ ଓ ଏମ ଟେକ୍ ରେ ଇଲେକ୍ଟ୍ରୋନିକ୍ ଏଣ୍ଡ ଟେଲିକମ୍ୟୁନିକେସନ ଶିକ୍ଷା ଲାଭ କରିଥିଲେ ।



ଶନିବାର ଓଡିଶା ସିଭିଲ ସର୍ଭିସ ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ଖବର ପ୍ରଚାରିତ ହେବା ପରେ ପରିବାର ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ଶ୍ୱେତାଶ୍ରୀଙ୍କ ସଫଳତା ସବୁରି ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି। ବାସୁଦେବପୁର ବ୍ଲକର ନରସିଂହପୁର ପଞ୍ଚାୟତର କାଳିଦାସପୁର ଅଞ୍ଚଳର ପୁଅ ହୃଷିକେଶ ପଣ୍ଡା ସର୍ବ ଭାରତୀୟ ସ୍ତରରେ ଆଇଏଏସରେ ଟପର ହୋଇ ବାସୁଦେବପୁର ବ୍ଲକକୁ ଗୌରବାନ୍ୱିତ କରିଥିଲେ । ଦୀର୍ଘ ବର୍ଷର ବ୍ୟବଧାନ ପରେ ବାସୁଦେବପୁର ଅଞ୍ଚଳର ଝିଅ ସମଗ୍ର ଓଡ଼ିଶାର ଓଏଏସ ପ୍ରକାଶିତ ପରୀକ୍ଷାରେ ଟପର ହୋଇ ବାସୁଦେବପୁର ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି ।

## ଟାଙ୍ଗଣା ପଲ୍ଲୀ ହାଇସ୍କୁଲ ଏନ୍‌ସିସି ଅଫିସରଙ୍କୁ ସମ୍ମାନପତ୍ର

ଛତ୍ରପୁର, (ସବ୍ୟୁ) : ବ୍ରହ୍ମପୁର ଗାନ୍ଧୀନଗରସ୍ଥିତ ଏନ୍.ସି.ସି. ମୁଖ୍ୟ କାର୍ଯ୍ୟାଳୟ ଠାରେ ଓଡ଼ିଶା ଏନ୍.ସି.ସି. ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ତରଫରୁ କ୍ୟାଡେଟ ଓ ଏନ୍.ସି.ସି ଅଫିସରଙ୍କ ସେବାମୂଳକ ତଥା ଏନ.ସି.ସି.ର ସମାଜ ପ୍ରତିବଦ୍ଧତାମୂଳକ କାର୍ଯ୍ୟକ୍ରମ ପାଇଁ କ୍ୟାଡେଟ ଓ



ଅଫିସରଙ୍କୁ ସ୍ୱତନ୍ତ୍ର ସ୍ୱୀକୃତି ସ୍ୱରୂପ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟାଳୟର ଡେପୁଟୀ ଡାଇରେକ୍ଟର ଜେନେରାଲ କମାଣ୍ଡେର ଜେ.ସୁରେଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ କ୍ୟାଡେଟ ଓ ଅଫିସର ମାନଙ୍କୁ ସମ୍ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ଏହି ଅବସରରେ ୩(୦) ମେଡିକାଲ କମ୍ପାନୀ ଅଧିନସ୍ଥ ଟାଙ୍ଗଣା ପଲ୍ଲୀ ଶ୍ରୀନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟାପୀଠର ଏନ୍.ସି.ସି. ଫାଷ୍ଟ ଅଫିସର ସୁଧାକର ବଳୀଙ୍କୁ ତାଙ୍କର ନିଃସ୍ୱାର୍ଥପର ଓ ନିଷ୍ଠାପର ସେବା ତଥା କୃତ୍ରିବ ପାଇଁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଫାଷ୍ଟ ଅଫିସର ସୁଧାକର ବଳୀ ଶ୍ରୀନୀଳକଣ୍ଠେଶ୍ୱର ବିଦ୍ୟାପୀଠରେ ଦୀର୍ଘ ୧୨ ବର୍ଷ ଧରି ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଏବଂ ଆଦର୍ଶ ଏନ.ସି.ସି. ଅଧିକାରୀ ରୂପେ କାର୍ଯ୍ୟ ସମ୍ପାଦନ କରି ଅଞ୍ଚଳରେ ଜଣେ ପ୍ରଶଂସା ଭାଜନ ହୋଇପାରିଛନ୍ତି । ନିଜର ଉତ୍ସର୍ଗୀକୃତ ସେବା ପାଇଁ ବିଭିନ୍ନ ସମୟରେ ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି । ତାଙ୍କର କୃତିତ୍ୱରେ ବିଦ୍ୟାଳୟର ପ୍ରଥମ ଏନ.ସି.ସି. ଶିକ୍ଷକ ତଥା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାମରାଜୁ ମହାରଣା ଏବଂ ଅଞ୍ଚଳର ବୁଦ୍ଧିଜୀବୀ ଉଚ୍ଚ ପ୍ରଶଂସା କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ତାଙ୍କର ଏହି ସଫଳତାରେ ୟୁନିଟି କମାଣ୍ଡିଙ୍ଗ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ଡାକ୍ତର ତାପସ ରଞ୍ଜନ ବିଷୋୟୀ ସୁଧାକର ବଳୀଙ୍କୁ ସାଧୁବାଦ ଜଣାଇଛନ୍ତି । ଅନୁରୂପ ଭାବେ ବ୍ରହ୍ମପୁର ସିଟି କଲେଜର ଜୁନିୟର ଅଣ୍ଡର ଅଫିସର ଆଶୀଷ ରଞ୍ଜନ ପରିଡାଙ୍କ ସେବା ପାଇଁ ତାଙ୍କୁ ମଧ୍ୟ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଉପଖଣ୍ଡ ଚିକିତ୍ସାଳୟରେ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ

ଭଞ୍ଜନଗର, (ସବ୍ୟୁ) : ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ପାଳିତ ହୋଇଯାଇଛି । ଚିକିତ୍ସାଳୟ ର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଓ ସମ୍ମାନିତ ଅତିଥି ଭାବେ ନଗରପାଳ ଗୋପବନ୍ଧୁ ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଏଥିରେ ଓଡ଼ିଶା ରକ୍ତଭଣ୍ଡାର ପକ୍ଷରୁ ବିଗତ ଦିନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଥିବା ବିଭିନ୍ନ ସଙ୍ଗଠନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ଆଇଆରବିଏନ ଡେପୁଟି କମାଣ୍ଡାଣ୍ଟ ଲଳିତ କୁମାର ବାଘ, ମେଡ଼ିକାଲ ଅଧିକ୍ଷକ ଡ଼ା. ସୀତାଂଶୁ ଶେଖର ଶତପଥୀ ମଞ୍ଚାସୀନ ଥିଲେ।ମେଡ଼ିକାଲ ପରିଚାଳକ ବିଚିତ୍ର କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ମେଡ଼ିକାଲ ର ବିଭିନ୍ନ ସମସ୍ୟା ସମ୍ପର୍କରେ ଡ଼ା. ଶତପଥୀ ଅବଗତ କରିଥିଲେ। ମେଡ଼ିକାଲ ପାଇଁ ଯାହା କିଛି ଆବଶ୍ୟକତା ରହିଛି ସେସବୁ ଅତିଶୀଘ୍ର ପୂରଣ କରାଯିବ ବୋଲି ବିଧାୟକ ନାୟକ ପ୍ରତିଶ୍ରୁତି ଦେଇଥିଲେ ।

ଏହି ଅବସରରେ ଭଞ୍ଜନଗର, ବେଲଗୁଣ୍ଠା, ବିଡ଼ି ପୁର, ଜଗନ୍ନାଥ ପ୍ରସାଦ, ମାଣିତରା, ବୁଗୁଡ଼ା, ଆସ୍କା ଆଦି ଅଞ୍ଚଳର ୪୦ରୁ ଉର୍ଦ୍ଧ୍ୱ ରକ୍ତଦାନ ଶିବିର ଆୟୋଜନ କରିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସଙ୍ଗଠନକୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## କାର୍ତ୍ତିକ ଆରମ୍ଭରୁ ପରିବା ଦର ବୃଦ୍ଧି

ଆଗରପଡ଼ା, (ସବ୍ୟୁ): ଧାର୍ମିକମାସ କାର୍ତ୍ତିକମାସ ଆରମ୍ଭ ହୋଇଛି। ଅଧିକାଂଶ ଲୋକେ ଗୋଟିଏ ମାସ ଆମିଷ ନଖାଇ କେବଳ ନିରାମିଷ ଖାଇଥାନ୍ତି। ମାତ୍ର ପରିବା ଦର ହୁହୁ ହୋଇ ବଢ଼ିବାରେ ଲାଗିଛି। ଯାହାକି ପରିବା କିଣିବା ସାଧାରଣ ଲୋକଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ଅନ୍ୟପକ୍ଷରେ ଆମିଷ ଦର ହ୍ରାସ ପାଇବାରେ ଲାଗିଛି। ପରିବା ଦର ବୃଦ୍ଧି ପାଇଥିଲେ ସୁଦ୍ଧା ଏହି ଦୋକାନରେ ଗହଳି ଲାଗି ରହୁଥିବାର ପରିଲକ୍ଷିତ ହେଉଛି। ଲୋକମାନେ କେବଳ ପରିବାର ପରିମାଣ କମ କରି କିଣୁଛନ୍ତି। ପୋଟଳ, ବାଇଗଣ, କାଙ୍କଡ଼, ବିଲାତି ଆଦି ପରିବା ଦର ୮୦ରୁ ଶହେ ଟଙ୍କା ଥିବାବେଳେ ଅନ୍ୟ ପରିବା ଦର ୫୦ଟଙ୍କାରୁ ଅଧିକ ରହିଛି। ଏଥିନେଇ ଆଗରପଡ଼ା ତଥା ଏହାର ଆଖପାଖ ଅଂଚଳ ଲୋକେ ତ୍ରାହି ତ୍ରାହି ଡାକିଲେଣି।

# ଲିପିକା ଅନୁଷ୍ଠାନର ପ୍ରତିଷ୍ଠା ଦିବସ



ଭଞ୍ଜନଗର, (ସବ୍ୟୁ) : ଶୁକ୍ରବାର ଦିନ ବ୍ରହ୍ମପୁର ଇଞ୍ଜିନିଅରିଂ ସ୍କୁଲ ଛକ ସ୍ଥିତ ରେଭିନିଉ ବଙ୍ଗଳାଠାରେ ଲିପିକା ଅନୁଷ୍ଠାନ ପକ୍ଷରୁ ୩୫ ତମ ପ୍ରତିଷ୍ଠା ଦିବସ ପାଳନ କରଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଉଦ୍ଭିଦ ବିଭାଗ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧାପକ ଡ ମଳୟ କୁମାର ମିଶ୍ର ମୁଖ୍ୟ ଅତିଥ,ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଓଡିଶା ର ଅବସରପ୍ରାପ୍ତ ବନ ଅଧିକାରୀ ଫକିର ଚରଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।ଲିପିକା ଅନୁଷ୍ଠାନର ନିର୍ଦ୍ଦେଶିକା ଶ୍ରୀମତୀ ରଞ୍ଜିତା ଦାଶ, ଲିପିକା ଅନୁଷ୍ଠାନର ଅଧକ୍ଷା ଡା ସୁବର୍ନା ଦେବୀ, ଲିପିକା ଅନୁଷ୍ଠାନର ପ୍ରତିଷ୍ଠାତା ଅରୁଣ ଚାନ୍ଦ ଦାସ, ଇ.ସି.ଆ.ର.ଆଇ.ସି.ସି ପ୍ରକଳ୍ପ ର ଗଞ୍ଜାମ ଜିଲ୍ଲା ସଂଯୋଜକ । ରଞ୍ଜନ କୁମାର ଭୋଇ ଏବଂ ଲିପିକା ଅନୁଷ୍ଠାନ ର କର୍ମ କର୍ତା ବୃନ୍ଦ ଓ ଅନୁଷ୍ଠାନ ସହ ଜଡିତ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ । ଲିପିକା ଅନୁଷ୍ଠାନର ପ୍ରୋଗ୍ରାମ ମ୍ୟାନେଜେର ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ ସଂସ୍ଥାର ଚାଲିଥିବା ସମସ୍ତ ପ୍ରକଳ୍ପର ତଥ୍ୟକୁ ବ୍ୟାଖ୍ୟା କରିବା ସହ ନିଜର ଅନୁଭୂତିକୁ ଉପସ୍ଥାପନା କରିଥିଲେ ଓ ଆଗାମୀ ୧୦ ବର୍ଷରେ ଲିପିକା ର ସ୍ୱପ୍ନ କୁ ପୁରା କରିବା ପାଇଁ ସମସ୍ତଙ୍କୁ ସଂକଳ୍ପ ବଦ୍ଧ କରିବା ସହ କେଉଁ କାର୍ଯ୍ୟକ୍ରମ କରାଯାଇପାରିବ ଓ ସଂସ୍ଥାର ଚିର ସ୍ଥାୟୀ ଉପରେ ଆଲୋକ ପାତ କରିଥିଲେ । ଗଞ୍ଜାମ ଜିଲ୍ଲା ର ଖୁବ ଜଣା ଶୁଣା ସମାଜସେବୀ ଶୂଳପାଣି ଶତପଥି ଉପସ୍ଥିତ ରହି କାର୍ଯ୍ୟକ୍ରମ ଟିକୁ ସୂଚାରୁ ରୂପେ ତୁଲାଇବାରେ ସାହାର୍ଯ୍ୟ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମଟିରେ ଲିପିକା ଅନୁଷ୍ଠାନର ଦୀର୍ଘ ୩୫ ବର୍ଷର କଠିନ ପରିଶ୍ରମ ତତସହ ଆଗାମୀ ୧୦ ବର୍ଷ ର ଉତ୍ତମ ପଥ ଚିତ୍ର ଉପରେ ଆଲୋଚନା କରାଯାଇଥିଲା । ଅନୁଷ୍ଠାନର ସମାଜପ୍ରତି ରହିଥିବା ଅବଦାନ ସମ୍ବନ୍ଧରେ ଉପସ୍ଥିତ ସମ୍ମାନିତ ଅତିଥିମାନେ ଆଲୋଚନା କରିଥିଲେ । ଅନୁଷ୍ଠାନର ପ୍ରାରମ୍ଭକାଳର ଆଦିବାସୀ ଅଞ୍ଚଳର ଉନ୍ନତି ଠାରୁ ଆରମ୍ଭକରି ବର୍ତମାନ ଉପକୂଳବର୍ତୀ ଅଞ୍ଚଳ ଅଧିବାସୀ ମାନଙ୍କ ଜଳବାୟୁ ସହନଶୀଳତା କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। । ଉପସ୍ଥିତ ମୁଖ୍ୟ ଅତିଥି ଜଳବାୟୁ ପରିବର୍ତନ ସମ୍ବନ୍ଧରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଅନୁଷ୍ଠାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଓଡିଶା ସହ ଥିବା ଦୀର୍ଘ ୨୦ ବର୍ଷ ଠାରୁ ଅଧିକ ସମ୍ପର୍କ ସମ୍ବନ୍ଧରେ ଆଲୋଚନା କରିଥିଲେ । ଅନୁଷ୍ଠାର ଅଧକ୍ଷ ନବଜାତ ଶିଶୁଙ୍କ ଟୀକାକରଣ, ବାଲ୍ୟ ବିବାହ ସମ୍ପୂର୍ଣ ବନ୍ଦ ବିଷୟରେ ଆଲୋଚନା କରିଥିଲେ ।ଉପସ୍ଥିତ ଥିବା ସମାଜ ସେବି, ସଫଳ ଚାଷୀ, ଅଭିଭାବକ ବୃନ୍ଦ ମଧ ନିଜ ନିଜର ମନ୍ତବ୍ୟ ସ୍ଥାପନା କରିଥିଲେ ।

ପରିଶେଷରେ ସଘନ ବା ଶ୍ରୀ ପ୍ରଣାଳୀରେ ଚାଷ କରି ସଫଳତା ହାସଲ କରିଥିବା ଦୁଇଜଣ ମହିଳା ଚାଷୀ ଯଥା ମନସୁରକୋଟା ଗ୍ରାମର ଶ୍ରୀମତି ରୁକୁଣା ଦାସ ଓ ଜିସପେଣ୍ଠ ଗ୍ରାମର ଶ୍ରୀମତି ଶଶି ପ୍ରଧାନ, ଭିନ୍ନକ୍ଷମମାନଙ୍କ ଅଭିଭାବକ, ସମାଜସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ଅଧକ୍ଷାଙ୍କ ଦ୍ୱାରା ଡ ମଳୟ କୁମାର ମିଶ୍ରଙ୍କୁ ଓଡିଶାର ଶ୍ରେଷ୍ଠ ବୈଜ୍ଞାନିକ ପୁରସ୍କାର ପାଉଥିବା ଯୋଗୁ ଲିପିକା ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ସଂଯୋଜକ ଶ୍ରୀ ବିଜୟ କୁମାର ରଣାଙ୍କ ଦ୍ୱାରା ଧନ୍ୟବାଦ ଭାଷଣରେ କାର୍ଯ୍ୟକ୍ରମଟିକୁ ସମାପ୍ତ କରାଯାଇଥିଲା।

## ଛତ୍ରପୁରରେ ମା ଗଜଲକ୍ଷ୍ମୀଙ୍କ ପୂଜା ଚତୁର୍ଥ ଦିନରେ

ଛତ୍ରପୁର, (ସବ୍ୟୁ) : ପବିତ୍ର କୁମାର ପୂର୍ଣ୍ଣିମା ଦିନ ଠାରୁ ସ୍ଥାନୀୟ ଲୋୟାର ବସଷ୍ଟାଣ୍ଡ ସ୍ଥିତ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ଠାରେ ମା ଗଜଲକ୍ଷ୍ମୀଙ୍କ ପୂଜା ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ମା ଗଜଲକ୍ଷ୍ମୀଙ୍କ ପୂଜା ଲାଗି ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସନ୍ଧ୍ୟା ଆଳତୀ ଦର୍ଶନ ଲାଗି ଛତ୍ରପୁର ଏବଂ ଆଖପାଖ ଅଂଚଳର ବହୁ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ପୂଜା କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶନିବାର ତଥା ଚତୁର୍ଥ ଦିନରେ ମାଙ୍କ ସନ୍ଧ୍ୟା ଆଳତୀ ରେ ବହୁ ମହିଳା ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମାଇଥିଲେ ଛ ଏହି ଅବସର ରେ ଏକ ଆଧାତ୍ମିକ ପାଇବେଶ ସୃଷ୍ଟି ହୋଇଛ। ସୂଚନା ଥାଉ କି, ଲୋୟାର ବସଷ୍ଟାଣ୍ଡ ସ୍ଥିତ ଲକ୍ଷ୍ମୀ ବଜାର ପୂଜା କମିଟି ପକ୍ଷରୁ ଦୀର୍ଘ ୨୪ବର୍ଷ ଧରି ମା ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ ମାଙ୍କ ପୂଜା କମିଟି ପକ୍ଷରୁ ବହୁ ଯାକଜକମ ରେ କରାଯାଉଛି, ମାଙ୍କ ଏହି ପୂଜା ଅକ୍ଟୋବର ୨୨ତାରିଖରେ ଉଦଯାପିତ ହେବ । ସକାଳୁ କର୍ମକାଣ୍ଡ ବିଶେଷଜ୍ଞ ପଣ୍ଡିତ ଡ଼.ସରୋଜ କୁମାର ଶତପଥିଙ୍କ ପୌରହିତରେ ସୂର୍ଯ୍ୟପୂଜା, ହୋମ ଅନୁଷ୍ଠିତ ହୋଇଥିଲା ।

ପଣ୍ଡିତ ନୃସିଂହ ପଣ୍ଡା ଓ ରାହୁଲ କୁମାର ଦାଶ ପୂଜା କାର୍ଯ୍ୟ ତୁଲାଇଥିଲେ । ମାଙ୍କ ଆଳତି ଦର୍ଶନ କରିବା ପାଇଁ ଛତ୍ରପୁର ଏବଂ ଆଖ ପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ପୂଜା ମଣ୍ଡପରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଛି । ସମସ୍ତ କାର୍ଯ୍ୟକ୍ରମ କୁ ପୂଜା କମିଟି ର ସଭାପତି ବସନ୍ତ କୁମାର ମହାରଣା, ଉପ ସଭାପତି ମନୋଜ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ସାହୁ, କୋଷାଧକ୍ଷ ଅତୁଲ କୁମାର ଦାଶ, ଏସ. ପ୍ରବୀଣ କୁମାର,ଭି ରମେଶ, କେ. କମଲାଙ୍କର, ଆରତ ବିଶ୍ୱାଳ, ଲିପୁନ ବିଶ୍ୱାଳ, କେଞ୍ଚୁ ପୁରୋହିତ, ସୁରେନ୍ଦ୍ର ବେହେରା, ବାବୁ ବେହେରା, ସରୋଜ ପାଢ଼ୀ, ବିଜନ ସାହୁ, ଅଖିଳ ପାଣିଗ୍ରାହୀ, ପ୍ରଶାନ୍ତ କୁମାର ମହାରଣା,ସରୋଜ କୁମାର ସାମଲ, ଅଶୋକ କୁମାର ବେହେରା, କେ ଶ୍ରୀନିବାସ ଦୋରା, ଗୌରହରି ସାମଲ, ସନ୍ତୋଷ କୁମାର ସାହୁ ଓ ଗୌରୀ ଶଙ୍କର ରଥ ଙ୍କ ସମେତ ବହୁ ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ମନରେଗା କାର୍ଯ୍ୟର ସମୀକ୍ଷା ବୈଠକ

ଛତ୍ରପୁର, (ସବ୍ୟୁ) : ସ୍ଥାନୀୟ ଜଉଗଡ଼ ସମ୍ମିଳନୀ କକ୍ଷରେ ଶନିବାର ଜିଲ୍ଲାର ମନରେଗା କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ୍ଝ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରିଣୀ ମଧୁମିତା ଯୋଗ ଦେଇ ଜିଲ୍ଲାରେ ମନରେଗା କାର୍ଯ୍ୟରେ କରାଯାଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ ୍ଝ ଏହି ଯୋଜନା ଅଧୀନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ କରାଯାଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିବା ସହିତ ସମୀକ୍ଷା କରିଥିଲେ, ଏହି ସମୀକ୍ଷା ବୈଠକ ରେ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଟ୍ରକ ଜବତ, ଚାଳକ ଅଟକ

ଧାମନଗର,(ସବ୍ୟୁ):ଧାମନଗର ଥାନା ଅନ୍ତର୍ଗତ ଦୋବଲ-ଧାମନଗର ମୁଖ୍ୟ ରାସ୍ତା ଧାମନଗର କଲେଜ ନିକଟରୁ ଏକ କୋଇଲା ବୋଝେଇ ଟ୍ରକ ପୋଲିସ ଜବତ କରିଛି। ଶନିବାର ମଧ୍ୟାହ୍ନ ସମୟର ଓଆର-୦୫-ଏଜେ-୯୯୨୩ ନମ୍ବର ବିଶିଷ୍ଟ ଗୋଟିଏ ଦଶ ଚକିଆ ଟ୍ରକରେ ଚୋରା କୋଇଲା ଚାଲାଣ ହେଉଥିବା ଖବର ମିଳିବା ପରେ ଧାମନଗର ପୋଲିସ ଟ୍ରକଟିକୁ ଜବତ କରିଥିବା ଜଣାଯାଇଛି। କୋଇଲା ବୋଝେଇ ଟ୍ରକଟି ଧାମନଗର ପଟୁ କ୍ଷେଣ୍ଡପୁର ଅଭିମୁଖେ ଯାଉଥିବା ଖବରପାଇ ଥାନାଧିକାରୀ ଫଣିନ୍ଦ୍ର ଭୂଷଣ ନାୟକ ସଙ୍ଗେ ସଙ୍ଗେ ଏସଆଇ ରାଜେଶ ସେଠୀଙ୍କୁ ଟ୍ରକ ଟିକୁ ଜବତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏସଆଇ ଶ୍ରୀସେଠୀ ଟ୍ରକକୁ ପିଛା କରି ଅଟକାଇବାସହ ଯାଂଚ କରିଥିଲେ। ଟ୍ରକ ଚାଳକ କାଗଜପତ୍ର ଦେଖାଇ ନପାରିବାରୁ ପୋଲିସ ଟ୍ରକଟିକୁ ଥାନାକୁ ନେଇ ଅଟକ ରଖିଥିଲେ। ଏଥିରେ ପ୍ରାୟ ୧୫ ଲକ୍ଷ ଟଙ୍କାରୁ ଉଦ୍ଧର୍ବ ମୂଲ୍ୟର କୋଇଲା ଥିବା ଜଣାଯାଇଛି। ଏହି ଚୋରା କୋଇଲା କେଉଁଠୁ କେଉଁଠିକି ଯାଉଥିଲା ପୋଲିସ ତାହାର ସୂଚନା ଦେଇନାହିଁ। ତଦନ୍ତ ପରେ ସବୁ ଜଣା ପଡିବ ବୋଲି ଥାନା ଅଧିକାରୀ ସୂଚନା ଦେଇଥିବାବେଳେ ଡ୍ରାଇଭରକୁ ପୋଲିସ ଅଟକ ରଖିଥିବା ଜଣାଯାଇଛି।

## ସାପ କାମୁଡ଼ାରେ ମହିଳା ଆହତ

ବୁଗୁଡା, (ସବ୍ୟୁ) : ବୁଗୁଡା ବ୍ଲକ ଭଗବାନପୁର ପଞ୍ଚାୟତ ଅନ୍ତର୍ଗତ ପୁରୁଣା ପାଣିକେଶର ଗ୍ରାମର ଜନୈକ ମହିଳା ସାପ କାମୁଡ଼ାରେ ଆହତ ହୋଇଥିବା ଜଣାଯାଇଛି । ଆହତ ମହିଳା ଜଣକ ହେଲେ କୁନି ଗୌଡ (୪୨) । ପ୍ରକାଶ ଯେ, ମହିଳା ଜଣକ ନିଜ ଘର ବାରିପଟେ କାମ କରୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା । ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅବସ୍ଥାରେ ସୁଧାର ଆସିଥିଲେ ହେଁ ବେଦନା ଯୋଗୁଁ ସେ ଅସୁସ୍ଥତା ଅନୁଭବ କରୁଥିବା ଜଣାଯାଇଛି ।

## ମଦ ଜବତ, ଜଣେ ଗିରଫ

ଭଞ୍ଜନଗର, (ସବ୍ୟୁ) : ଭଞ୍ଜନଗର ଥାନା ଅନ୍ତର୍ଗତ ମୁଜାଗଡ ଗ୍ରାମର ଜଣେ ବ୍ୟକ୍ତିଙ୍କ ଠାରୁ ୧୨୧ ଲିଟର ବିଦେଶୀ ମଦ ଜବତ କରିଛି ପୁଲିସ। ଶୁକ୍ରବାର ସନ୍ଧ୍ୟାରେ ମୁଜାଗଡ ଇଲାକାରେ ଏଏସଆଇ ଏସ୍ ଏନ୍ ମଲ୍ଲିକ ଅନ୍ୟ ଥାନା ଷ୍ଟାଫ୍ ଙ୍କ ସହ ପେଟ୍ରୋଲିଓ କରୁଥିବା ବେଳେ ଗ୍ରାମର ଅଶୋକ ଗୌଡଙ୍କ ପୁଅ ତପନ ଗୌଡଙ୍କ ନିକଟରୁ ୧୨୧ ଲିଟର ବିଦେଶୀ ମଦ ଜବତ କରିଥିଲେ। ଜବତ ମଦ ସହ ଅଭିଯୁକ୍ତ ଙ୍କୁ ଥାନା କୁ ଆଣିବା ପରେ ପୁଲିସ ଥାନା କେଶ ନମ୍ବର ୯୬୩/୨୪ ପ୍ରକାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ କୁମର ମୁଦୁଲି ସୂଚନା ଦେଇଛନ୍ତି।

### ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା

# ମୟୂରଭଞ୍ଜରୁ ୧୬ କ୍ରୀଡ଼ାବିତ ସାମିଲ




ବାରିପଦା, (ସବ୍ୟୁ) : ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା ଚଳିତ ଅକ୍ଟୋବର ମାସ ୨୦ ରୁ ୨୨ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ମୁନିସିପାଲ ହାଇସ୍କୁଲ ଠାରେ ଅନୁଷ୍ଠିତ ହେଉଅଛି ।

ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ବାଳକ ଟିମ୍ ମ୍ୟାନେଜର ଭାବେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବିଶୋଇର ପିଇଟି ହରେକୃଷ୍ଣ ସେଠୀଙ୍କ ନେତୃତ୍ୱରେ ୧୬ଜଣ କ୍ରୀଡାବିତ୍ ଯୋଗ ଦେଇଛନ୍ତି । ଅଂଶଗ୍ରହଣ କରିଥିବା ପ୍ରତିଯୋଗିତାମାନଙ୍କ ମଧ୍ୟରେ ୧୭ବର୍ଷରୁ କମ ବାଳକ ବିଭାଗରେ ବାଜିନାଥ ମାରାଣ୍ଡି, ସୁରଜ ହାଁସଦା, ସୁନୀଲ କୁମାର ହାଁସଦା, ରଞ୍ଜିତ ସିଂ, କାହ୍ନୁ ମୁର୍ମୁ, ସୁମନ୍ତ ହେମ୍ବ୍ରମ, ବିମଳ ନାଏକ, କୃଷ୍ଣଚନ୍ଦ୍ର କେଣ୍ଡାଙ୍କେଲ, କ୍ରିଷ୍ଣା ମହାନ୍ତ, ଭୀମ ହାଁସଦା, ରାହୁଲ ସୋରେନ, ଶାଙ୍କ ହାଁସଦା, ଗୋପୀନାଥ ମାର୍ଣ୍ଡି, ଜିତରାୟ ହେମ୍ବ୍ରମ, ବୁଡାନ ସିଂ ବାଇପାଇ ଓ ଡାକ୍ତର ବେଶ୍ରା । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଅଛି ।

# ରାଶିଚାଷ ଚାଷୀଙ୍କୁ ଆର୍ଥିକ କ୍ଷେତ୍ରରେ କରିବ ସ୍ୱାବଲମ୍ବୀ

ଭଞ୍ଜନଗର,(ସବ୍ୟୁ): ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ବ୍ଲକ ଅଗ୍ରଣୀ ଚାଷୀ ବିନୋଦ ବିହାରୀ ପଟ୍ଟନାୟକଙ୍କ କ୍ଷେତରେ ପ୍ରଥମ ଥର ଖରିଫ୍ ରାଶି କ୍ଷେତ ଦିବସ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମ ଇକ୍ରିସାଟ, ଓଡିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଓଡିଶା କୃଷି ବିଶ୍ୱବିଦ୍ୟାଳୟ ମିଳିତ ଭାବରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଓଡିଶାରେ ରାଶି ଚାଷର ବିକାଶ, ବୃଦ୍ଧି ଓ ରାଶି ଚାଷ ଦ୍ୱାରା ଚାଷୀମାନଙ୍କର ରୋଜଗାର ବୃଦ୍ଧି ନିମନ୍ତେ କରାଯାଇଛିଛ କାର୍ଯ୍ୟକ୍ରମରେ ଓଡିଶା କୃଷି ବିଶ୍ୱ ବିଦ୍ୟାଳୟର ପୂର୍ବତନ ଡିନ୍ ତଥା ଇକ୍ରିସେଟ ପରାମର୍ଶ ଦାତା ଡକ୍ଟର ସଂଗ୍ରାମ କେଶରୀ ସ୍ୱାଇଁ, ଇକ୍ରିସେଟ ଆଞ୍ଚଳିକ ସଂଯୋଜକ ରାମ ବିକାଶ ବର୍ମା,ନୟାଗଡ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର କୃଷି ଇଞ୍ଜିନିୟର ଡକ୍ଟର ସୂଚୀ ସ୍ମିତା, କୃଷି ଇଞ୍ଜିନିୟର ବିଶ୍ୱଜିତ ପାଟଯୋଶୀ, କୃଷି ଇଞ୍ଜିନିୟର ସିଦ୍ଧାର୍ଥ ଶଙ୍କର ବରାଳ, ଗଞ୍ଜାମ -୧ କୃଷି ବିଜ୍ଞାନ କେନ୍ଦ୍ର ଭଞ୍ଜନଗର ର କୃଷି ବୈଜ୍ଞାନିକ ଡ. ସ୍ୱାତୀ ସ୍ୱୟଂପ୍ରଭା ପ୍ରଧାନ, ଅନିତା ପାତ୍ର, ଜଗନ୍ନାଥ ପ୍ରସାଦ ଗୋଷ୍ଠୀ କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର ବ୍ରହ୍ମପୁର



କୃଷି ଉପକରଣ ପ୍ରସ୍ତୁତି କମ୍ପାନୀ ସିଟ୍ ପ୍ରୋଫାଇଲ୍ ଙ୍କ ସମେତ ଅନେକ ଅଗ୍ରଣୀ ଚାଷି ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମକୁ ଜଗନ୍ନାଥ ପ୍ରସାଦ ସ୍ଥିତ ଅନୁଷ୍ଠାନ ବି'ମାସ୍ ସଂଯୋଜନା କରିଥିଲେ । ଏହି କର୍ଯ୍ୟକ୍ରମରେ ଧାନକଟା ଯନ୍ତ୍ର . ବୁଦା କଟା ଯନ୍ତ୍ର ଓ ଦା ଦ୍ୱାରା ରାଶି ଗଛ କଟାଯାଇ ସମସ୍ତ ପ୍ରକ୍ରିୟାର ପ୍ରଭେଦ ଅନୁଧ୍ୟାନ କରାଯାଇଥିଲା । ବୈଜ୍ଞାନିକ ପଦ୍ଧତିରେ ୯ ବର୍ଗ ମିଟର ଫସଲ କଟାଯାଇ ତଥ୍ୟ ସଂଗ୍ରହ ଓ ଆଲୋଚନା କରାଯାଇଥିଲା ଛ ଆଗାମୀ ଦିନରେ ଓଡିଶାରେ ଏହି ପ୍ରକଳ୍ପ ମାଧ୍ୟମରେ ନୂତନ କିସମର ରାଶି ବିହନ ଉଦ୍ଭାବନ, ଫସଲ ଚାଷ ଓ ଅମଳକୁ ସହଜ,ସରଳ ଓ କମ୍ ଖର୍ଚ୍ଚରେ କରିବା ପାଇଁ ବ୍ୟବସ୍ଥା କରାଯାଉଛିଛ ବିଶେଷ କରି ନୂତନ ଉନ୍ନତମାନର ଯନ୍ତ୍ରପାତି ଉଦ୍ଭାବନ ପାଇଁ ଡ. ସଂଗ୍ରାମ କେଶରୀ ସ୍ୱାଇଁ ଙ୍କ ସମେତ ସମସ୍ତ ବୈଜ୍ଞାନିକ ଓ କୃଷି ଇଞ୍ଜିନିୟର ମାନେ ଗବେଷଣା ଚଳାଇଥିବା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ମିଳିତ ଭାବରେ କୃଷି ବିଜ୍ଞାନ କେନ୍ଦ୍ର, ଓଡ଼ିଶା ସରକାର ଓ ଇକ୍ରିସେଟ ପ୍ରୟାସ ରତ ଅଛନ୍ତି। ଓଡିଶାରେ ରାଶି ଚାଷକୁ ବ୍ୟାପକ କରାଯିବା ସହିତ ତୈଳବୀଜର ଚାହିଦା ପୂରଣ କରାଯାଇ ଚାଷିମାନଙ୍କୁ ଲାବବାନ କରାଯାଇପାରିବାର ଯଥେଷ୍ଟ ସୁଯୋଗ ରହିଛି । ବଜାରରେ ରାଶିର ଚାହିଦା ଅଧିକ ରହିଥିବାରୁ ଏବଂ ରାଶିରେ ତୈଳ ପରିମାଣ ଅଧିକ ରହୁଥିବାରୁ ଉନ୍ନତ ଗବେଷଣା ଦ୍ୱାରା ଓଡିଶାର ଚାଷିଙ୍କ ରୋଜଗାର ବୃଦ୍ଧି ହୋଇପାରିବ। ଚଳିତ ବର୍ଷ ଜଗନ୍ନାଥ ପ୍ରସାଦ ବ୍ଲକର ୭ ଗୋଟି ଗ୍ରାମରେ ୧୭୦ ଜଣ ଚାଷୀ ବିଭିନ୍ନ ପୁରାତନ ଓ ନୂତନ ପଦ୍ଧତିରେ ୭୦ ଏକରରୁ ଉର୍ଦ୍ଧ ଜମିରେ ରାଶି ଚାଷ କରିବା ସହ ୩ ଗୋଟି କିସମର ରାଶିକୁ ପରୀକ୍ଷାମୂଳକ ଭାବେ ପ୍ରୟୋଗ କରାଯାଇଛି । ଏଥିସହ ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରରେ ସମସ୍ତ କିସମର ପରୀକ୍ଷା କରାଯାଉଛି । ଏହି ପ୍ରଚେଷ୍ଟା ଫଳରେ ରାଷ୍ଟ୍ରୀୟ କୃଷି ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ରାଶି ଚାଷକୁ ନେଇ ଚାଷୀମାନେ ବିଶେଷ ଲାଭବାନ ହୋଇପାରିବେ ବୋଲି ଏଠାରେ ଉପସ୍ଥିତ ଚାଷୀମାନେ ପ୍ରକାଶ କରିଛନ୍ତି ।

## ପ୍ରଭୁ ବୁଢ଼ାରଜାଙ୍କ ବାର୍ଷିକ ଦଶରା ସମ୍ପନ୍ନ

# ଲାଠିଯାତ୍ରାରେ ପ୍ରବଳ ଜନ ସମାଗମ



କୋକସରା, (ସବ୍ୟୁ) : କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଘାଟି ତଳେ କେଉଁ ଏକ ଆବାହମାନ କାଳରୁ ପୂଜିତ ହେଉଛନ୍ତି ଆଦିବାସୀଙ୍କ ଆରାଧ ଦେବତା ପ୍ରଭୁ ବୁଢ଼ାରଜା। ଶନିବାର ବିଳମ୍ବିତ ରାତିରେ ବୁଢାରଜା ଦେବଙ୍କ ବାର୍ଷିକ ଦଶରା ସମାପନ ହୋଇଯାଇଛି । ଶନିବାର ସକାଳ ୮ ଘଣ୍ଟା ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ଯାଇଥିଲା। ଏହି ଅବସରରେ ଆୟୋଜିତ ଦଶରା ପୁଜାରେ ବୁଢାରଜା ପୀଠରେ ଶୁକ୍ଳ ଭୋଗ ଓ ପାର୍ଶ୍ୱ ଦେବାଦେବୀଙ୍କୁ ରକ୍ତ ଭୋଗରେ ସନ୍ତୁଷ୍ଟ କରିଥିଲେ ମାନସିକଧାରୀ ଶ୍ରଦ୍ଧାଳୁ । ପୀଠରେ ୨ଟି ଲିଙ୍ଗକୁ ପୁଜା କରାଯାଏ। ଗୋଟିଏ ଲିଙ୍ଗରେ ଶୁକ୍ଳ ଭୋଗ ତଥା ନଡିଆ, ଧୂପ ଓ ମୁଆଁ ଦେଇ ପୁଜା କରାଯାଉଥିବା ବେଳେ ଅନ୍ୟ ଲିଙ୍ଗରେ ରକ୍ତ ଭୋଗ ଲାଗିହୁଏ। ଭକ୍ତ ମାନେ ମାନସିକ ପୁରଣ ପାଇଁ ଦେଇଥିବା ପଶୁ ପକ୍ଷୀକୁ ବୁଢାରଜାଙ୍କ ଠାରେ ଅର୍ପଣ କରି ଜେନାବୁଢା ଦେବତା ନିକଟରେ ବଳି ଦେଇଥିବା ଦେଖିବାକୁ ମିଳିଛି ।

ଦଶରା ପୁଜାର କାର୍ଯ୍ୟକ୍ରମ ସକାଳୁ ଆରମ୍ଭ ହୋଇଥିଲା। ସକାଳ ୮ ଘଣ୍ଟାରୁ ବୁଢ଼ାରଜାଙ୍କ ମନ୍ଦିରରେ ଭକ୍ତ ମାନେ ଦର୍ଶନ କରିବା ସହ ସକାଳ ୧୧ଟା ଗ୍ରାମ ପୂଜକଙ୍କ ଘରୁ ବିରାଟ ପଟୁଆରରେ ଲାଠିଯାତ୍ରା ଆରମ୍ଭ ସମୟରେ ବିଭିନ୍ନ ସାଂସ୍କୃତିକ ଦଳର ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଶୋଭାଯାତ୍ରାରେ ବାହାରି ମୁଖ୍ୟ ମନ୍ଦିରକୁ ପହଞ୍ଚି ଥିଲା। ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମରୁ ୨୦ରୁ ଉର୍ଦ୍ଧ ଦେବାଦେବୀଙ୍କ ଲାଠି କାଳିଶି ସହ ଘୁମୁରା, ଘଣ୍ଟ ଦଳ ଓ ଲୋକ କଳାକାରଙ୍କ ନୃତ୍ୟ ବାଦ୍ୟର ତାଳେ ତାଳେ ଦେବାଦେବୀ ମାନେ ଝୁମି ଝୁମି ନାଚି ନାଚି ଯାଇଥିଲେ । ପୁଜକ ଘର ଠାରୁ ମନ୍ଦିର ଯାଏଁ ନାହିଁ ନଥିବା ଜନ ଗହଳି ଦେଖିବାକୁ ମିଳିଥିଲା । ଲାଠିଯାତ୍ରା ପରିକ୍ରମା ସମୟରେ ବାଟରେ ଭଣ୍ଡାର ଘରେନ ମନ୍ଦିର ନିକଟରେ ପରମ୍ପରା ଅନୁଯାୟୀ ବାଳିଗଜା ଅର୍ପଣ କରାଯାଇଥିଲା। ଲାଠିଯାତ୍ରାରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଯୁବ ଫେଶନ ଡିଜାଇନର ସୁଜିତ ମେହେର, ପୂର୍ବତନ ବିଧାୟକ ମୌଷଧି ବାଗ, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା ପ୍ରମୁଖ ସାମିଲ ହୋଇଥିଲେ। ମୁଖ୍ୟ ମନ୍ଦିରକୁ ଦେବାଦେବୀଙ୍କ ସହ ଲାଠିଯାତ୍ରା ପହଞ୍ଚିବା ପରେ ସ୍ୱାଗତ କରି ପାଛୋଟି ନିଆଯାଇଥିଲା।

ଲାଠିଯାତ୍ରା ବୁଢାରଜା ପୀଠକୁ ପହଞ୍ଚିବା ପରେ ଉକ୍ତ ବାଲି ଗଜାକୁ ବୁଢାରଜାଙ୍କ ପୁଜା ସ୍ଥଳରେ ରଖାଯାଇ ପୁଜା କରାଯାଇଥିଲା । ପୁଜା କାର୍ଯ୍ୟ ଚାଲୁଥିବା ସମୟରେ ବୁଢାରଜା ଦେବଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ଆରମ୍ଭ ହୋଇଥିଲା। ବୁଢାରଜା ପୀଠରେ ଠୁଳ ହୋଇଥିବା ସମସ୍ତ ଦେବାଦେବୀ ଏହି ମଣ୍ଡେଇ ଯାତ୍ରାରେ ସାମିଲ ହୋଇ ବଜାର ପଡିଆ ପରିକ୍ରମା କରିଥିଲେ ।ମଣ୍ଡେଇ ଯାତ୍ରା ସମାପନ ହେବା ପରେ ପୁଣି ଥରେ ବୁଢାରଜା ପୀଠକୁ ଦେବାଦେବୀ ମାନେ ଚାଲି ଯାଇଥିଲେ । ପରେ ମନ୍ଦିର ନିକଟରେ ଥିବା ଏକ ଗଛରେ ଜହ୍ନିକୁ ବାନ୍ଧି ଲାଖବିନ୍ଧା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଶହ ଶହ ଯୁବକ ଏହି ଲାଖବିନ୍ଧା କାର୍ଯ୍ୟକ୍ରମରେ ଯୋଗଦେଇ ଗଛ ଶିଖରରେ ରଖାଯାଇ ଥିବା ଜହ୍ନିକୁ ଲକ୍ଷ୍ୟ କରି ଲାଖବିନ୍ଧା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପରେ ଶହ ଶହ ସଂଖ୍ୟକ ମାନସିକଧାରୀ ଭକ୍ତ ମାନେ ମନ୍ଦିର ପାର୍ଶ୍ୱରେ ଥିବା ଜେନାବୁଢା ପୀଠରେ ପଶୁ ପକ୍ଷୀବଳି ଦେଇଥିଲେ। ସଂଧ୍ୟାରେ ବୁଢାରଜା ସାଂସ୍କୃତିକ ମଞ୍ଚରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ବିଳମ୍ବିତ ରାତିରେ ଘୁମୁରା ଓ ନାଟକ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଅନୁଷ୍ଠିତ ବାର୍ଷିକ ଦଶରା ପୁଜା ଓ ମହୋତ୍ସବ କାର୍ଯ୍ୟକ୍ରମକୁ ବୁଢାରଜା ପୁଜା କମିଟି ସଭାପତି କୁମୁଦ ଚନ୍ଦ୍ର ପୁଝାରି, ଉପ-ସଭାପତି ତିଲୋତ୍ତମା ନାଏକ, ସଂପାଦକ ନକୁଳ ବାଣୁଆ, ସହ ସଂପାଦକ ସନ୍ତୋଷ ମାଝୀ କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ପଣ୍ଡା, ଟିକିଚନ୍ଦ୍ର ଧଙ୍ଗଡାମାଝୀ, ମନୋରଞ୍ଜନ ବାଣୁଆ, ମହେଶ୍ୱର ପୁଝାରି, ତ୍ରିନାଥ ପ୍ରସନ୍ନ ରାୟ, ବିନୋଦ ସିଂ, ସୁରେଶ ସାହୁ, ବି .ଭାସ୍କର ରାଓ, ଦୟାନିଧି ନାଏକ, ରହସ୍ୟ ନାଏକ, ଗୋବିନ୍ଦ ନାଏକ, କେଶବ ବେଣୁପାଣି, ରାଜ କିଶୋର ପଟେଲ, ମହେଶ୍ୱର ପୁଝାରି, ପ୍ରମୁଖ କମିଟିର ଶତାଧିକ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ଅବହେଳାର ଶିକାର ତନ୍ତ୍ରପୀଠ ରାଣୀପୁର ଝରିଏଲ

# ଏଏସ୍ଆଇ ପାଖରେ ନାହିଁ ୬୪ ଯୋଗିନୀଙ୍କ ନାମ ତାଲିକା !



ବଲାଙ୍ଗିର, (ସବ୍ୟୁ): ନବମ ଶତାବ୍ଦୀର ରାଣୀପୁର ଝରିଏଲ ସ୍ଥିତ ଐତିହାସିକ ୬୪ ଯୋଗିନୀ ତନ୍ତ୍ର ପୀଠ ଚରମ ଅବହେଳାର ଶୀକାର ହୋଇଛି ବୋଲି ବିଶଷ୍ଟ ସୂଚନା ଅଧିକାର କର୍ମି ହେମନ୍ତ କୁମାର ପଣ୍ଡା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ଏକ ପ୍ରେସ ବିବୃତ୍ତିରେ ଏହା କହିଛନ୍ତି । ଚଉଷଠି ଯୋଗିନୀ ମୂର୍ତ୍ତିମାନଙ୍କ ମଧ୍ୟରୁ ୪୮ଟି ଯୋଗିନୀ ମୂର୍ତ୍ତି ରହିଥିବା କଥା ପ୍ରତ୍ନତତ୍ତ୍ୱବିତ୍ ଆର୍.ପି ମହାପାତ୍ରଙ୍କ ଦ୍ୱାରା ୧୯୮୬ ମସିହାରେ ଲିଖିତ ଓଡିଶାର ପ୍ରତ୍ନତତ୍ତ୍ୱ ପୁସ୍ତକରୁ ଜଣାପଡେ ବୋଲି ତଥ୍ୟରେ କୁହାଯାଇଛି । ଚଉଷଠି ଯୋଗିନୀ ମନ୍ଦିରରୁ ଉଭାନ ହୋଇଥିବା ମୂର୍ତ୍ତିଗୁଡିକ ନଷ୍ଟ ହୋଇଯାଇଛି କିମ୍ବା କାଢି ଦିଆଯାଇଛି ବୋଲି ବିଭାଗ ତଥ୍ୟ ପ୍ରଦାନ କରିଛି । ପର୍ଯ୍ୟଟକମାନେ ବର୍ତ୍ତମାନ ଦେଖୁଥିବା ମୂର୍ତ୍ତିଗୁଡିକୁ ସୁରକ୍ଷା ଦୃଷ୍ଟିରୁ ଲୁହା ଜାଲି ଦିଆଯାଇଥିବା କଥା ତଥ୍ୟରୁ ଜଣାପଡିଛି । କେନ୍ଦ୍ରୀୟ ସଂସ୍ଥା ପ୍ରତ୍ନତତ୍ତ୍ୱ ବିଭାଗ ରାଣୀପୁର- ଝରିଏଲ ଐତିହାସିକ ସ୍ଥଳୀକୁ ହାତକୁ ନେବା ପୂର୍ବରୁ କୌଣସି ଯୋଗିନୀ ମୂର୍ତ୍ତି ନଥିବା ସୂଚନା ବିଭାଗ ପାଖରେ ନାହିଁ ।

କେଉଁ କେଉଁ ମୂର୍ତ୍ତି ଚଉଷଠି ଯୋଗିନୀ ରାଣୀପୁର ଝରିଏଲ କିର୍ତ୍ତିରାଜୀରୁ ନିଖୋଜ ହୋଇଛନ୍ତି ସେମାନଙ୍କ ନାମ ବିଭାଗ ପାଖରେ ନାହିଁ ଓ ବର୍ତ୍ତମାନ ରହିଥିବା ଅବଶିଷ୍ଟ ମୂର୍ତ୍ତିଗୁଡିକର ନାମ ମଧ୍ୟ ପ୍ରତ୍ନତତ୍ତ୍ୱ ବିଭାଗରେ ନାହିଁ ବୋଲି ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରାଯାଇଛି । କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗ ସବୁ ଜାଣି ଅଜଣା ରହିବା ଅଭିନୟ କରୁଛି ବୋଲି ପଣ୍ଡା କହିଛନ୍ତି । ନିଖୋଜ ମୂର୍ତ୍ତିଗୁଡିକ କେଉଁ କେଉଁ ଯୋଗିନୀଙ୍କ ଥିଲା ଏହା ପ୍ରତ୍ନତତ୍ତ୍ୱ ବିଭାଗ ଅନୁସନ୍ଧାନ କରି ସେହି ସ୍ଥାନରେ ନୂତନ ପ୍ରତିକୃତି ସ୍ଥାପନ କରିବା ପାଇଁ ଉଦ୍ୟମ କରିବା ବଦଳରେ କିଛି ଜାଣି ନଥିବା କଥା କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବଲାଙ୍ଗୀର ଜିଲ୍ଲାର ରାଣୀପୁର ଝରିଏଲରେ ଦେଶର ଅନ୍ୟତମ ବିରଳ ୬୪ ଯୋଗିନୀ ତନ୍ତ୍ର ପୀଠ ଅବସ୍ଥିତ । ଅନ୍ୟ ୬୪ ଯୋଗିନୀ ତନ୍ତ୍ରପୀଠ ଅପେକ୍ଷା ଏହା ବୃହଦାକାର ଅଟେ । ଏହି ତନ୍ତ୍ର ପୀଠରେ ଚାମୁଣ୍ଡା, ରୁଦ୍ରାଣୀ, ବିକାରିଣି, କାମାଖ୍ୟା, ଅଘୋରି, ତ୍ରିପୁରା ସୁନ୍ଦରି, ଡାକିନୀ. ରାକିନୀ, ଲାକିନୀ, ଶାକିନୀ, ହାକିନୀ, ବାରୁଣୀ, ଜ୍ୱାଲିନୀ, ଭଦ୍ର କାଳୀ, ମାତଙ୍ଗୀ, ଚଣ୍ଡି, ଭୈରବୀ, କାଳରାତ୍ରୀ ଗୌରୀ, ଉମା, ଶାକଂଭରୀ, ଦୁର୍ଗା, ପାର୍ବତୀ, ମାହେଶ୍ୱରୀ, ବିନ୍ଧ୍ୟବାସିନୀ, କାମେଶ୍ୱରୀ, ତ୍ରୈଲୋକ୍ୟମୋହିନୀ ଇତ୍ୟାଦି ୬୪ଟି ଦୁର୍ମୁଲ୍ୟ ଦେବୀ ମୂର୍ତ୍ତି ରହିଥିଲା । ଏହି ସମସ୍ତ ଦେବୀ ମୂର୍ତ୍ତିର ନାମ ଏବଂ ନିଖୋଜ ହୋଇଥିବା ମୁର୍ତ୍ତିଗୁଡିକର ନାମ ଅନୁସନ୍ଧାନ କରାଯାଇ ଖାଲି ରହିଥିବା ନିଖୋଜ ମୂର୍ତ୍ତି ସ୍ଥାନରେ ନୂତନ ପ୍ରତିକୃତି ସ୍ଥାପନ କରିବା ପାଇଁ ପଣ୍ଡା ଦାବୀ କରିଛନ୍ତି ।

## ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର

ମୁରିବାହାଲ,(ସବ୍ୟୁ): ୫୯ନମ୍ବର ଜାତୀୟ ରାଜପଥ ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ବିଟାବନ୍ଧ ଗ୍ରାମ ନିକଟରେ ଶନିବାର ଅପରାହ୍ନରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଦୁଇ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ନୂଆପଡ଼ା ଜିଲ୍ଲା ଖଡିଆଳ ଥାନା ଚନାବେଡା ଗ୍ରାମର ରାଷ୍ଟ୍ରପତି ବେହେରା ଓ ଦୀପକ ବେହେରା ବାଇକ୍‌ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ ଯୁବକମାନେ ୧୦୮ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଉଦ୍ଧାର କରି ଟିଟିଲାଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆହତ ରାଷ୍ଟ୍ରପତି ବେହେରାଙ୍କ ମୁହଁ ଓ ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗି ରକ୍ତସ୍ରାବରୁ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ରାଷ୍ଟ୍ରପତି ବେହେରାଙ୍କୁ ଅଧିକ ଚିକିତ୍ସା ପାଇଁ ବଲାଙ୍ଗିର ଭୀମଭୋଇ ମେଡ଼ିକାଲକୁ ସ୍ଥାନାନ୍ତରିତ ଅନ୍ୟ ଜଣେ ଆହତ ଦୀପକ ବେହେରାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଥିବା ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଉଦଯାପିତ

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ-୨୦୨୪ ଉଦଯାପିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଗାୟତ୍ରୀ ପାତ୍ର, ସଦସ୍ୟା ନମିତା ମହାନ୍ତି, ପ୍ରେମଲତା ପାତ୍ର, ଭାନୁମତୀ ପୂଜାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ଯୋଗଦେଇ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ପିଓ ବାଳକୃଷ୍ଣ ମଲ୍ଲିକ,ରାଜେଶ କୁମାର ନାୟକ, ହେମକାନ୍ତି ସାହୁ, କାକୁଲି ମିଶ୍ର, ଗାଙ୍ଗେଶ୍ୱର ମିଶ୍ର, ଲିପ୍ସା ସରିତା ପାତ୍ର ଓ ବିଜୟ ସାହୁ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଆଲୋମଣୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କ ମନୋବଳକୁ ଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ର ବିଭିନ୍ନ ଶିଶୁ ଗୃହରେ ରହୁଥିବା ପିଲା ମାନଙ୍କର ଲୁକକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ମୂଳ ଲକ୍ଷ୍ୟ ଅଟେ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ କହିଛନ୍ତି। ବିଭିନ୍ନ ଶିଶୁ ଗୃହରୁ ୯୦ ଜଣ ଶିଶୁ ଯୋଗଦେଇ ବକ୍ତୃତା, କୁଇଜ, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ।

## ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ଏସ୍.ରାମପୁର, (ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବାଙ୍ଗୀପାଲି ପଂଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁବାସ ଭୁଏଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଡୁଙ୍ଗୁରିପାଲି ବ୍ଲକ ସହ ଶିକ୍ଷା ଅଧିକାରୀ ଜଗତ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସିଆରସିସି ହାରାଧନ ବେରିଆ,ସମ୍ମାନିତ ଅତିଥିଭାବେ ସ୍କୁଲ ପରିଚାଳନା କମିଟି ସଭାପତି ବାଦଲ ନାଏକ, ଡୁଙ୍ଗୁରିପାଲି ସିଆରସିସି ଥବିର ଦୋରା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ଖେଳ ଶିକ୍ଷକ ସଂଜୀବ ସାହୁ ଅତିଥି ପରିଚୟ କରିଥିବା ବେଳେ ଡୁଙ୍ଗୁରିପାଲି କ୍ରୀଡା ସଙ୍ଘ ସମ୍ପାଦକ ଅଶୋକ ବୁଦ୍ଧିଆ ବାର୍ଷିକ ବିବରଣୀ ପଠନ କରିଥିଲେ । ବ୍ଲକର ୧୫ଟି କ୍ଲଷ୍ଟରର ବିଭିନ୍ନ ସ୍କୁଲରୁ ବରିଷ୍ଠ ଓ କନିଷ୍ଠ ବର୍ଗରେ ଛାତ୍ରଛାତ୍ରୀ ମାନେ ଉଚ୍ଚ ଡିଆଁ, ଲମ୍ବ ଡିଆଁ , ଡିସ୍କସ ଥ୍ରୋ, ସଟ ପୁଟ, ଜାଭେଲିନ ଥ୍ରୋ, ଦୌଡ଼ ପ୍ରତିଯୋଗିତାରେ ଭାଗନେଇଥିଲେ । ରେଡ଼କ୍ରସ ପ୍ରଶିକ୍ଷକ ହୃଷିକେଶ ଡାଙ୍ଗ ସଭା ପରିଚାଳନା କରିଥିବା ବେଳେ କନ୍ଦାଗାଡ଼ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ସମ୍ପଦ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ କ୍ରୀଡା ପ୍ରେମୀ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ଲୋୟର ସୁକତେଲ ବିସ୍ଥାପିତ କଲୋନୀରେ ନରସିଂହ

# ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ



ବଲାଙ୍ଗିର,(ସବ୍ୟୁ) : ବଲାଙ୍ଗିର ଜିଲ୍ଲାରେ ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପ ତରବରିଆ ଭାବରେ ଗତ ସରକାର ଉଦ୍ଘାଟନ କରିଦେଇଥିଲେ। ବିସ୍ଥାପିତମାନଙ୍କ ତ୍ୟାଗ ବଳରେ ତିଆରି ହୋଇଥିବା ଏହି ପ୍ରକଳ୍ପରୁ ଏ ପର୍ଯ୍ୟନ୍ତ ଚାଷୀ ପାଣି ପାଇ ପାରିନାହିଁ । ବିସ୍ଥାପିତମାନେ ମଧ ଆଇନ ମୁତାବକ ତାଙ୍କର ଅନେକ ପ୍ରକାର କ୍ଷତିପୁରଣ ପାଇବାର ବାକି ଅଛି। ଏପରିକି ଏମାନଙ୍କୁ ବିସ୍ଥାପିତ କରି ଥଇଥାନ କରାଯାଇଥିବା କଲୋନୀରେ ମୌଳିକ ସୁବିଧାରୁ ଏମାନଙ୍କୁ ସରକାର ବଞ୍ଚିତ କରିଛି । ତେଣୁ ଏ ସବୁ ଯେତେ ଶିଘ୍ର ହେବ ସମାଧାନ କରାଯାଉ ନଚେତ ଆଗାମୀ ଦିନରେ ଲୋକେ ନିଶ୍ଚିତ ଭାବେ ଆନ୍ଦୋଳନ ମୁହାଁ ହେବେ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଶୁକ୍ରବାର ଝାଙ୍କରପାଲି ନିକଟସ୍ଥ ଲୋୟର ସୁକତେଲର ଥଇଥାନ କଲୋନୀକୁ ଯାଇ ଲୋକମାନଙ୍କ ଅଭାବ ଅସୁବିଧା ବୁଝିବା ପରେ ନିଜ ପ୍ରତିକ୍ରିୟା ଦେଇ କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ଲୋକେ ଆଜି ପର୍ଯ୍ୟନ୍ତ ଥଇଥାନ କଲୋନିରେ ପିଇବା ପାଇଁ ପାଣି, ଗାଧୋଇବା ପାଇଁ ପୋଖରୀ ପାଇ ନାହାନ୍ତି । ତେଣୁ ଏ ସବୁ ର ତୁରନ୍ତ ସମାଧାନ କରାଯାଉ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଥଇଥାନ ଓ ବିସ୍ଥାପିତ କଲୋନିରେ ଶ୍ରୀ ମିଶ୍ର ପହଂଚିବା ପରେ ସେଠାରେ ରହୁଥିବା ପ୍ରାୟ ସମସ୍ତ ମହିଳା ପୁରୁଷ ଆସି ତାଙ୍କ ଅସୁବିଧା ନେଇ ଅବଗତ କରିଥିଲେ ।

ବିଶେଷ କରି ପିଇବା ପାଣି, ଗାଧୋଇବା ପାଇଁ ପୋଖରୀ, ଅନ୍ତେଷ୍ଟି କ୍ରିୟା ପାଇଁ ଶ୍ମଶାନ ଓ ଛୋଟ ଛୋଟ ଶିଶୁମାନଙ୍କ ପାଇଁ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ର୍ନିର୍ମାଣର ପ୍ରତିଶୃତି ଦେଇ ପ୍ରଶାସନ ଓ ସରକାର ବର୍ତମାନ ଚୁପ ବସିପଡିଛି । ଏ ସବୁ ଅଭିଯୋଗ ଶୁଣିବା ପରେ ପୂର୍ବତନ ବିଧାୟକ ଶ୍ରୀ ମିଶ୍ର ତୁରନ୍ତ ଫୋନ ଯୋଗେ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସହ କଥା ହୋଇଥିଲେ । ଏଠାରେ ଥିବା ଜଗନ୍ନାଥ ମନ୍ଦିର ପୂଜକଙ୍କ ଅଭିଯୋଗ ଅନୁସାରେ ମନ୍ଦିର ଯେମିତି ଠିକ୍ ଭାବରେ ଚାଲିବ ଭଗବାନଙ୍କ ସମସ୍ତ ରୀତିନୀତି ପରିଚାଳନା ପାଇଁ ଦରକାର ହେଉଥିବା ପାଣି କିପରି ମିଳିପାରିବ ସେ ଉପରେ ସେ ଆଲୋଚନା କରିବେ ବୋଲି କହିଥିଲେ । ଲୋକଙ୍କୁ ମଧ ସେ ଦରକାର ପଡିଲେ ଆଗାମୀ ଦିନରେ ବୁଡି ଅଂଚଳବାସୀ ଓ ବିସ୍ଥାପିତଙ୍କ ନ୍ୟାର୍ଯ୍ୟ ଅଧିକାର ପାଇବା ପାଇଁ ଆନ୍ଦୋଳନ କରାଯିବ ବୋଲି କହିଥିଲେ । ଆଲୋଚନା ସମୟରେ ସଂଗ୍ରାମ ପରିଷଦର ନେତୃତ୍ୱ ନେଉଥିବା ଘନ ସାହୁ, ସରପଞ୍ଚ ସଂଜୟ ଗଡତ୍ୟା, ମୀନକେତନ ଚାନ୍ଦ, ଯଜ୍ଞକର ବିଶ୍ୱାଲ, ଚୁଡଙ୍ଗ ସାହୁ, ଭରତ ସାହୁ, ମନ୍ଦିର ପୂଜକ ରାମ ପ୍ରସାଦ ଚାନ୍ଦ, ବିଷ୍ଣୁ ଛତ୍ରିଆ, ଡ. ରାଧାକାନ୍ତ ଭୋଇ, କିଶୋର ଗଡତ୍ୟାଙ୍କ ସହ ବିସ୍ଥାପିତ ସମସ୍ତ ମହିଳା ପୁରୁଷ ଉପସ୍ଥିତ ଥିଲେ ।

## ଦୁର୍ନୀତି ନିବାରଣ ସପ୍ତାହ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ, (ସବ୍ୟୁ) : ବୌଦ୍ଧରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ପାଇଁ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅକ୍ଟୋବର ୨୮ ଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଚୁଡାନ୍ତ କରାଯାଇଥିଲା । ଦୁର୍ନୀତି ବିରୋଧରେ ସଚେତନତା ପାଇଁ ୨୮ ଅକ୍ଟୋବର ୧୧ ଘଣ୍ଟା ସମୟରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲା ର ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ସମୁହ ଶପଥ ପାଠ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ୨୯ ତାରିଖ ଦିନ ହରଭଙ୍ଗାବ୍ଲକ, ୩୦ ତାରିଖରେ କଣ୍ଟାମାଳ ବ୍ଲକ ଏବଂ ୧ ନଭେମ୍ବର ରେ ବୌଦ୍ଧ ବ୍ଲକ ର ବିଭିନ୍ନ ଗ୍ରାମସଭାମାନଙ୍କରେ ଦୁର୍ନୀତି ନିବାରଣ ସଚେତନତା ସଭା ଅନୁଷ୍ଠିତ ହେବ । ବ୍ଲକର ବିଡିଓ ଏବଂ ତହସିଲଦାରମାନେ ଏହି କାର୍ଯ୍ୟକ୍ରମକୁ ଯୋଜନା ମୁତାବକ ସଫଳ କରାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ନଭେମ୍ବର ୧ ରେ ଏକ ସଚେତନତା ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ପହଞ୍ଚିବ । ଦୁର୍ନୀତି ନିବାରଣ ସଚେତନତା ବାର୍ତ୍ତା ନେଇ ଏକ ସଚେତନତା ରଥ ବୌଦ୍ଧ ଜିଲ୍ଲା ପରିକ୍ରମା କରିବ । ନଭେମ୍ବର ୨ ତାରିଖରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ଗୃହ ଠାରେ ଏବଂ ୩ ତାରିଖରେ ସାମାଜିକ ଗଣମାଧ୍ୟମ ଜରିଆରେ ସଚେତନତା ବାର୍ତା ପ୍ରଦାନ କରାଯିବ । ଏନେଇ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ସଚେତନତା ସଂପର୍କିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଚଳିତବର୍ଷ ଦୁର୍ନୀତି ବିରୋଧରେ ସଚେତନତା ପାଇଁ ସତ୍ୟ ନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି ବିଷୟ ଆଧାରିତ ଆଲୋଚନା କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି । ବୈଠକରେ ବ୍ରହ୍ମପୁର ଭିଜିଲାନସ ଆରକ୍ଷୀ ଅଧିକ୍ଷକ ଗଣେଷ ପ୍ରଧାନ ଧନ୍ୟବାଦ ପ୍ରଦାନ କରିବା ସହିତ ସୁସ୍ଥ ସମାଜ ଗଠନ ତଥା ଦୁର୍ନୀତିର ମୁଳୋତ୍ପାଟନ ପାଇଁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଆହ୍ୱାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ପଣ୍ଡା ଦୁର୍ନୀତି ନିବାରଣ ସଚେତନତା ସପ୍ତାହକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ବୈଠକରେ ଡିଏସପି ଭିଜିଲାନସ ବୌଦ୍ଧ ସୁରେଶ କୁମାର କହଁର,ଇନିସପେ୍କ୍ଟର ଜଗବନ୍ଧୁ ଅଙ୍ଗାରିଆଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ନଭେମ୍ବର ୯ରୁ ଝାରସୁଗୁଡ଼ାରେ ଦ୍ୱିଦିବସୀୟ ଜାତୀୟ ସମ୍ମିଳନୀ

# ଗର୍ଭଧାରଣ ଓ ପ୍ରସବ ସମସ୍ୟା ଉପରେ ସେମିନାର




ଝାରସୁଗୁଡ଼ା,(ସବ୍ୟୁ): ନଭେମ୍ବର ୯ ତାରିଖ ଠାରୁ ଦ୍ୱି-ଦିବସୀୟ ଜାତୀୟ ସମ୍ମିଳନୀର ଆୟୋଜନ କରୁଛି ଡାକ୍ତରଙ୍କ ସଂଗଠନ ଆଇସୋପର୍ବ । ହୋଟେଲ ମେ ଫେୟାର ଠାରେ ଆୟୋଜିତ ହେବାକୁଥିବା ଏହି ଜାତୀୟ ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଏବଂ ଅନ୍ୟ ବିଶେଷଜ୍ଞ ଡାକ୍ତରମାନେ ଭାଗ ନେବେ । ପ୍ରାୟ ତିନି ଶହ ଡାକ୍ତର ଏହି ସମ୍ମିଳନୀକୁ ଆମନ୍ତ୍ରିତ ହୋଇଥିବା ବେଳେ ଖ୍ୟାତନାମା ବିଶେଷଜ୍ଞ ଡାକ୍ତରମାନେ ମହିଳାଙ୍କ ଗର୍ଭ ଧାରଣ, ଗର୍ଭ ଧାରଣ ପୂର୍ବ ଓ ଗର୍ଭଧାରଣା ପର ସମସ୍ୟା ତଥା ଗର୍ଭସ୍ଥ ଶିଶୁମାନେ କେଉଁସବୁ ରୋଗ ବ୍ୟାଧିର ଶିକାର ହେଉଛନ୍ତି ତାହାର ପ୍ରତିକାର ଓ ଚିକିତ୍ସା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ । ଏନେଇ ହୋଟେଲ ମେ ଫେୟାର ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ମଣ୍ଡଳୀ ସୂଚନା ପ୍ରଦାନ କରିଛନ୍ତି ।

ସାମ୍ବାଦିକ ସମ୍ମିଳନୀରେ ଡାକ୍ତର ଦିଲୀପ୍ର କୁମାର ଷଡଙ୍ଗୀ, ଡାକ୍ତର ପ୍ରଫେସର ଓଜସ୍ୱିନୀ ପଟେଲ, ଡାକ୍ତର ପଫେସର ବେଣୁଧର ପାଣ୍ଡେ, ଡାକ୍ତର ପ୍ରଫେସର ଲୀନା ବାରୁ, ଡାକ୍ତର ପ୍ରଫେସର ଶର୍ମିଳା ପ୍ରଧାନ, ଡାକ୍ତର ବବିତା ରମାନୀ, ଡାକ୍ତର ସତ୍ୟନାରାୟଣ ବେହେରା, ଡାକ୍ତର ଶକ୍ତି ତ୍ରିପାଠୀ ଏବଂ ଡାକ୍ତର ରଜତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ମଣ୍ଡଳୀର ଅଧ୍ୟକ୍ଷ ଡାକ୍ତର ଶଙ୍କର ଜୟକିଶନ ପଟେଲ ସୂଚନା ଦେଇ କହିଥିଲେ ଯେ, ଝାରସୁଗୁଡ଼ା ଠାରେ ଦ୍ୱିତୀୟ ଜାତୀୟ ଯୁବା ଆଇଏସଓପିଏଆରବି ସମ୍ମିଳନୀ ଆୟୋଜନ ପାଇଁ ସୁଯୋଗ ମିଳିବା ଏକ ବଡ଼ ଉପଲବ୍ଧି । ପ୍ରିଭେନଟିଭ ପେରିନାଟୋଲଜି ବିଷୟ ଉପରେ ମୁଖ୍ୟତଃ ଏହି ସମ୍ମିଳନୀରେ ଫୋକସ ରହିବ ।

ଏହାର କାରଣ ଓ ନିରାକରଣ ତଥା ଗର୍ଭଧାରଣ ଏବଂ ଗର୍ଭସ୍ଥ ଶିଶୁମାନେ ସମ୍ମୁଖିନ ହେଉଥିବା ରୋଗବ୍ୟାଧି ଓ ଏହାର ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥାକୁ ନେଇ ଚର୍ଚ୍ଚାରୁ ଅନେକ କିଛି ଶିକ୍ଷାଲାଭ ଉପସ୍ଥିତ ଡାକ୍ତରମାନେ କରି ପାରିବେ ବୋଲି ଡାକ୍ତର ପଟେଲ କହିଥିଲେ । ଗର୍ଭସ୍ଥ ଶିଶୁମାନେ ହୃଦରୋଗର ଶିକାର ହେବା, ହୃଦୟରେ କଣା ସୃଷ୍ଟି ହେବା ଭଳି ସମସ୍ୟାର ସମାଧାନ ଲାଗି ଓଡ଼ିଶାରେ ସେଭଳି ବିଶେଷ ଚିକିତ୍ସା ବ୍ୟବସ୍ଥା ନ ଥିବାରୁ ବାହାର ରାଜ୍ୟ ଉପରେ ରୋଗୀ ତଥା ଶିଶୁର ମାତାପିତା ନିର୍ଭର କରୁଥିବାରୁ ରାଜ୍ୟ ସରକାର ଏଦିଗରେ ବିଶେଷ ମନୋନିବେଶ କରି ଝାରସୁଗୁଡ଼ା ଭଳି ଏୟାର କନେକ୍ଟିଭିଟି ଏବଂ ରେଳ ସୁବିଧା ଓ ରୋଡ୍ ସଂଯୋଗ ଥିବା ଗ୍ରୋଇଂ ସିଟିରେ ଏକ କେନ୍ଦ୍ର ପ୍ରତିଷ୍ଠା କରିବା ଜରୁରୀ ବୋଲି କହିଥିଲେ ।

# ବୌଦ୍ଧ ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତି, ଯୁବ ନେତୃତ୍ୱ ଉପରେ କର୍ମୀଙ୍କ ଭରସା !

ବୌଦ୍ଧ,(ସବ୍ୟୁ): ଗତ ସାଧାରଣ ନିର୍ବାଚନରେ ବୌଦ୍ଧ ଜିଲ୍ଲାର ଦୁଇଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳି ବୌଦ୍ଧ ଓ କଣ୍ଟାମାଳ ନିର୍ବାଚନ ମଣ୍ଡଳି ବିଜେପି ହାତକୁ ଚାଲିଯିବା ପରେ ଏବେ ଖାଁ ଖାଁ ଲାଗୁଛି ବିଜୁ ଜନତା ଦଳ ଶିବିର । ଜିଲ୍ଲାରେ ଦଳର ପରାଜୟ ପରେ ଏବେ ଅନେକ ଆଗଧାଡିର କର୍ମୀ ଦଳରୁ ମୁହଁ ଫେରାଇବା ଆରମ୍ଭ କରିଦେଲେଣି । ସେହିପରି ଅନେକ ନେତା ଓ କର୍ମୀ ନିରବ ରହି ଦଳର ପାଣିପାଗ ଉପରେ ନଜର ରଖିଥିବା ବେଳେ ଅନେକ ନେତା ଓ କର୍ମୀ ଭିତିରିଆ ବିଜେପି ଶିବିର ସହିତ ସଂପର୍କରେ ଥିବା ଚର୍ଚ୍ଚା ହେଉଛି ।

ଜିଲ୍ଲାରେ ବିଜେଡିର ପରାଜୟ ପାଇଁ ଅନେକ କାରଣ କୁହାଯାଉଥିଲେ ମଧ ମୁଖ୍ୟତଃ ଦଳରେ କର୍ମୀ ଓ ଯୁବନେତାଙ୍କୁ ଅଣଦେଖା ଯୋଗୁଁ ଦଳ ଏଠାରେ ପରାଜୟ ହେଲା ବୋଲି ଆଲୋଚନା ହେଉଛି । ଦଳ ବର୍ତ୍ତମାନ ଠାରୁ ଆଗାମୀ ରଣନିତି ଆରମ୍ଭ କରିଦେଇଥିଲେ ମଧ କର୍ମୀଙ୍କ ଦଳ ପ୍ରତି ଆଗ୍ରହ ରହିଥିଲେ ମଧ ନେତାଙ୍କ ପ୍ରତି ଅସନ୍ତୋଷ ରହିଛି । ଅନେକ ନେତା କେବଳ ଲୋକଦେଖାଣିଆ ଭାବରେ ଆସି କାର୍ଯ୍ୟକ୍ରମରେ ଗୁଡିକରେ ସାମିଲ ହେଉଛନ୍ତି ହେଲେ ସେମାନଙ୍କର ଆନ୍ତରିକତା ନଥିବା ଭଳି ମନେ ହେଉଛି । ବର୍ତ୍ତମାନ କର୍ମୀଙ୍କ ପାଇଁ ଏକ ବଡ ସମସ୍ୟା ଦେଖାଦେଇଛି । କର୍ମୀ ନିଜର ସମସ୍ୟା ନେଇ ଦଳର କାହାର ପାଖକୁ ଯିବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡିଯାଇଛନ୍ତି । ଏପରିସ୍ଥଳେ ହାତଗଣତି ତିନି ଚାରି ଜଣ ନେତାଙ୍କ ଉପରେ କର୍ମୀମାନେ ଭରସା ରଖି ସେମାନଙ୍କ ପାଖକୁ ନିଜର ଅସୁବିଧାର ସମାଧାନ ପାଇଁ ଯାଉଥିବା ଜଣାପଡିଛି । ସେହି ନେତାଙ୍କ ମଧ୍ୟରେ ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସଂପାଦକ ଅଶୋକ କୁମାର ସାହୁ, ବୌଦ୍ଧଗଡ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ମୃତ୍ୟୁଂଜୟ ମିଶ୍ର, ୭ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ତଥା ଆଇନଜୀବୀ ବିଶ୍ୱଜିତ ମିଶ୍ର, ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁବୋଧ ପ୍ରଧାନ,ଗତ ସାଧାରଣ ନିବାଚନ ପୂର୍ବରୁ ଦଳରେ ସାମିଲ ହୋଇଥିବା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ଶ୍ରମିକ ନେତା ଅବକାଶ ସାହୁଙ୍କ ଉପରେ ଦଳିୟ କର୍ମୀ ଭରସା କରୁଛନ୍ତି । କଥାରେ ଅଛି ଯେତେବେଳେ ଦଳର ଉତ୍ସାହି କାର୍ଯ୍ୟକର୍ତା ନୀରବ ହୋଇଯାଆନ୍ତି , ସେତେବେଳେ ଯେଉଁ ଦଳ ଯେତେ ଶକ୍ତିଶାଳୀ ହୋଇଥିଲେ ମଧ ତାହା ଦଳ ପାଇଁ ମହଙ୍ଗା ପଡିଥାଏ । ବର୍ତ୍ତମାନ ବିଜେଡିରେ ସେହି ପରିସ୍ଥିତି ଦେଖାଦେଇଛି । ବର୍ତ୍ତମାନ ଦଳ କ୍ଷମତା ବାହାରେ ରହିଥିଲେ ମଧ ଦଳର ବହୁ କର୍ମୀଙ୍କ ମନବଳ ଏବେବି ଦୃଢ ରହିଛି । ହେଲେ ସେମାନେ ନିଜର ଭବିଶ୍ୟତକୁ ନେଇ ଚିନ୍ତାରେ ପଡିଯାଇଛନ୍ତି । ଦଳର ଅନେକ କର୍ମୀ ଓ ଦଳର ସମର୍ଥକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏପରିସ୍ଥଳେ ଦଳିୟ କର୍ମୀମାନେ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଏହି ଯୁବନେତାଙ୍କ ପାଖରେ ପହଂଚୁଛନ୍ତି । ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସଂପାଦକ ଶ୍ରୀ ସାହୁ ଜଣେ ବରିଷ୍ଠ ଆଇନଜିବୀ ଭାବରେ ଜିଲ୍ଲାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ବେଳେ ଜିଲ୍ଲା ରାଜନିତିରେ ମଧ ତାଙ୍କର ବେଶ ପ୍ରଭାବ ରହିଛି । ଏପରିସ୍ଥଳେ ଏନେକ କର୍ମୀ ସେମାନଙ୍କ ଅସୁବିଧାର ସମାଧାନ ପାଇଁ ତାଙ୍କ ପାଖରେ ପହଂଚୁଛନ୍ତି ।

ସକାଳ ହେଲେ ତାଙ୍କ ବାସଭବନ ସମ୍ମୁଖରେ ଦଳିୟ କର୍ମୀ କୁହନ୍ତୁ କିମ୍ବା ସାଧାରଣ ଲୋକ ବିଭିନ୍ନ ଅସୁବିଧା ସୁବିଧା ପାଇଁ ହାଜର ହୋଇଥାନ୍ତି । ସେହିପରି ଏନଏସି ଅଧ୍ୟକ୍ଷ ଶ୍ରୀ ମିଶ୍ରଙ୍କ ପ୍ରଭାବ ମଧ ଦଳରେ କମ ନୁହେଁ । ଜିଲ୍ଲାରେ ତାଙ୍କର ଏକ ନିଜସ୍ୱ ସଂଗଠନ ରହିଛି । ଛାତ୍ରଜୀବନରୁ ରାଜନିତି ସହିତ ଜଡିତ ରହି ଏନଏସି ଅଧ୍ୟକ୍ଷ ସହିତ ଜିଲ୍ଲା ଯୁବ ବିଜେଡି ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ଅଛନ୍ତି । ତାଙ୍କ ପ୍ରତି କର୍ମୀଙ୍କ ଭରସା ରହିଛି ଏବଂ ଅସୁବିଧା ସମୟରେ କର୍ମୀ ତାଙ୍କ ପାଖକୁ ସମାଧାନ ପାଇଁ ପହଂଚୁଛନ୍ତି । ସେହିପରି ୭ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ମିଶ୍ର ତୃଣମୂଳସ୍ତରରୁ ସଂଗଠନ ସହିତ ଜଡିତ ଅଛନ୍ତି । ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଗତ ପଂଚାୟତ ନିର୍ବାଚନରେ ୭ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ ଏବଂ ଅତୀତରେ ମଧ ହରଭଙ୍ଗା ବ୍ଲକର ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ । ତାଙ୍କର ହରଭଙ୍ଗା ବ୍ଲକ ଏକ ଦୃଢ ସଂଗଠନ ରହିଛି । ଗତ ସାଧାରଣ ନିର୍ବାଚନରେ ବୌଦ୍ଧ ନିର୍ବାଚନ ମଣ୍ଡଳି ପାଇଁ ଦଳର ପ୍ରାର୍ଥୀ ପାଇଁ ଆବେଦନ କରିଥିଲେ । ତାଙ୍କ ପ୍ରତି ଦଳିୟ କର୍ମୀ ଓ ସାଧାରଣ ଲୋକ ଭରସା କରି ପ୍ରତିଦିନ ବହୁ ଲୋକ ତାଙ୍କ ପାଖକୁ ନିଜର ସମସ୍ୟା ନେଇ ଆସିଥାନ୍ତି । ସେହିପରି ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଧାନଙ୍କ ଉପରେ ଦଳିୟ କର୍ମୀ ଭରସା କରି ସମସ୍ୟାର ସମାଧାନ ପାଇଁ ଆସିଥାନ୍ତି । ଶ୍ରମିକ ନେତା ଶ୍ରୀ ସାହୁ ନିର୍ବାଚନ ପୂର୍ବରୁ ଦଳରେ ସାମିଲ ହୋଇଥିଲେ ମଧ ତାଙ୍କର ସଂଗଠନ ଓ ନେତୃତ୍ୱ ନେବାର ଦକ୍ଷତା ଯୋଗୁଁ ଲୋକଙ୍କ ଭରସା ରହିଛି । ଏବଂ ଅସୁବିଧା ସମୟରେ ସେ ଲୋକଙ୍କ ପାଖରେ ପହଂଚି ପାରୁଛନ୍ତି ।

ଅଳ୍ପ ଦିନ ମଧ୍ୟରେ ଧିରେ ଧିରେ ଦଳ ଓ ସଂଗଠନରେ ତାଙ୍କର ଗୁରୁତ୍ୱ ବୃଦ୍ଧି ପାଇବାରେ ଲାଗିଛି । ହରଭଙ୍ଗା ବ୍ଲକରେ ହୋଇଥିବା ଦଳର ପଦଯାତ୍ରାରେ ତାଙ୍କର ଅବଦାନ ମଧ ଅନେକ ରହିଥିଲା । ଲୋକଙ୍କ ଆଣିବାରେ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ହେଲେ ଦଳରେ ଏବେ ମଧ ଗୋଷ୍ଠୀ କନ୍ଦଳ ଲାଗି ରହିଛି । ବର୍ତ୍ତମାନ ଦଳରେ ଏକ ଦୃଢ ନେତୃତ୍ୱର ଆବଶ୍ୟକତା ରହିଛି । ସେଥିପ୍ରତି ଏବେଠାରୁ ଦୃଷ୍ଟି ଦିଆନଗଲେ ଭବିଶ୍ୟତରେ ଦଳର ପାଇଁ ମହଙ୍ଗା ପଡିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି ।

### ଚିକିତ୍ସାରେ ତ୍ରୁଟିରୁ ରୋଗୀ ମୃତ୍ୟୁ ଅଭିଯୋଗ

# ନର୍ସିଂହୋମ ବିରୋଧରେ ତଦନ୍ତ ନିର୍ଦ୍ଦେଶ

ବଲାଙ୍ଗିର,(ସବ୍ୟ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ର ଜୀବନ ଜ୍ୟୋତି ହସ୍ପିଟାଲ ବିରୋଧରେ ତଦନ୍ତ ହେବ । ତ୍ରୁଟିଯୁକ୍ତ ଚିକିତ୍ସାରୁ ମିତା ବେହେରା ନାମ୍ନୀ ଜଣେ ରୋଗୀଙ୍କ ମୃତ୍ୟୁ ଅଭିଯୋଗ ମାମଲାରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗ । ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ମିତା ବେହେରାଙ୍କ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହେବା ପରେ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ। ମିତା ବେହେରା ଟିଟିଲାଗଡ଼ ସରକାରୀ ହସ୍ପିଟାଲରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୂପେ କାମ କରୁଥିଲେ। ଗତ ୧୧ ତାରିଖ ରାତିରେ ଗୋଡ଼ ଖସିଯିବାରୁ ତାଙ୍କ ହାତ ଭାଙ୍ଗି ଯାଇଥିଲା।

ଟିଟିଲାଗଡ଼ ସରକାରୀ ଡାକ୍ତରଖାନାରେ କୌଣସି ଅସ୍ଥିଶଲ୍ୟ ଡାକ୍ତର ନ ଥିବାରୁ ସେ ଜୀବନ ଜ୍ୟୋତି ହସ୍ପିଟାଲ ଘରୋଇ ନର୍ସିଂହାମକୁ ଯାଇଥିଲେ। ତାଙ୍କର କିଡ଼ନୀ ସଂକ୍ରମିତ ରୋଗ ସହ ମଧୁମେହ ରୋଗ ବି ଥିଲା। ମାତ୍ର ଏ ସବୁକୁ ଅଣଦେଖା କରି ତାଙ୍କ ଅପରେସନ କରାଯାଇଥିଲା। ଅପରେସନ ବେଳେ ନିଶ୍ଚେତକ ଦିଆଯାଇଥିବା ବେଳେ ମିତା ଆଉ ଉଠି ନ ଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବଲାଙ୍ଗିର ମେଡିକାଲ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ନର୍ସିଂହୋମ ବିରୋଧରେ ଆନ୍ଦୋଳନ କରିଥିଲେ। ଘଟଣାକୁ ଚପାଇବା ନିମନ୍ତେ ନର୍ସିଂହୋମ କର୍ତ୍ତୃପକ୍ଷ ମିତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ଚେକ୍ ଦେଇଥିବା ଅଭିଯୋଗ ହୋଇଥିଲା।

ଏନେଇ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ। ଏହାପରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ମନ୍ତ୍ରୀ ଡ଼. ମହାଲିଙ୍ଗ । ନର୍ସିଂହୋମ ବିରୋଧରେ ରୋଗୀଙ୍କ ସମ୍ପର୍କୀୟ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ରୋଗୀଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ଗୋଟିଏ ପଟେ ନର୍ସିଂହୋମ ମାଲିକ ସରକାରଙ୍କଠାରୁ ଟଙ୍କା ନେଉଥିବା ବେଳେ ରୋଗୀଙ୍କୁ ବି ଶୋଷଣ କରିବାକୁ ପଛାଉ ନାହାନ୍ତି। ଏପରିକି ମିତାଙ୍କ ପରିବାର ନିକଟରୁ ନର୍ସିଂହୋମ କର୍ତ୍ତୃପକ୍ଷ ୧୫ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ନର୍ସିଂହୋମ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ନର୍ସିଂହୋମ କର୍ତ୍ତୃପକ୍ଷ ଡାକ୍ତର ମୋହନଲାଲ ଜୈନ କହିଛନ୍ତି, ଆମେ କୌଣସି ରୋଗୀଙ୍କଠାରୁ ଟଙ୍କା ନେଇନୁ। ଏହା ଏକ ଅପପ୍ରଚାର। ତେବେ ତଦନ୍ତ ପରେ ପ୍ରକୃତ ଘଟଣା ସାମନାକୁ ଆସିବ ।

## ପ୍ରେମିକା ପାଇଁ ଆତ୍ମହତ୍ୟା ନାଟକ ବିବାହିତ ପୁରୁଷ ଗିରଫ

ସମ୍ବଲପୁର,(ସବ୍ୟ): ୨ବର୍ଷର ଅଭୁଲା ପ୍ରେମକୁ ଚରିତାର୍ଥ କରିବା ପାଇଁ ପ୍ରେମିକ ଜଣକ ଆତ୍ମହତ୍ୟା ନାଟକ ରଚିଥିଲେ । ଯାହାକି ତାଙ୍କ ପାଇଁ ଅଡୁଆ ସାଜିଛି । ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ପୋଲିସ ନିଖୋଜ ବିବାହିତ ପୁରୁଷଙ୍କୁ ତାଙ୍କ ପ୍ରେମିକା ସହ ଦେବଗଡରୁ ଉଦ୍ଧାର କରିଛି । ଏନେଇ ୨୯/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିବାହିତ ପୁରୁଷ ପଣ୍ଡିତ ଓରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ହୀରାକୁଦ ଥାନା ଅନ୍ତର୍ଗତ ଜମାଦାରପାଲି ଗ୍ରାମର ବିବାହିତ ପୁରୁଷ ପଣ୍ଡିତ ଓରାମ ଗତ ୧୮ତାରିଖରୁ ନିଖୋଜ ଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି ପରେ ତାଙ୍କ ସ୍କୁଟିକୁ ଅଠରହଜାର ସାଇଫାନ ନିକଟରେ ଦେଖିବାକୁ ପାଇଥିଲେ । ତେବେ ଗାଡିଟି ଭାଙ୍ଗି ପଡିଥିବା ବେଳେ ବ୍ରିଜରେ ରକ୍ତର ଛିଟା ଲାଗିଥିଲା । ଏହା ଦେଖି ସେ ଆତ୍ମହତ୍ୟା କରିଥିବା ସନ୍ଦେହ ବଢ଼ିଥିଲା । ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ଏହାର ତଦନ୍ତ କରିଥିଲା । ବିବାହିତ ପୁରୁଷଙ୍କ ମୋବାଇଲ ଫୋନକୁ ପୋଲିସ ଟ୍ରାକ କରିଥିଲା । ସେ ଦେବଗଡ ଅଞ୍ଚଳରେ ଥିବା ଜଣାପଡିବା ପରେ ପୋଲିସ ତାଙ୍କୁ ଉଦ୍ଧାର କରିଛି । ବିବାହିତ ପୁରୁଷ ଜଣକ ଆତ୍ମହତ୍ୟା ନାଟକ ରଚି ଫେରାର ହୋଇଥିବା ପୋଲିସ ଆଗରେ ପ୍ରକାଶ କରିଛି । ତାଙ୍କର ସ୍ତ୍ରୀ ଓ ୨ଟି ସନ୍ତାନ ଥିବା ଜଣାପଡିଛି । ଘଟଣାଦିନ ଉଭୟ ବିବାହିତ ପୁରୁଷ ଓ ତାଙ୍କ ପ୍ରେମିକା ଅଠରହଜାର ସାଇଫନକୁ ବୁଲିବାକୁ ଯାଇଥିଲେ । ଉଭୟେ ଏକାଠି ରହିବାକୁ ମନସ୍ଥ କରିଥିଲେ । ତେଣୁ ଆତ୍ମହତ୍ୟା ନାଟକ ରଚି ସ୍କୁଟିକୁ ଭାଙ୍ଗିବା ସହ ଆଖପାଖରେ ବଣଭୋଜିରୁ କୁକୁଡା ରକ୍ତ ଆଣି ବ୍ରିଜରେ ଲଗାଇଥିଲେ । ଆତ୍ମହତ୍ୟା ରୂପ ଦେବା ପରେ ଉଭୟେ ଦେବଗଡ ଭଡାଘରକୁ ଚାଲି ଯାଇଥିଲେ । ମୋବାଇଲ ଫୋନ ସୁଇଚ୍ ଅଫ୍ କରି ଦେଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି ପରେ ନପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ ।

## ବାଘଛାଲ, ସମ୍ବର ସିଙ୍ଘ ଜବତ : ୫ ଗିରଫ



ଖରିଆର,(ସବ୍ୟ): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଦାବରୀ ଗାଁ ରେ ବନ ବିଭାଗ ଚଡାଉ କରି ଏକ କାଳରପତରିଆ ବାଘ ଛାଲ, ସମ୍ବର ସିଙ୍ଗ, ହେଟାବାଘର ଦାନ୍ତ, ଦେଶୀ ବନ୍ଧୁକ, ଜବତ କରିଛି । ଏହା ସହିତ ଦୁଇ ଗୋଟି ଧନୁତୀର ଜବତ କରିଛି । ଘଟଣାରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଜଣ ଫେରାର ଥିବା ଜଣାପଡିଛି । ଗିରଫ ମାନେ ହେଲେ ଦାବରୀ ଗାଁ ର ଟିକଚନ ମାଝୀ(୨୬), ଜୟରାମ ମାଝୀ(୪୪), ଗୋରେଖଲାଲ ମାଝୀ (୬୫), ପୂର୍ଣ୍ଣ ମାଝୀ (୨୩) ଏବଂ ସଚିନ୍ଦ୍ର ମାଝୀ (୧୯) ବୋଲି ଜଣାପଡିଛି । ଡ଼ିଏଫଓଙ୍କ ସୁତ୍ରରୁ ମିଳିଥିବା ସୂଚନା ଅନୁସାରେ ଗିରଫ ଅଭିଯୁକ୍ତ ମାନେ ଗତ ଦୁଇ ବର୍ଷ ପୂର୍ବେ ଏକ ଗାତ ଖୋଳି ଏକ କଲରା ପତରିଆ ବାଘକୁ ଶିକାର କରିଥିବା ଅଭିଯୁକ୍ତ ମାନେ ସ୍ୱୀକାର କରିଥିବା ଜଣାପଡିଛି। ବନ୍ୟ ଜନ୍ତୁ ଅଧିନିୟମର ଧାରା ଅନୁସାରେ ଗିରଫ ୫ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ ଜାରି ରହିଥିବା ଡ଼ିଏଫଓ ସୂଚନା ଦେଇଛନ୍ତି ।

## ସର୍ଟ୍‌ସର୍କିଟ୍ ଯୋଗୁଁ ବ୍ଲିଚିଂ ଗୋଦାମରେ ଅଗ୍ନିକାଣ୍ଡ

ସମ୍ବଲପୁର,(ସବ୍ୟ): ସମ୍ବଲପୁର ଜିଲ୍ଲା ଭାଲୁପାଲି ବୈଦିକ ବିହାର ସ୍ଥିତ ଏକ ବିଚିଂ ଗୋଦାମରେ ସର୍ଟ୍‌ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି । ଫଳରେ ପ୍ରାୟ ୪୦୦ବସ୍ତାର ବିଚିଂ ପୋଡି ନଷ୍ଟ ହୋଇଯାଇଛି । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ପ୍ରାୟ ୨ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ନିଆଁ ଆୟତ୍ତ ହୋଇଥିଲା । ଏଥିରେ ୨ଟି ଦମକଳ ନିୟୋଜିତ କରାଯାଇଥିଲା ।

## ନାବାଳିକା ଅପହରଣ ଅଭିଯୁକ୍ତ ନାବାଳକ ଗିରଫ

ସମ୍ବଲପୁର,(ସବ୍ୟ): ସମ୍ବଲପୁର ଜିଲ୍ଲା ଧନୁପାଲି ଥାନାରେ ନାବାଳିକା ଅପହରଣ ମାମଲାରେ ପୋଲିସ ଏକ ନାବାଳକକୁ ଗିରଫ କରିଛି । ଗିରଫ ପରେ ତାକୁ ସ୍ୱଧାରଗୃହକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ, ନାବାଳିକା ଜଣକ କିଛି ଦିନ ଆଗରୁ ଘରୁ ନିଖୋଜ ଥିଲେ । ଘର ଲୋକେ ବହୁ ଖୋଜାଖୋଜି ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ଅଭିଯୁକ୍ତ ନାବାଳକ ସହ ନାବାଳିକାଙ୍କୁ ଝାରସୁଗୁଡାର ଏକ ଭଡା ଘରୁ ଉଦ୍ଧାର କରାଯାଇଛି ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ଉଦଯାପିତ



ବୌଦ୍ଧ,(ସବ୍ୟ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବିରନରସିଂହପୁର ଠାରେ ଥିବା ଶିଶୁଯତ୍ନ ଅନୁଷ୍ଠାନ ରାମକୃଷ୍ଣ ବାଳାଶ୍ରମରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ହୋଇଯାଇଛି । ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ଶିଶୁ ମାନେ ଅନୁଶାସନ ଓ ପରମ୍ପରାକୁ ଅନୁସରଣ କରିବା ସହ ଓ ସମାୟୁନବର୍ତୀତା ହେବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ବିଡ଼ିଓ ଶରତ କୁମାର ସେଠୀ ଯୋଗଦେଇ ଶିଶୁ ମାନଙ୍କ ପ୍ରତିଭାକୁ ପ୍ରଶଂସା କରିବା ସହ କୌଣସି ଅସୁବିଧା ହେଲେ ଜିଲ୍ଲା ପ୍ରଶାସନର ସହାୟତା ନେବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ସମ୍ପାଦକ ରାମକୃଷ୍ଣ ବାଳାଶ୍ରମ ନବୀନ ଚନ୍ଦ୍ର ବଘାର ତାଙ୍କର ମତବ୍ୟକ୍ତ କରିଥିଲେ । ଶିଶୁ ପ୍ରତିନିଧି କଲ୍ୟାଣୀ ନାଏକ ଯୋଗଦେଇ ଦୁଇଦିନ ଧରି ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ । କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାର ମାନପତ୍ର ଓ ପୁରସ୍କାର ରାଶି ଦେଇ ସମ୍ମାନୀତ କରାଯାଇଥିବାବେଳେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସୌଜନ୍ୟମୁଳକ ଉପହାର ଓ ମାନପତ୍ର ଦିଆଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଳ ପ୍ରଧାନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଉଦ୍ଘାଟନି ଉତ୍ସବରେ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥୀ ଭାବରେ ଯୋଗଦେଇଥିଲେ । ଶିଶୁ ମାନଙ୍କ ମଧ୍ୟରେ ସଂଗୀତ, ନୃତ୍ୟ,ବକ୍ତୃତା, ଡ୍ରଇଂ ଓ ଅନ୍ୟାନ୍ୟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଦୁଇ ଗୋଟି ଶିଶୁଯତ୍ନ ଅନୁଷ୍ଠାନର ପ୍ରତ୍ୟେକ ବିଭାଗରେ କନିଷ୍ଠ ଓ ବରିଷ୍ଠ ବିଭାଗରୁ ଏହି ପ୍ରତିଯୋଗିତାରେ ମୋଟ ୮୦ ଶିଶୁ ଅଂଶ ଗ୍ରହଣ କରିଥିଲେ । ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୨୮ ଜଣ ପ୍ରତିଯୋଗୀ ଆସନ୍ତା ମାସରେ କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଶଂଗ୍ରହଣ କରିବେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରୀ ସୁଶାନ୍ତ ଭୋଇ ଧନ୍ୟବାଦ ଦେଇଥିବା ବେଳେ ୟୁନିଟ୍ ର ସମରସେନ ସିଂ, ବସନ୍ତ ଦିଶିରି, ସହଦେବ ନାଏକ, ଚିତ୍ରସେନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ରାଜସ୍ୱମନ୍ତ୍ରୀଙ୍କୁ ଭେଟିଲେ

ଝାରସୁଗୁଡା,(ସବ୍ୟ): ଝାରସୁଗୁଡ଼ା ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ତାପସ କୁମାର ରାୟଚଉଧୁରୀ ଶନିବାର ରାଜସ୍ୱମନ୍ତ୍ରୀ ସୁରେଶ ପୁଜାରୀଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଭେଟି କଂଟାପାଲି ଖେଳପଡିଆର କାର୍ଯ୍ୟ ବନ୍ଦ ଉପରେ ଆଲୋଚନା କରିଥିଲେ। ଶ୍ରୀ ରାୟଚଉଧୁରୀ ଦର୍ଶାଇଥିଲେ ଯେ ଗତ ୧୩-୧୦-୨୦ ରେ କଂଟାପାଲି ପଡିଆରେ ନିଜେ ରାଜସ୍ୱ ମନ୍ତ୍ରୀ ବରଗଡ଼ ସାଂସଦ ରହିଥିବା ସମୟରେ ଖେଳ ପଡିଆର ଶୁଭ ଦେଇଥିଲେ। ଏଠାରେ ଖେଳକୁଦ ପଡିଆ କରାଯିବା ନେଇ ପ୍ରସ୍ତୁତି ଆଗେଇଥିଲା । କିନ୍ତୁ ବିଳମ୍ବରେ ଏଠାରେ ଜିଲ୍ଲା କ୍ରୀଡା ସଂଘର ନିଜସ୍ୱ ସ୍ଥାନରେ ଗୃହ ନିର୍ମାଣ କରା ଯାଇଛି। ଏଠାରେ ଥିବା ପଡିଆରେ ଗତ ୨୦୨୩ ମସିହାରେ ଆନ୍ତଃ କ୍ଲବ ଫୁଟବଲ ଓ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନିମ୍ନମାନର ପଡିଆ ଥିବାରୁ ଖେଳାଳି ମାନେ ଅସୁବିଧାର ସମ୍ମୁଖୀନ ହୋଇ ଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା କ୍ରୀଡା ସଂଘ ତରଫରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ଥିଲା । ଶେଷ ଅବସ୍ଥାରେ ବିବାଦ ହେବାରୁ ଜିଲ୍ଲାପାଳ ଏହାର କାର୍ଯ୍ୟକୁ ସ୍ଥଗିତ କରାଇ ଥିଲେ। ଫଳରେ ସଂପୂର୍ଣ ହେବା ପୂର୍ବରୁ ବନ୍ଦ ହୋଇ ଯାଇଛି। ଚଳିତ ବର୍ଷ ଆନ୍ତଃ କ୍ଲବ ଫୁଟବଲ ପ୍ରତିଯୋଗିତା ହୋଇ ପାରିନାହିଁ। ସଂପାଦକ ଶ୍ରୀ ଚଉଧୁରୀ, ରାଜସ୍ୱମନ୍ତ୍ରୀ ଶ୍ରୀପୁଜାରୀଙ୍କୁ ଏଥିରେ ହସ୍ତକ୍ଷେପ କରି ଖେଳାଳି ମାନଙ୍କର ସୁବିଧା ପାଇଁ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ। ବର୍ତମାନ ଜିଲ୍ଲା କ୍ରୀଡା ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟ ଅନୁସନ୍ଧାନ କରି ପଦକ୍ଷେପ ନିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ପ୍ରତିଶୃତି ଦେଇଥିଲେ।

# ବିଷଧର ସାପ କାମୁଡ଼ାରେ ବାପ ଝିଅର ମୃତ୍ୟୁ

ହରଭଙ୍ଗା,(ସବ୍ୟ): ବିଷାକ୍ତ ସାପ କାମୁଡ଼ାରେ ବାପ ଝିଅର ମୃତ୍ୟୁ ହୋଇଛି । ମିଳିଥିବା ସୂଚନା ଅନୁସାରେ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଠିଡ଼ିକାଜୋର ଗ୍ରାମର ସୁଶାନ୍ତ କହଁର (୪୮)ଓ ତାଙ୍କ ଝିଅ ପ୍ରୀତି କହଁର (୧୬) ରାତିରେ ଖାଇ ସାରି ଶୋଇଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ଦୁହେଁ ଚିତ୍କାର କରିଥିଲେ। ତୁରନ୍ତ ପରିବାର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ଡାକ୍ତରଖାନା ନେଇଯାଇଥିଲେ। ଡାକ୍ତରଖାନାରେ ପହଞ୍ଚିବା କ୍ଷଣି ଝିଅର ମୃତ୍ୟୁ ହୋଇଥିଲା। ବାପାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ କିଛି ସମୟ ପରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା।ବାପା ସୁଶାନ୍ତ କହଁର ପେସାରେ ଜଣେ ଶିକ୍ଷକ ଓ ସେ ମାର୍ଡିଙ୍ଗ ସ୍କୁଲରେ ଶିକ୍ଷକତା କରୁଥିଲେ। ଝିଅ ପ୍ରୀତି ଆଦର୍ଶ ବିଦ୍ୟାଳୟ ମଣିପୁରରୁ ଦଶମ ଶ୍ରେଣୀ ପାସ କରିବା ପରେ ଗଣିଆର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଦ୍ୱାଦଶରେ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ଦଶହରା ଛୁଟିରେ ସେ ଘରକୁ ଆସିଥିଲେ। ବିଶେଷ କରି ପ୍ରଶାନ୍ତ କହଁର ଜଣେ ଈଶ୍ୱର ବିଶ୍ୱାସୀ ଓ ମେଳାପୀ ଶିକ୍ଷକ ଥିବାରୁ ଶିକ୍ଷକ ମହଲରେ ତଥା ଅଞ୍ଚଳରେ ଉଭୟ ବାପ ଝିଅଙ୍କ ମୃତ୍ୟୁକୁ ନେଇ ଶୋକର ଛାୟା ଖେଳି ଯାଇଥିବା ଦେଖିବାକୁ ମିଳିଛି। ଉଭୟଙ୍କ ସରକାରଙ୍କ ତରଫରୁ ଆବଶ୍ୟକ କ୍ଷତି ପୁରଣ ପାଇଁ ଅଞ୍ଚଳବାସୀଙ୍କ ଦାବି କରିଛନ୍ତି ।

# ଲୋକଙ୍କ ଜୀବନ ସହ ଖେଳୁଛନ୍ତି ମଦ ବେପାରୀ

ବୀରମହାରାଜପୁର,(ସବ୍ୟ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଓ ସୁବଳୟା ଥାନା ଅଞ୍ଚଳରେ ଖୁଲମଖୁଲା ଚାଲିଛି ବେଆଇନ ଦେଶୀ ମଦ କରାବାରା ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମଦ ମାଫିଆମାନେ ମଦ ପ୍ରସ୍ତୁତି କରିବା ସହ ମଦକୁ ଅଧିକ ନିଶାଯୁକ୍ତ କରିବା ପାଇଁ ପୋଚରେ ମହୁଲ ସହ ର୍ନ ଗୁଣ୍ଡି ଗଛର ଛାଲି ,ଅମରି ପତ୍ର,,ସାହାଜ ପତ୍ର, ୟୁରିଆ ସାର ଓ ସବୁଠାରୁ ବିପଜ୍ଜନକ ଗାଡ଼ି ପଙ୍କଚର ସଜାଡିରେ ବ୍ୟବହୃତ ସଲ୍ୟୁସନ ଓ ଭଲିଓମ ଟେନ ଆଦି ବିଷାକ୍ତ ଜିନିଷ ପକାଇ ମଦ ପ୍ରସ୍ତୁତି କରୁଥିବା ଜଣେ ମଦ ଚୋରାଚାଲାଣ କରୁଥିବା ବ୍ୟକ୍ତି ଗୁପ୍ତ ନାମରେ ପ୍ରକାଶ କରିଛନ୍ତି। ଉକ୍ତ ମଦ ବେପାରୀ ବିଭିନ୍ନ ଗାଁ ର ଥିବା କୁଚିଆ ବିକ୍ରେତା ମଦ ବେପୋରୀଙ୍କୁ ଘରକୁ ଘର ହୋମ ଡେଲିଭରି ଭାବେ କମ୍ ମୂଲ୍ୟରେ ଯୋଗାଇ ଦେଉଥିବା ଉକ୍ତ ବ୍ୟକ୍ତି ଜଣକ ପ୍ରକାଶ କରିଛନ୍ତି। ଅତି ନିକଟରେ ଓ ସହଜରେ ମଦ ମିଳୁଥିବାରୁ ଅଞ୍ଚଳରେ ମଦୁଆଙ୍କ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି। ତେବେ ଏଭଳି ବିଷାକ୍ତ ସାମଗ୍ରୀ ଶରୀର ମଧକୁ ପ୍ରବେଶ କରେ କ'ଣ ହେଉଥିବ ତାହା ସହଜେ ଅନୁମେୟ। କିନ୍ତୁ ନିଶା ପାଇଁ ପାଗଳ ସାଜିଥିବା ଲୋକେ ଏ ସବୁକୁ ଆଖି ବୁଜି ଦେଇଥିବା ଜଣାପଡିଛି। ଅପମିଶ୍ରିତ ମଦ ପିଇ ସୁବଳୟା ଅଞ୍ଚଳର ବିଭିନ୍ନ ଗ୍ରାମର ଅନେକ ଲୋକ ରୋଗଗ୍ରସ୍ତ ହେଲେଣି। ମଦ ବେପାରୀ ମାନେ ଲୋକଙ୍କ ସହ ଏହି ବିପଜ୍ଜନକ ଖେଳ ଖେଳୁଥିବା ବେଳେ ଅବକାରୀ ଓ ପୁଲିସ ବିଭାଗ ନିଦବିଷ୍ଟ ସାଜିଛନ୍ତି। କୌଣସି ବଡ଼ ଧରଣର ମଦ ମୃତ୍ୟୁ ଘଟିବା ପରେ ଏମାନଙ୍କ ନିଦ ଭାଙ୍ଗିବ ବୋଲି ଅଞ୍ଚଳର ସଚେତନତା ନାଗରିକ ମାନେ ମତ ଦେଇଛନ୍ତି। ସେହିପରି ପିତାମହୁଲ, ଟେଭାପଦର, ଖଣ୍ଡହତା, ସଂଗ୍ରାମପୁର, ଟିକରାପଡା, ମେଟାକାନୀ ଛକ, କୁଶାଦାଦର, ତେନ୍ତୁଳିମହଦା, ଡୁଲେଶ୍ବର, ଚୁପକାଦାଦାର, ସାହଜଲଥା ଓ ଅନ୍ୟାନ୍ୟ ସ୍ଥାନରେ ବିକ୍ରି ହେଉଥିବା ଜଣାଯାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଜନ ସାଧାରଣରେ ଦାବି ହୁଏ ।

## ବିଷ ପିଇ ଆତ୍ମହତ୍ୟା

ସମ୍ବଲପୁର,(ସବ୍ୟ): ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ଅନ୍ତର୍ଗତ ଗଡମୁଣ୍ଡାରେ ଜଣେ ବ୍ୟକ୍ତି ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ଖବର ପାଇ ପୋଲିସ ୧୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ କରିଛି । ଜବତ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସୂଚନାଯୋଗ୍ୟ, ଗଡମୁଣ୍ଡା ମହାଲିମ୍ବ ପଡାର ବିଜୟ ଖଡିଆ(୫୪) ରାତିରେ ଶୋଇଥିଲେ । ସକାଳେ ନଉଠିବାରୁ ପରିବାର ଲୋକେ ତାଙ୍କ କବାଟ ଖୋଲିଥିଲେ । ସେ ସଂଜ୍ଞାହୀନ ଅବସ୍ଥାରେ ପଡିଥିବା ବେଳେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପାରିବାରିକ କଳହ ଯୋଗୁଁ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ।

## ବାଇକ ଦୁର୍ଘଟଣା, ଜଣେ ମୃତ

ବୀରମହାରାଜପୁର,(ସବ୍ୟ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଫୁଲଚରା ଛକ ନିକଟରେ ଗତ ବିଳମ୍ବିତ ରାତିରେ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଏଥିରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ସୂଚନା ଅନୁସାରେ, ସୁବଳୟା ଥାନା ଅନ୍ତର୍ଗତ ଏକତାଲ ଗ୍ରାମର ବାମଦେବ ସାମନ୍ତରାୟ (୫୫) ବୀରମହାରାଜପୁର ରୁ ନିଜ କାମ ସାରି ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ନିକଟସ୍ଥ ଫୁଲଚରା ଛକ ରାସ୍ତା କଡ଼ରେ ଥିବା ସୁରକ୍ଷା ବାଡ଼ ଧକ୍କା ହୋଇ ଦୁର୍ଘଟଣା ଘଟିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୀରମହାରାଜପୁର ମୁଖ୍ୟ ମେଡ଼ିକାଲ ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା ନିରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ। ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଟ୍ରାକ୍ଟର ସହ କାଠ ଜବତ, ଜଣେ ଗିରଫ

ଖପ୍ରାଖୋଲ,(ସବ୍ୟ): ହରିଶଙ୍କର ରେଞ୍ଜ ବନ ବିଭାଗ ପକ୍ଷରୁ ଚଢାଉ କରି ଖପ୍ରାଖୋଲ ନିକଟରୁ ଏକ ଖଇର କାଠ ବୋଝେଇ ଟ୍ରାକ୍ଟର ସହ ଜଣକୁ ଗିରଫ କରିଛି। ସୂଚନା ଅନୁସାରେ ମଧାହ୍ନରେ ଖଇର କାଠ ବୋଝେଇ ଟ୍ରାକ୍ଟର ରେ ଚୋରା ଚାଲାଣ କରୁଥିବା ବେଳେ ବନ ବିଭାଗ ଚଢାଉ କରି ଥିଲେ। ବନ ବିଭାଗ ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ହରିଶଙ୍କର ବନ ପାଳ ରଞ୍ଜିତ କୁମ୍ଭାର ସମେତ ବନକର୍ମ ଚାରୀ ସାମିଲ ଥିଲେ। ଏନେଇ ହରିଶଙ୍କର ରେଞ୍ଜ କେସ ନମ୍ବର ୧୯୬/୨୪-୨୫ରେ ଏକ ମାମଲା ରୁଜୁ କରି ଏକ ଟ୍ରାକ୍ଟର,୨୦ କ୍ରୁଣ୍ଟାଲ ଖଇର କାଠ ଜବତ କରିଥିବା ବେଳେ ଚୋରା ଚାଲାଣରେ ସଂପୃକ୍ତ ବଡଗୁର୍ଜିଭଟା ଗାଁ ର ତେଜରାଜ୍ ମିଶ୍ର (୩୫) କୁ ଗିରଫ କରିଥିବା ରେଞ୍ଜ ଅଧିକାରୀ ଶ୍ରୀ ନାଏକ ପ୍ରକାଶ କରିଛନ୍ତି।

## ଜେଇଙ୍କ ଘରେ ପଶି ହାତ ଗୋଡ଼ ବାନ୍ଧି ଲୁଟ୍

ସୁନ୍ଦରଗଡ଼,(ସବ୍ୟ): ସକାଳେ କିଛି ମୁଖା ପିନ୍ଧା ଦୁର୍ବୃତ୍ତ ଦିଲିପଙ୍କ ଘରେ ପଶିଥିଲେ। ଘରେ ଥିବା ଟଙ୍କା ଦେବାକୁ ପରିବାର ଲୋକଙ୍କୁ ଧମକ ଚମକ ଦେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଦିଲିପଙ୍କ ହାତଗୋଡ଼ ବାନ୍ଧି ଦେଇ ଗୋଟିଏ ରୁମ୍ ରେପୂରାଇ ଦେଇଥିଲେ । ପରେ ପରିବାର ସଦସ୍ୟଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିଥିଲେ। ଏହାପରେ ଘର ଆଲମାରିର ଲକ୍ ଭାଙ୍ଗି ଟଙ୍କା ପଇସା ନେଇ ଚମ୍ପଟ ମାରିଥିଲେ। ଏନେଇ ଦିଲିପ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି ।

# ମାଁ କାଳୀପୂଜା ଉତ୍ସବ ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ



ରାୟଗଡା,(ସବ୍ୟ): ଫ୍ରେଣ୍ଡସ ୟୁଥ୍ ଆସୋସିଏସନ ପକ୍ଷରୁ ୪୨ ତମ କାଳୀ ପୂଜା (ଦଶ ମହାବିଦ୍ୟା) ଉତ୍ସବ ଉପଲକ୍ଷେ ଶୁଭ ଖୁଂଟି ସ୍ଥାପନ ହୋଇଯାଇଛି । ବ୍ଲକ କଲୋନୀ ସ୍ଥିତ କାଳୀ ମନ୍ଦିରରେ ଆଜି ରୀତିନୀତି ଅନୁଯାୟୀ ପୁରୋହିତ ନଳିନୀକାନ୍ତ ଦାଶଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଶୁଭଖୁଂଟି ସ୍ଥାପନ କରାଯାଇଥିଲା । କର୍ତ୍ତା ଭାବେ ଶିବ ପଟ୍ଟନାୟକ ଓ ସହ କର୍ତା ଭାବେ ଶିବାଜୀ ଦାଶ ଓ ସନ୍ତୋଷ ରଥ ଉପସ୍ଥିତ ଥିଲେ । ଶୁଭ ଖୁଂଟି ସ୍ଥାପନ ପରେ ଆଜ୍ଞାମାଳ ନିମନ୍ତେ ପାଇକପଡା ସ୍ଥିତ ପ୍ରସିଦ୍ଧ ଦକ୍ଷିଣକାଳୀ ମନ୍ଦିର ଅଭିମୁଖେ କର୍ତ୍ତାଙ୍କ ସହ ସଦସ୍ୟ ମାନେ ବାହାରିଥିଲେ । ପାଇକପଡା ସ୍ଥିତ ଦକ୍ଷିଣକାଳୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଆଜ୍ଞାମାଳ ଅଣାଯାଇ ମୂର୍ତି କାରିଗର ବିନୋଦ ବେହେରାଙ୍କ ତତ୍ତ୍ୱାବଧାନରେ ମାଁ କାଳୀଙ୍କର ମୃଣ୍ମୟୀ ମୂର୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଶୁଭଖୁଂଟି ସ୍ଥାପନ ସମୟରେ ସଭାପତି ଦିଲୀପ ପଟ୍ଟନାୟକ, ଉପ-ସଭାପତି ଶିବାଜୀ ଦାସ, ସାଧାରଣ ସଂପାଦକ ଶିବ ପଟ୍ଟନାୟକ, ସଂପାଦକ ସଂଗ୍ରାମ ପଟ୍ଟନାୟକ, କୋଷାଧକ୍ଷ ଗୌରି ପଟ୍ଟନାୟକ, ସଂଗଠନ ସଂପାଦକ ପ୍ରସନ୍ନ କୁମାର ରାଓଙ୍କ ସମେତ ବହୁ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଅକ୍ଟୋବର ୩୧ ତାରିଖ ଠାରୁ ନଭେମ୍ବର ୦୯ ତାରିଖ ପର୍ଯ୍ୟନ୍ତ ମାଁ ଦକ୍ଷିଣ କାଳୀଙ୍କ ଦଶମହାବିଦ୍ୟା ପୂଜାର୍ଚ୍ଚନା ହେବ ଏବଂ ନଭେମ୍ବର ୧୦ ତାରିଖ ଦିନ ମାଙ୍କ ବିସର୍ଜନ ଉତ୍ସବ ଅନୁଷ୍ଠିତ ହେବ ।

# କେବେ ସୁଧୁରିବ ଜଳ ଯୋଗାଣ ବ୍ୟବସ୍ଥା!

ଜୟପାଟଣା,(ସବ୍ୟ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକରେ ଜଳ ଓ ପରିମଳ ବିଭାଗ ଦ୍ୱାରା ପାନୀୟଜଳ ଯୋଗାଣ ନିମନ୍ତେ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ବହିଯାଉଥିବା ବେଳେ ପାନୀୟଜଳ ବହିବା ଅଦ୍ୟା ବଧି ଦେଖା ଯାଇନାହିଁ। ଏହି ବ୍ଲକ ରେ ପାନୀୟଜଳ ଯୋଗାଣ ନାଁ ରେ ହରିଲୁଟ ଚାଲିଛି। ପାନୀୟଜଳ ଯୋଗାଣ ନିମନ୍ତେ ବ୍ଲକର ଅନେକ ଗ୍ରାମାଞ୍ଚଳ ମାନଙ୍କରେ କୋଟିକୋଟି ଟଙ୍କା ଖର୍ଚ ଦର୍ଶାଇ, ଗଭୀର ନଳକୂପ ଖନନ, ଜଳ ଯୋଗାଣ କେନ୍ଦ୍ର କରାଯାଇ ଭୂତଳ ରେ ପାଇପ ସଂଯୋଗ କରାଯାଇ ଥିଲେ ହେଁ, ଏହିସବୁ ଯୋଜନା ଉପହାସ ସାଜିଛି। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ କଳାକାରନାମା ବିଷୟ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ମାନଙ୍କୁ ଜଣାଥିବା,ଏନେଇ ଦୀର୍ଘ ଦିନ ଧରି ଅଭିଯୋଗ ହୋଇ ଆସୁଥିଲେ ହେଁ କୌଣସି ପ୍ରତିକାର ହୋଇ ପାରିନାହିଁ। ସୂଚନା ଯୋଗ୍ୟ ଏହି ଯେ, ଜୟପାଟଣା ମୁଖିଗୁଡା ମୁଖ୍ୟ ରାସ୍ତା ପାର୍ଶ୍ୱରେ ହାତୀ ନଦୀ ପାର୍ଶ୍ୱରେ ବହୁଲକ୍ଷ ଟଙ୍କାରେ ନିର୍ମିତ ଜଳ ଯୋଗାଣ କେନ୍ଦ୍ରରୁ ଜୟପାଟଣା ବସ୍ତି ବାସିନ୍ଦାଙ୍କୁ ଜଳ ଯୋଗାଣ ହୋଇ ଆସୁଥିବା ବେଳେ, ବାରମ୍ବାର ଏହାକୁ ଖରାପ ଦର୍ଶାଯାଇ ବହୁଅର୍ଥ ବ୍ୟୟରେ ଏହି କେନ୍ଦ୍ରକୁ ଅକ୍ଷମତା ଦର୍ଶାଇ ବନ୍ଦ କରି ଦିଆଗଲା। ପରବର୍ତୀ ପର୍ଯାୟରେ ଜୟପାଟଣା. କଦଳୀ ବଗିଚା ନିକଟସ୍ଥ ହାତୀ ନଦୀ କୂଳରେ ପୁଣି ଏକ ଜଳଯୋଗାଣ କେନ୍ଦ୍ର ନିର୍ମାଣ ପୂର୍ବକ ସ୍ଥାନୀୟ ତହସିଲ ଅଫିସ ପାର୍ଶ୍ୱରେ ଏକ ବୃହତ ଓଭର ହେଡ଼ ପାଣି ଟାଙ୍କି ନିର୍ମାଣ କରାଯାଇ ପାଇପ ସଂଯୋଗ କରାଯାଇଥିଲେ ହେଁ ପାନୀୟଜଳ ଯୋଗେଇବାରେ ଅସମର୍ଥ ହୋଇପଡିଛି । ପାନୀୟ ଜଳ ଯୋଗାଣ ନିମନ୍ତେ ବ୍ୟବହାର କରାଯାଇଥିବା ଭୂତଳ ପାଇପ ଗୁଡିକ ଫାଟି ରାସ୍ତା ମାନଙ୍କରେ ଆଣ୍ଠୁଏ ପାଣି ଦେଖିବାକୁ ମିଳେ। ଏହିପରି ଅନେକ ସ୍ଥାନ ମାନଙ୍କରେ ଗଭୀର ନଳ କୂପମାନ ଖନନ କରାଯାଇ ଦୀର୍ଘଦିନ ଧରି ପଡିରହିଥିଲେ ହେଁ ଅର୍ଦ୍ଧନିର୍ମିତ ଯୋଗୁ ପାନୀୟଜଳ ଯୋଗାଣରୁ ବଂଚିତ ହୋଇ ପଡିଛି। କନକପୁର, ପାଇକେ କନ୍ଦୁମୁଣ୍ଡି, କୁକୁଡି, ପାଇକବାହାଲ, ମଙ୍ଗଳପୁର, ବାନେର, ପ୍ରଭୃତି ଗ୍ରାମ ମାନଙ୍କରେ ନିର୍ମାଣ ହୋଇଥିବା ଜଳାଯୋଗାଣ କେନ୍ଦ୍ର ମାନ ଏହାର ଜ୍ୱଳନ୍ତ ଉଦାହରଣ ସାଜିଛି। ସରକାରୀ ରାଜକୋଷରୁ ବ୍ୟାପକ ବ୍ୟୟ ବରାଦ କରି ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣ ନାଁ ରେ ଅର୍ଥ ହରିଲୁଟ କରାଯାଉ ଥିବା ବିଷୟ ଏହି ଅର୍ଦ୍ଧ ନିର୍ମିତ ଜଳାଯୋଗାଣ କେନ୍ଦ୍ର ମାନଏହାର ମୁକସାକ୍ଷୀ ପାଲଟିଛି। ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଆଗାମୀ ଦିନରେ ଅଂଚଳ ବାସୀ ପାନୀୟ ଜଳ ଠିକ ଭାବରେ ପାଇପାରିବେ ବୋଲି ଆଶା ରହିଛି ।

## ନେଟ ପରୀକ୍ଷାରେ ଆଦିବାସୀ ପୁଅ ରମେଶ ମେଲାକା ଉତ୍ତୀର୍ଣ୍ଣ



ରାୟଗଡା,(ସବ୍ୟ): ରାୟଗଡ଼ ଜିଲ୍ଲାର ତାଡ଼ମା ଗ୍ରାମ ପଞ୍ଚାୟତ ଅଧୀନ ଚିନ୍ତାଲିଗୁଡ଼ା ଗ୍ରାମର ଆଦିବାସୀ ପୁଅ ରମେଶ ମେଲାକା ସର୍ବ ଭାରତୀୟ ପରୀକ୍ଷା ନେଟ୍ ପରୀକ୍ଷାରେ ୮୩ ମାର୍କ ରଖି କୃତକାର୍ଯ୍ୟ ଲାଭ କରିଛନ୍ତି। ସୂଚନା ଯୋଗ୍ୟ ଯେ, ରମେଶ ପ୍ରଥମେ ଆମ୍ବଗୁଡ଼ା ସ୍ଥିତ ଆରଡବ୍ଲ୍ୟୁଏସସିଇ ହାଇସ୍କୁଲରେ ମାଟ୍ରିକ ପାସ କରିବା ପରେ ରାୟଗଡା ସୟଂଶାସିତ କଲେଜରେ ସ୍ନାତକ ପଢି ଥିଲେ। ସେଠାରୁ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ରାଜନୀତି ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେ ସହାୟକ ପ୍ରାଧ୍ୟାପକ ଏବଂ ପି.ଏଚଡି ଅଧ୍ୟୟନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସର୍ବ ଭାରତୀୟ ପରୀକ୍ଷା ନେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଏହି ପ୍ରତିଭାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ଶୁଭେଚ୍ଛା ଜଣାଇଛନ୍ତି।

# ମହାପୁରାଣ ଭାଗବତ

## ଜୟଶ୍ରୀ ପଟ୍ଟନାୟକ

ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଘରେ ପୂଜା ପାଉଥିବା ମହାପୁରାଣ ଭାଗବତ, କେବଳ ଏକ ପୁରାଣ ତାହା ନୁହେଁ, ଏହା ଆମ ଜାତୀୟ ସଂସ୍କୃତି, ଓଡ଼ିଆର ଆତ୍ମପରିଚୟ । ଏହା ସାମାଜିକ ଜୀବନରେ ଆନନ୍ଦ ଆଣି ଦେଇଥାଏ । ମଣିଷ ଚେତନାର ଉନ୍ମେଷ କରେ । ମଣିଷକୁ ଭଗବାନଙ୍କ ନିକଟତର କରାଏ । ଓଡ଼ିଆ ଭାଷାର ବିକାଶ ଓ ସମୃଦ୍ଧିରେ ସହାୟକ ହୋଇଛି ଅତିବଡି ଜଗନ୍ନାଥ ଦାସଙ୍କ ଶ୍ରେଷ୍ଠ କୃତି ସ୍ୱରୂପ ଭାଗବତ ।

ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଧର୍ମ କ୍ଷେତ୍ରରେ ଏହା ଏକ ଅମଳିନ କୃତି । ଆଧ୍ୟାତ୍ମିକ ଧାର୍ମିକ ଚେତନାରେ ପରିପୃଷ୍ଟ । ଭାଦ୍ରବ ମାସ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣମାରେ, ମୂଳ ଭାଗବତକୁ କୃଷ୍ଣ ଦୈପାୟନ ବ୍ୟାସଦେବ ସଂସ୍କୃତ ଭାଷାରେ ରଚନା କରିଥିଲେ । ବ୍ୟାସକୃତ ସଂସ୍କୃତ ଭାଗବତ ଖୁବ୍ କଠିନ ଓ ଜଟିଳ ତଥା ବୋଧଗମ୍ୟ ହେଉ ନଥିବାରୁ ଦିନେ ଜଗନ୍ନାଥ ଦାସଙ୍କ ମାଆ ପୁଅକୁ ଡାକି କହିଲେ ଓଡ଼ିଆରେ, ଏହାର ରୂପାନ୍ତର କରିବାକୁ । ତେଣୁ ଜଗନ୍ନାଥ ଦାସ ଭାଦ୍ରବ ପୂର୍ଣ୍ଣିମା ଠାରୁ, ଶ୍ରୀଜଗନ୍ନାଥ ମନ୍ଦିରର, ବଟଗଣେଶଙ୍କ ପାଖରେ ବସି ନବାକ୍ଷରୀ ଛନ୍ଦରେ ଲେଖିବା ଆରମ୍ଭ କଲେ । ଖୁବ୍ ସରଳ, ସାବଲୀଳ ଭାଷାରେ, ତଥା ପ୍ରାଞ୍ଜଳ ଭାବରେ ବୁଝାଇ ଲୋକଙ୍କ ପାଖରେ ପହଞ୍ଚାଇ ପାରିଥିଲେ, ଯାହା ଆଜି ଘରେ ଘରେ, ଗାଁ ଗାଁରେ ମୁଖ୍ୟ ପୁରାଣ ହୋଇ ଏଯାବତ୍ ତାର ମାନ୍ୟତା ବଜାୟ ରଖିଛି । ସଂସ୍କୃତ ଭାଗବତ ହେଉଛି ମସ୍କିଷ୍କର ଭାଷା କିନ୍ତୁ ଜଗନ୍ନାଥଙ୍କ ଭାଗବତ ହେଉଛି ହୃଦୟର ଭାଷା ଯାହାକୁ ବୁଝିବା, ବୋଧଗମ୍ୟ କରିବା ପାଇଁ ପ୍ରତିଟି ମଣିଷ ପ୍ରାୟ ସକ୍ଷମ କହିଲେ ଚଳେ । ଏହା ବାରୋଟି ଖଣ୍ଡ । ପ୍ରତି ଖଣ୍ଡରେ ୧୦ରୁ ୩୦ ଅଧ୍ୟାୟ ରହିଛି ।

ପ୍ରତି ଅଧ୍ୟାୟରେ ୫୦ ରୁ ୩୦ ଛନ୍ଦ, ନବାକ୍ଷରୀ ଛାନ୍ଦରେ ରହିଛି । ଏହାର ଶ୍ରବଣ, କୀର୍ତ୍ତନରେ ଶ୍ରୀମନ୍ ନାରାୟଣ ବିଷ୍ଣୁଙ୍କ କୃପା ମିଳିଥାଏ । ମୂଳ ସଂସ୍କୃତ ଭାଗବତକୁ କୃଷ୍ଣ ଦୈପାୟନ ବ୍ୟାସଦେବ ଦ୍ୱାଦଶ ସ୍କନ୍ଧ, ୩୩୫ ଅଧାୟ ଓ ୧୮୦୦୦ ଶ୍ଳୋକରେ ଲେଖିଥିଲେ । ସେହି ଟୀକାକୁ ଅତିବଡୀ ଓଡିଆ ନବାକ୍ଷରୀ ଛାନ୍ଦରେ ସରଳ କରି ଲେଖିଲେ । ଶ୍ରୀଚୈତନ୍ୟଦେବ ତାଙ୍କୁ ଅତିବଡୀ ନାମରେ ଭୂଷିତ କରିଥିଲେ । ବର୍ଷର ଯେକୌଣସି ସମୟରେ ସକାଳ, ସଞ୍ଜରେ ନିତ୍ୟ ଭାଗବତ ପାଠ ହୋଇଥାଏ, ଯାହା ଭିତରେ ରହିଛି ଶ୍ରୀହରିଙ୍କର ସମସ୍ତ ମାହାତ୍ମ୍ୟ । ଶ୍ରୀକୃଷ୍ଣଙ୍କ ମଙ୍ଗଳମୟ ଶାବ୍ଦିକ ଅବତାର ହିଁ ଭାଗବତ । ପ୍ରଥମ ଓ ଦ୍ୱିତୀୟ ସ୍କନ୍ଧ ତାଙ୍କର ପାଦଯୁଗଳ । ତୃତୀୟ ଓ ଚତୁର୍ଥ ତାଙ୍କର ଦୁଇ ଜଂଘ । ପଞ୍ଚମ ତାଙ୍କର ନାଭି ପ୍ରଦେଶ, ଷଷ୍ଠ ତାଙ୍କର ବକ୍ଷସ୍ଥଳ, ସପ୍ତମ ଓ ଅଷ୍ଟମ ତାଙ୍କର ବାହୁଯୁଗଳ , ନବମ ସ୍କନ୍ଧ ତାଙ୍କର ଗ୍ରୀବା ପ୍ରଦେଶ, ଦଶମ ତାଙ୍କର ମୁଖାରବିନ୍ଦ, ଏକାଦଶ ତାଙ୍କର ଲଲାଟଦେଶ ଏବଂ ଦ୍ୱାଦଶ ତାହାଙ୍କ ମସ୍ତକ । ଭାଗବତ ଅର୍ଥ ଭାବରେ ତଲ୍ଲୀନ ହେବା । ଭା- ଇତ୍ୟର୍ଥ ଭାତି ସର୍ବ ବେଦେଷୁ । ଗ- ଇତ୍ୟର୍ଥ ଗତିଃ ଅସ୍ୟା ଅଲୌକିକୀ, ବ- ଇତ୍ୟର୍ଥ ବରିଷ୍ଠ ସର୍ବ ଶାସ୍ତ୍ରେଷୁ, ତ- ଇତ୍ୟର୍ଥ ତରଣୀ ଚ ଭବାମ୍ବୁଧୌ ।

ସବୁ ବେଦରେ ଯାହାର ପ୍ରତିଭା ରହିଛି, ତାହା ହେଉଛି ଭାଗବତ । ଭାଗବତ ପଢିବା ଦ୍ୱାରା ବୈକୁଣ୍ଠ ଗତ ହୋଇଥାଏ ବୋଲି ବିଶ୍ୱାସ ରହିଛି । ସମସ୍ତ ଗ୍ରନ୍ଥରେ ବରିଷ୍ଠ ବା ଶ୍ରେଷ୍ଠ, ଭାଗବତ ପାଠ କରି ଭବ ସାଗରରୁ ତରି ଯାଆନ୍ତି । ଭାବରୁ ଭାବୁକ, 'ଗ' ରୁ ଜ୍ଞାନ, 'ବ' ରୁ ବ୍ରହ୍ମ ବିଦ୍ୟା, 'ତ'ରୁ ତତ୍ତ୍ୱ ଦର୍ଶନ ଅର୍ଥାତ୍

*'ଭାବରୁ ଯାହାଟି ସମ୍ଭୂତ, ନାମ ତାହାଙ୍କ*
*ଭାଗବତ । ଜ୍ଞାନ ଅନଳ ହେଲେ ଯାତ, ଦହଇ*
*ପାତକ ସମସ୍ତ । ବ୍ରହ୍ମକୁ ବ୍ରହ୍ମରେ ପରଖି,*
*ଜଗତ ବ୍ରହ୍ମମୟ ଦେଖି । ତତ୍ତ୍ୱ ଜାଣିଲେ ତୁଟେ*
*ଭ୍ରାନ୍ତି, ଭବସାଗରୁ ତରିଯାନ୍ତି ।'*

ଯେଉଁ ଗ୍ରନ୍ଥରେ ହୟଗ୍ରୀବ ବ୍ରହ୍ମବିଦ୍ୟା, ଅର୍ଥାତ୍ ନାରାୟଣ କବଚ ତଥା ବୃତ୍ରାସର ବଧ ପ୍ରସଙ୍ଗ ରହିଛି , ଯାହା ବାର ସ୍କନ୍ଧ ବିଶିଷ୍ଟ, ଅଠର ହଜାର ଶ୍ଳୋକ ସମ୍ବଳିତ ଏବଂ ଗାୟତ୍ରୀରୁ ଆରମ୍ଭ ହୋଇଛି । ସେହି ଗ୍ରନ୍ଥକୁ ବିଦ୍ୱାନ୍‌ମାନେ ଶ୍ରୀମନ୍ ଭାଗବତ ବୋଲି ଜାଣନ୍ତି । ପ୍ରତ୍ୟେକ ପୁରାଣର ମୁଖ୍ୟ ବକ୍ତବ୍ୟ ହେଲା, 'ପରପୋକାରାୟ ସ୍ୱର୍ଗାୟ ପାପାୟ ପରୋପୀଡନମ୍' ଅର୍ଥାତ ପରୋପକାର ସ୍ୱର୍ଗ ପ୍ରାପ୍ତି ଏବଂ ପରକୁ ପୀଡା ଦେବା ପାପ ଅର୍ଜନ ହୋଇଥାଏ । ସମଗ୍ର ପୁରାଣ ମଧ୍ୟରେ ଭାଗବତ ଅଷ୍ଟାଦଶ ପୁରାଣ ମଧ୍ୟରେ ଶ୍ରେଷ୍ଠ । ଜନସାଧାରଣଙ୍କୁ ଅନ୍ୟର ଉପକାର କରିବା ପାଇଁ ଉପଦେଶ ଦେବା ଏବଂ ପାପାଚାରରୁ ନିବୃତ ରହିବା ଲାଗି ଦିଗ୍‌ଦର୍ଶନ ଦେବା, ଭାଗବତର ପରମ ଲକ୍ଷ୍ୟ । ଓଡ଼ିଆର ପ୍ରତି ଘରେ ଭାଗବତ ବୋଲାଯାଏ । ଓଡ଼ିଆର ନୈତିକ ଜୀବନକୁ ଶୃଙ୍ଖଳିତ କରିବା ସଂଯତ କରିବା ଓ ଆଧ୍ୟାତ୍ମିକ ମାର୍ଗ ପ୍ରତି ଜନସାଧାରଣଙ୍କୁ ଆକୃଷ୍ଟ କରିବା, ଧର୍ମ, ସେବା, ପ୍ରେମ ଆଦି କ୍ଷେତ୍ରରେ ଭାଗବତ ମୁଖ୍ୟ ଭୂମିକା ତୁଲାଇଥାଏ ।

କଳିଯୁଗରେ ଭାଗବତ ହେଉଛି ପରମ ମୁକ୍ତି ପ୍ରଦାୟକ ଗ୍ରନ୍ଥ । ଭବସାଗରରୁ ପରିତ୍ରାଣ ପାଇଁ ଏହା ତରଣୀ ସଦୃଶ । ଚତୁର୍ଦ୍ଦଶ ଶତାବ୍ଦୀରେ ଜଗନ୍ନାଥ ଦାସ ଭାଗବତକୁ ନବାକ୍ଷରୀ ଛାନ୍ଦରେ ଲେଖିଲେ । ପୂର୍ବେ ଓଡିଆଙ୍କ ଶିକ୍ଷାଗତ ଯୋଗ୍ୟତା ନିର୍ଦ୍ଧାରଣ ପାଇଁ ଭାଗବତ ଥିଲା ମାନଦଣ୍ଡ । ଭାଗବତ ଥିଲା ଚାଟଶାଳୀର ପାଠ୍ୟପୁସ୍ତକ । ସଠିକ ଭାବରେ ଭାଗବତ ପଢ଼ିଦେଲେ ଶିକ୍ଷାର ପରିସମାପ୍ତି ଘଟୁଥିଲା । ଏହି ପରିପ୍ରେକ୍ଷୀରେ ତିଆରି ହେଲା 'ଭାଗବତ ଟୁଙ୍ଗି' । ପ୍ରତ୍ୟେକ ପୁରପଲ୍ଲୀରେ ଭାଗବତକୁ କେନ୍ଦ୍ର କରି ଗଢ଼ିଉଠିଲା ଭାଗବତ ଟୁଙ୍ଗି । ପ୍ରତ୍ୟେକ କାର୍ଯ୍ୟରେ ଭାଗବତକୁ ପ୍ରାଧାନ୍ୟ ଦିଆଯାଉଥିଲା । ଭାଗବତକୁ ଛୁଇଁ ପ୍ରମାଣ କରୁଥିଲେ ବାଦୀ ପ୍ରତିବାଦୀ । ଜଗନ୍ନାଥଙ୍କ ସହିତ ପୂଜା ହେଉଥିଲା ଭାଗବତ ଟୁଙ୍ଗି । ସଞ୍ଜ ନଇଁଗଲେ ଭାଗବତ ଟୁଙ୍ଗିରୁ ଭାଷିଆସେ ଖୋଳ, ଶଙ୍ଖ, ହୁଳହୁଳିର ପବିତ୍ର ଲହରୀ । ଦିନସାରା ଅକ୍ଲାନ୍ତ ପରିଶ୍ରମ ପରେ କୃଷକ ଓ ଶ୍ରମିକ ମେଳ ହେଉଥିଲେ ଭାଗବତ ଟୁଙ୍ଗିରେ ଭାଗବତର କଥାମୃତ ଶୁଣିବାକୁ । ଏ ଶାସ୍ତ୍ର ଶୁଦ୍ଧ ପବିତ୍ର । ଭକ୍ତି ଯୋଗ ଭାବରେ ବିଶ୍ୱାସ କରେ । ଭଗବାନଙ୍କ ମୁଖ ନିଃସୃତ ବାଣୀ । ଏହା ବେଦରୂପୀ କଳ୍ପବଟ ଯାହାକୁ ଭଗବାନ ଜ୍ଞାନ ଦେଲେ ବ୍ରହ୍ମାଙ୍କୁ, ବ୍ରହ୍ମା ନାରଦଙ୍କୁ, ନାରଦ ବ୍ୟାସଙ୍କୁ ଏବଂ ବ୍ୟାସ ଶୁକଦେବଙ୍କୁ । ଗୁରୁ ପରମ୍ପରାରେ ଭକ୍ତରସ ମିଶି ରସରୁ ରସାଳ ହେଲା । ଏହାର ସ୍ଥାନ ପୁରାଣରେ ପଞ୍ଚମ କିନ୍ତୁ ବହୁ ଲୋକପ୍ରିୟ ।

ଏହା ହେଉଛି ଶ୍ରୀଶୁକଦେବ ଏବଂ ରାଜା ପରୀକ୍ଷିତ ସମ୍ବାଦ ତେଣୁ ଭାଗବତକୁ ଶୁକଶାରୀ ସମ୍ବାଦ ମଧ୍ୟ କହନ୍ତି । ବେଦ, ଉପନିଷଦ ସାର ଉପରେ ପର୍ଯ୍ୟବେସିତ ଭାଗବତ । ପ୍ରତି ପଦରେ ବେଦର ସାରାଂଶ ରହିଛି । ମହର୍ଷି ବ୍ୟାସଦେବ ଏହାକୁ ଭକ୍ତି ଜ୍ଞାନ ଓ ବୈରାଗ୍ୟ ସ୍ଥାପନ ପାଇଁ ରଚନା କରିଛନ୍ତି । ଭାଗବତରେ ନିଷ୍କାମ, ନିଷ୍କପଟ ଓ ପରମ ଧର୍ମ ନିହିତ ରହିଛି । ଏହାର ପଠନ ଫଳରେ ଆଧିଭୌତିକ, ଆଧ୍ୟାତ୍ମିକ, ଆଧିଦୈବିକ ତାପରୁ ଶାନ୍ତି ମିଳେ । ତେଣୁ, ଭକ୍ତି ଭାବର ସହିତ , ଏହାକୁ ମନନ, ଚିନ୍ତନ ଓ ପଠନ ଶୁଦ୍ଧ ପବିତ୍ର ମନରେ ପାଠକଲେ ନିଶ୍ଚୟ ଫଳପ୍ରସୁ ହୁଏ । ଜ୍ଞାନପ୍ରାପ୍ତି, ସୁଖ ପ୍ରାପ୍ତି ହୁଏ । ହଜାରେ ଅଶ୍ୱମେଧ ଯଜ୍ଞ ଏହା ସମ ସରି ନୁହେଁ । ନିୟମିତ ପାଠ କରିବା ଦ୍ୱାରା ପରିବାରର ଅର୍ଥ ସମସ୍ୟା ଦୂର ହୋଇ ଯଶ ଧନ ମିଳେ, ପାପ ଦୂର ହୁଏ, ରିଷ୍ଟ ଖଣ୍ଡନ ହୁଏ । ଆଷାଢ, ଶ୍ରାବଣ, ଭାଦ୍ରବ, କାର୍ତ୍ତିକ, ମାର୍ଗଶୀର ଓ ମାଘ ମାସରେ ଭାଗବତ ପାଠ ଆରମ୍ଭ କରିପାରିବେ । ଭାଗବତ, ତୁଳସୀ, ଗଙ୍ଗା, ଭକ୍ତଜନ ଭଗବାନଙ୍କ ସ୍ୱରୂପ । ଦିନର ଯେ କୌଣସି ସମୟରେ ଭାଗବତ ପଢିପାରିବେ କିନ୍ତୁ ସନ୍ଧ୍ୟା ସମୟରେ ଆନନ୍ଦ ମନରେ ଏହା ପାଠ କରିବା ବିଧେୟ । ପୂର୍ବ ମୁଖ ହୋଇ ପଢିଲେ ଶ୍ରୋତା ଉତ୍ତର ମୁଖା ହୋଇ ଶୁଣିବେ । ଆଳତୀ ସାରି ଗଣପତି ଗୁରୁ ବନ୍ଦନା, ମଙ୍ଗଳାଚରଣ ପାଠକରି କଳସ ରଖି ଗ୍ରନ୍ଥକୁ ପୂଜା କରି ପଠନ ଆରମ୍ଭ କରିବେ । ଯେଉଁଦିନ ପଠନ ସରିବ କଳସୀକୁ ବିସର୍ଜନ କରିଦେବେ । ମାଘମାସରେ ଶୁଣିଲେ ମୋକ୍ଷ ପ୍ରାପ୍ତି । ମୃତ୍ୟୁ ସମୟରେ ଏକାଦଶ ସ୍କନ୍ଧ ପଠନ କରିବା ଦ୍ୱାରା ମୋକ୍ଷପ୍ରାପ୍ତି ହୁଏ । ଆତ୍ମା ଶାନ୍ତି ଲାଭ କରେ । କୌଣସି ତୀର୍ଥ ଏହା ସହ ସମ ନୁହେଁ । ଏହା ଦିବ୍ୟତାର ଅନୁଭବ ଦିଏ । ତେଣୁ ସର୍ବଶ୍ରେଷ୍ଠ କାବ୍ୟ । ମୃତ୍ୟୁ ଭୟରୁ ରାଜା ପରୀକ୍ଷିତଙ୍କୁ ଉଦ୍ଧାର କରିବା ପାଇଁ ଶୁକମୁନି ସାତଦିନ ଭାଗବତ ଶୁଣାଇଥିଲେ । ତାହା ଶ୍ରମଦ୍ ଭାଗବତ ଯାହା ଭଗବାନଙ୍କ ଅମୃତବାଣୀ । ଥରେ ପୃଥିବୀର କଥା ବୁଝିବାକୁ ନାରଦ ବୀଣା ବାଦନ କରି ଧରାବତରଣ କଲେ ଏବଂ ଗୋଟିଏ ଅଦ୍‌ଭୂତ ଦୃଶ୍ୟ ଦେଖିଲେ, ଜଣେ କ୍ରନ୍ଦନରତା ତରୁଣୀର ଉଭୟ ପାର୍ଶ୍ୱରେ ଥିଲେ ଦୁଇ ବୃଦ୍ଧ । ଦେବର୍ଷି ରହସ୍ୟ କିଛି ବୁଝି ନ ପାରି କାନ୍ଦିବାର କାରଣ ପଚାରଲେ । ତରୁଣୀ କହିଲେ, 'ମୁଁ ଭକ୍ତିଦେବୀ, ଏମାନେ ମୋର ଦୁଇପୁତ୍ର ଜ୍ଞାନ, ବୈରାଗ । ମୁଁ ମାତା ହୋଇ ବି ତରୁଣୀ ଅଥଚ ମୋ ପୁତ୍ର ଦ୍ୱୟ ବାର୍ଦ୍ଧକ୍ୟରେ ପ୍ରପୀଡିତ, ଏହାର ରହସ୍ୟ ବୁଝାନ୍ତୁ ।

ନାରଦ କୃପା ଦୃଷ୍ଟିରେ ବୁଝିଲେ ତେବେ ସନକାଦି ଋଷିଙ୍କ ପରାମର୍ଶରେ ଭକ୍ତିଦେବୀଙ୍କ ଦୁଇପୁତ୍ର ଭାଗବତ ଶ୍ରବଣ କଲେ, ସେମାନଙ୍କର ତାରୁଣ୍ୟ ଫେରିପାଇବେ ଏବଂ ନବଯୌବନ ପ୍ରାପ୍ତ ହେବ କହିବାରୁ ସେମାନେ ତଦନୁରୂପ କରି ନବଜୀବନ ପାଇଲେ । ଶ୍ରୀମଦ୍ ଭାଗବତ ହେଉଛି ବେଦ ରୂପକ କଳ୍ପବୃକ୍ଷର ପାଚିଲା ଫଳ । ଏଥିରେ କେବଳ ରସ ହିଁ ପରିପୂର୍ଣ୍ଣ ହୋଇ ରହିଛି । ଶ୍ରୀଶୁକଦେବଙ୍କ ମୁଖ ନିଃସୃତ ହେତୁ ଆହୁରି ଅଧିକ ସୁଧାପୂର୍ଣ୍ଣ ହୋଇଛି । ତେଣୁ, 'ହେ ରସଜ୍ଞ ଭାବୁକ ଭକ୍ତଗଣ ! ଏବେ ଏହା ଭୂଲୋକରେ ସୁଲଭ ହୋଇଗଲା । ସୁତରାଂ ମୋକ୍ଷ ନ ହେବା ପର୍ଯ୍ୟନ୍ତ ଏହାକୁ ବାରମ୍ବାର ପାନ କର । ପ୍ରତ୍ୟେକ ଓଡିଆ ଘରେ ଭାଗବତ ପାରାୟଣ ହୁଏ । ଦୋଳପୂର୍ଣ୍ଣିମାର ପରଦିନଠାରୁ ଭାଗବତ ମେଳଣରେ ଆଖପାଖ ଗାଁରୁ ଗୋସେଇଁ ମାନେ ଆସୁଥିଲେ । ଜନ୍ମାଷ୍ଟମୀରେ ଭାଗବତ ଦଶମ ସ୍କନ୍ଧର ପ୍ରଥମ ପାଞ୍ଚଟି ଅଧ୍ୟାୟ, ଗିରିଗୋବର୍ଦ୍ଧନ ପୂଜାରେ ଦ୍ୱାରିକା ଲୀଳା, ଶରତ ରାସରେ ଗୋପଲୀଳାର ୨୯ ରୁ ୩୩ ଗାନ କରାଯାଉଥିଲା । ଶେଷରେ ପ୍ରସାଦ ସେବନ କରାଯାଉଥିଲା । ସୁତରାଂ ମାନବ ଜୀବନର ଆଧ୍ୟାତ୍ମିକ ଓ ସାମାଜିକ ଜୀବନର ବିକାଶ ପାଇଁ ମହାପୁରାଣ ଭାଗବତ ଆମ ମାତୃଭାଷାରେ ଦେଇଛି ସ୍ୱତନ୍ତ୍ର ପରିଚୟ ଏବଂ ବାନ୍ଧିଛି ଏକତା ସୂତ୍ରରେ ।

**ଗଙ୍ଗନଗର ଛକ,ଆକ୍ସିସ୍ ଏଟିଏମ୍ ପାଖ**
**ଭୁବନେଶ୍ୱର,ମୋ- ୭୯୭୮୧୧୦୪୭୪**

# ହସ

## ସନ୍ତୋଷ କୁମାର ଅଦାବର

**ତିନୋଟି ଅଣୁ ଗଳ୍ପ**

ବ୍ରଜ ବାବୁଙ୍କର ଗୋଟିଏ ବିରାଟ ଫ୍ୟାକ୍ଟେରୀ ଅଛି । ପଚିଶିରୁ ତିରିଶି ଜଣ ଲୋକଙ୍କୁ ଦରମା ଦେଇ ପୋଷୁଛନ୍ତି । ଅମାପ ସମ୍ପତ୍ତିର ମାଲିକ । କିନ୍ତୁ ଧନକୁ ନେଇ ତାଙ୍କର ଏତେ ଅହଙ୍କାର ଯେ କେବଳ ତାଙ୍କ ଧନୀକ ଶ୍ରେଣୀର ଅଳ୍ପ କିଛି ବ୍ୟକ୍ତିଙ୍କ ସାମ୍ନାରେ ତାଙ୍କର ଦୁର୍ଲଭ ହସ ଟିକିଏ ଅଳ୍ପ କ୍ଷଣ ପାଇଁ ଦେଖିବାକୁ ମିଳେ । ଏଇ କିଛି ଦିନ ହେବ ଦେହ ଅସୁସ୍ଥ ହେତୁ ସେ ଯୋଗାଳୟକୁ ଯାଉଛନ୍ତି । ଯୋଗ ଶିକ୍ଷକ କହିଲେ- ସର୍ବଦା ସକରାତ୍ମକ ରୁହ । ଆହାର, ବିହାର, ପ୍ରତ୍ୟାହାର ପ୍ରତି ଧ୍ୟାନ ଦିଅ । ମନ ଖୋଲି ହସିବା ହେଉଛି ବିନା ମୂଲ୍ୟର ଔଷଧ । ବ୍ରଜ ବାବୁ ମନ ଖୋଲି ହସିବାକୁ ଚେଷ୍ଟା କରୁଛନ୍ତି । ********

ଗ୍ରାଜୁଏସନ କରିଛି ମିତା । ଘରେ ବୃଦ୍ଧ ବାପାମାଆଙ୍କର ସେବା ଯତ୍ନ ସହ ନିଜର ବଞ୍ଚିବାର ରାହାଟିଏ ତ ଦରକାର ବୋଲି ସେ ଆର୍ଥିକ ଅଭାବ ପୂରଣ ପାଇଁ ଗୋଟିଏ ସଂସ୍ଥାରେ କାମ କରେ । କେବେ କେବେ ଟିକିଏ ବିଳମ୍ବ ହୋଇଯାଏ କାର୍ଯ୍ୟ ସ୍ଥଳରୁ ଫେରୁ ଫେରୁ । ସେ ବସରୁ ଓହ୍ଲେଇ ଘରକୁ ଆସୁଥିବା ବେଳେ ସେହି ଛକରେ ଦୁଇ ତିନି ଜଣ ବେରୋଜଗାର ଯୁବକ ପ୍ରାୟ ମିତାକୁ ଦେଖି ନିଜ ନିଜ ଭିତରେ ଫୁସୁର ଫାସୁର୍ କଥା ହୁଅନ୍ତିଛ ମିତାକୁ ଅଳ୍ପ ଅଳ୍ପ ଶୁଭିଥାଏ ମଧ୍ୟ । ଫୁସୁର ଫାସୁର୍ ପରେ ହାଃ ହାଃ କରି ସେ ଯୁବକମାନେ ହସିଥାନ୍ତି । ସେ ହସର ମୂଲ୍ୟ କ'ଣ ଅଛି ଯେ...। ମିତା ଠିକ୍ ଜାଣିଛି ତାହା ବେକାର ହସ । ସେ ନିଜେ ଭଲ ଅଛି ବୋଲି ସେ ହସକୁ ଆଦୌ ଗୁରୁତ୍ୱ ଦିଏ ନି ।*************

ନିଜକୁ ବଡ଼ ପଣ୍ଡିତ ବୋଲାଉଥିବା ଜଣେ ବ୍ୟକ୍ତି ନିଜ ପାଣ୍ଡିତ୍ୟରେ ବହୁତ ଗର୍ବ ଅନୁଭବ କରେ । ଦିନେ ରାସ୍ତାରେ ଆସୁଥିବା ବେଳେ ଗୋଟିଏ କୁକୁର ତା'ର ଆଡକୁ ଅନେଇଲା । ସେ କୁକୁରଟିକୁ ମୋତେ କାହିଁକି ଅନାଉଛୁ... ଯା ଯା ବୋଲି ସେ କହିଲା । ଠିକ୍ ସେ ସମୟରେ କୁକୁରଟି ଅନ୍ୟ କୌଣସି ଜିନିଷ ଦେଖି ସେଠାରୁ ଦୌଡ଼ି ପଳାଇ ଗଲା । କିନ୍ତୁ କୁକୁରଟି ତା'ର କଥା ମାନି ସେଠାରୁ ଯାଇ ନ ଥିଲା । ପାଖରେ ଥିବା କିଛି ଲୋକ ତାଙ୍କ ନିଜ ନିଜ ଭିତରେ ହେଉଥିବା ଗୋଟିଏ ଅଲଗା ମଜାକିଆ କଥାରେ ଜୋରରେ ହସିଦେଲେ । ଏ ବ୍ୟକ୍ତିଟି ଆଡ଼କୁ ତାଙ୍କର ଧ୍ୟାନ ନ ଥିଲା । କିନ୍ତୁ ସେ ପଣ୍ଡିତ ବୋଲାଉଥିବା ବ୍ୟକ୍ତି ଜଣକ ମୋର କଥାରେ କୁକୁର ଏଠୁ ପଳାଇ ଯିବା ଦେଖିକି ଏମାନେ ହସୁଛନ୍ତି ଭାବି ନିଜେ ମଧ୍ୟ ତାଙ୍କ ସହ ହସିଲା । ତା'ର ହସ ଦେଖି ହଠାତ୍ ସେଇ ଲୋକମାନଙ୍କ ହସ ବନ୍ଦ ହୋଇଗଲା । ବ୍ୟକ୍ତିଟି ଭାବିଲା- ବୋଧହୁଏ ଏମାନେ ତାଙ୍କର ଅଲଗା କିଛି କଥାରେ ହସୁଛନ୍ତି ମୋ କଥାରେ ନୁହେଁ ।

**ବୀରମହାରାଜପୁର,ସୁବର୍ଣ୍ଣପୁର**
**ମୋ-୯୭୭୭୯୧୦୭୨୮**

# ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋର

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଏହି ସୃଷ୍ଟିର ଅଣୁପରମାଣୁରେ ନିକ୍ୱଣିତ ହୁଏ ଏକ ଶାଶ୍ୱତ ସଙ୍ଗୀତର ମୂର୍ଚ୍ଛନା । ଅବନୀ ଅନ୍ତରୀକ୍ଷରେ ପ୍ରତି ମୁହୂର୍ତ୍ତରେ ଅଭିବ୍ୟକ୍ତି ଲାଭ କରେ ଅନିର୍ବଚନୀୟ ସୁଷମାର ନିତ୍ୟ ନୂତନ ବୈଚିତ୍ର୍ୟ । ନୀଳ ଆକାଶର ଭାସମାନ ଶୁଭ୍ର ଶୀର୍ଣ୍ଣ ମେଘଖଣ୍ଡ କେବେ କାହାଣୀ କହେ ବା କେବେ ତା'ର ସ୍ୱଗତୋକ୍ତିରେ ତଲ୍ଲୀନତା ଲାଭ କରେ । ଇନ୍ଦ୍ରଧନୁର ରୂପୋତ୍ସବରେ ନିତ୍ୟ ରୂପାତୁରା ଦିଗ୍‌ବଧୂରକାନ୍ତ କମନୀୟ କପୋଳ ବର୍ଣ୍ଣାଭ ହୋଇଉଠେ । ଆଶ୍ୱିନ ଜ୍ୟୋତ୍ସ୍ନାର ସ୍ପର୍ଶରେ ଶ୍ୟାମା, ସ୍ନିଗ୍ଧା, ତନ୍ଦ୍ରାଳସା ଧରିତ୍ରୀର ଚକ୍ଷୁରେ ସଂଖ୍ୟାହୀନ ସ୍ୱପ୍ନର ସୁଷମା ଭରିଉଠେ । ଲାସ୍ୟମୟୀ, ତନ୍ୱୀ, ତରୁଣୀର ଲୀଳାୟିତ ଚପଳ ପଦପାତରେ ପ୍ରୀତିର ପାରିଜାତ ପରିସ୍ଫୁଟ ହୁଏ । ମୁକୁଳିତା ହାସ୍ୟମୟୀ କଳିକା, ସୌରଭର ନୈବେଦ୍ୟ ବାଢ଼ି ସୌନ୍ଦର୍ଯ୍ୟର ବର୍ଣ୍ଣନା ଗାନ କରେ ।

ନିତ୍ୟ ପରିବର୍ତ୍ତନଶୀଳା, ମାନମୟୀ ବସୁମତୀର ଦୃଶ୍ୟସକାଳ ସଂସାରୀ - ସନ୍ନ୍ୟାସୀ ନିର୍ବିଶେଷରେ ସମସ୍ତଙ୍କୁ ଅଭିଭୂତ କରେ । ବିଶ୍ୱସୃଷ୍ଟିର ଏହି ନିତ୍ୟ ନୂତନ ରୂପୋତ୍ସବ ଆଶୈଶବ ରବୀନ୍ଦ୍ରନାଥଙ୍କର ସମ୍ବେଦନଶୀଳ ପ୍ରାଣକୁ ଅଭିନବ ବ୍ୟଞ୍ଜନା ବିଭୂତି ସ୍ପର୍ଶରେ ମହୀୟାନ କରିଥିଲା । ସେହି ମହାନ କବିଙ୍କର ସୌନ୍ଦର୍ଯ୍ୟାନୁଭୂତିକୁ ସୂକ୍ଷ୍ମ ଓ ଶାଣିତ କରି ଏହା ତାଙ୍କର ପ୍ରାଣକୁ ଏକ ଅନୁପମ ଅନ୍ତର୍ଦୃଷ୍ଟିରେ ଅଭିବ୍ୟଞ୍ଜିତ କଲା ଏବଂ ସମାଧିସ୍ଥ କରି ଚିତ୍ତର ଉଚ୍ଛ୍ୱାସ ଓ ସୌନ୍ଦର୍ଯ୍ୟୋପାସନା ସତ୍ୟାନ୍ୱେଷୀ ଉପନିଷଦ୍‌କାରର ସମର୍ପଣାତ୍ମକ ପ୍ରବଣତା ନେଇ କବିତା ମାଧ୍ୟମରେ ଆତ୍ମପ୍ରକାଶ ଲାଭକଲା । ରବୀନ୍ଦ୍ରନାଥଙ୍କ କବିତା ସେଥିପାଇଁ ଏକାଧାରାରେ ସତ୍ୟର ବାହକ, ସୌନ୍ଦର୍ଯ୍ୟର ପରିପ୍ରକାଶକ ବା ମାନବାତ୍ମାର ଆତ୍ମପ୍ରକାଶନର ସହାୟକ । ଯୁଗାବତାର ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ଜନ୍ମଭୂମି ସନ୍ନିକଟରେ ବିଶ୍ୱଗୁରୁଙ୍କ ବାସସ୍ଥାନ ଥିବାରୁ ପିଲାବେଳୁ ଶ୍ରୀଶ୍ରୀଠାକୁରଙ୍କ ଦିବ୍ୟ ସାନ୍ନିଧ୍ୟ ପ୍ରାପ୍ତ ହେବା ସହ ସେ ପ୍ରତ୍ୟେହ ଶ୍ରୀଶ୍ରୀଠାକୁରଙ୍କ ଦିବ୍ୟ ଅମୃତବାଣୀ 'ସତ୍ୟାନୁସରଣ' ପାଠ କରୁଥିଲେ । ପରବର୍ତ୍ତୀ ସମୟରେ ଏହା ତାଙ୍କ ଆଧାତ୍ମିକ ଜୀବନକୁ ଦିବ୍ୟମୟ କରିପାରିଥିଲା ।

୧୮୬୧ ମସିହା ମେ ୭ ତାରିଖରେ ଘୋଡ଼ାଶଙ୍ଖରେ ପିତା ଦେବେନ୍ଦ୍ରନାଥଙ୍କର ଚର୍ତୁଦ୍ଦଶ ସନ୍ତାନ ଭାବରେ ରବୀନ୍ଦ୍ରନାଥଙ୍କର ଜନ୍ମୋତ୍ସବ ସଂଗଠିତ ହୋଇଥିଲା । ବାଲ୍ୟ ବିଦ୍ୟାଳୟ ଶିକ୍ଷା ପରେ ୧୮୭୮ ମସିହା ସେପ୍ଟେମ୍ବର ୨୦ ତାରିଖରେ ସେ ପ୍ରଥମଥର ପାଇଁ ଇଂଲଣ୍ଡ ଯାତ୍ରା କରିଥିଲେ । ରବୀନ୍ଦ୍ରନାଥଙ୍କୁ ୧୮ବର୍ଷ ହେଲାବେଳକୁ ସେ ସାତହଜାର ଧାଡ଼ିର କବିତା ଲେଖି ସାରିଥିଲେ । ୧୮୮୩ ମସିହାରେ ତାଙ୍କର ବିବାହ ହୋଇଥିଲା ମୃଣାଳିନୀ ଦେବୀଙ୍କ ସହ । ୧୮୮୩ରୁ ୧୮୯୦ ପର୍ଯ୍ୟନ୍ତ ନିଜ ରଚନାରେ ଗଭୀର ଭାବେ ସେ ମନୋନିବେଶ କରିଥିଲେ । ଆରଣ୍ୟ ଶ୍ରୀଚର୍ଚ୍ଚିତ ଗୁରୁକୁଳାଶ୍ରମର ଚିତ୍ର ସେ ତାଙ୍କର 'ନୈବେଦ୍ୟ କବିତା' ମାଧ୍ୟମରେ ପ୍ରକାଶ କରିଥିଲେ । ୧୯୦୧ ମସିହା ଡିସେମ୍ବର ୨୨ ତାରିଖରେ ପିଲାମାନଙ୍କୁ ନୈତିକ ଓ ଆଧାତ୍ମିକ ଶିକ୍ଷା ଦେବା ପାଇଁ ଗୁରୁକୁଳାଶ୍ରମ ପଦ୍ଧତିରେ ବ୍ରହ୍ମଚର୍ଯ୍ୟାଶ୍ରମ ନାମରେ ଏକ ବିଦ୍ୟାଳୟ ସ୍ଥାପନ କରିଥିଲେ ।

୧୯୦୫ରେ 'ବନ୍ଦେ ମାତରମ୍' ଆନ୍ଦୋଳନ ଆରମ୍ଭ ହେବା ସଙ୍ଗେ ସଙ୍ଗେ ସୋନାର ବାଙ୍ଗ୍‌ଲାର ଆହ୍ୱାନରେ କବି ଶାନ୍ତିନିକେତନ ଧାଇଁ ଆସିଥିଲେ । ଭାରତୀୟ ଆର୍ଯ୍ୟ ଜୀବନର ମହାନ ପରମ୍ପରାର କବି ଥିଲେ ଆଜୀବନ ଉପାସକ । ୧୯୧୨ରେ ତାଙ୍କର ଇଂରାଜୀ ଅନୁଦିତ ଗୀତାଞ୍ଜଳୀ ପ୍ରକାଶ ପାଇଲା । ଏହାର ବାର୍ତ୍ତା ଥିଲା -' ଜୀବନର ବହିରାବଣରେ ବିମୁଗ୍ଧ ନ ହୋଇ ଅନ୍ତର୍ଦୃଷ୍ଟିଦ୍ୱାରା ନିଜର ସତ୍ତାକୁ ଆବିଷ୍କାର କର ।'

୧୯୧୩ରେ ପ୍ରଥମଥର ପାଇଁ ରବୀନ୍ଦ୍ରନାଥ ଏସିଆର ଲେଖକ ଭାବେ ନୋବେଲ ପୁରସ୍କାର ପାଇଥିଲେ । ଏହାର ସମସ୍ତ ଅର୍ଥରାଶି ସେ ଶାନ୍ତିନିକେତନକୁ ଦାନ କରିଦେଇଥିଲେ । ରବୀନ୍ଦ୍ରନାଥ ଏକାଧାରାରେ ଥିଲେ କବି, ନାଟ୍ୟକାର, ଔପନ୍ୟାସିକ, କ୍ଷୁଦ୍ରଗଳ୍ପକାର, ସଂଗୀତଜ୍ଞ, ଚିତ୍ରକର, ସଂସ୍କାରକ, ଦାର୍ଶନିକ, ଦେଶପ୍ରେମୀ, ମାନବହିତୈଷୀ ଓ ଉପନିଷଦର ସତ୍ୟ ସକଳର ପ୍ରବକ୍ତା । ମାତ୍ର ତାଙ୍କର ଜୀବନରେ ଯେଉଁ ମହାନତା ପ୍ରକାଶିତ ହୋଇଥିଲା, ତାହା ତାଙ୍କର ସକଳ କୃତୀ ଠାରୁ ମହତର ଥିଲା । ଗୀତାଞ୍ଜଳି ମନୁଷ୍ୟ ନିକଟରେ ଗୋଟିଏ ସତ୍ୟ ପ୍ରତିପାଦନ କରେ ଯେ ଏକ ସଂଞ୍ଜୀବିତ ତଥା ପ୍ରୀତ୍ୟୁତ୍ଫୁଲ୍ଲ ମାନବାତ୍ମାର ପରିପ୍ରକାଶ ଓ ଆତ୍ମନିବେଦନ କେବଳ କବିତା ମାଧ୍ୟମରେ ହିଁ ସମ୍ଭବ । ଉତ୍ତୁଙ୍ଗ ଭାବୋଚ୍ଛ୍ୱାସର ଭାଷାୟନ, ବିକ୍ଷେପ ଓ ବିକରଣ ନିମିତ୍ତ କବିତାର ଶବ୍ଦ ସଂଯୋଜନା ହିଁ ଯଥାର୍ଥ ବାହକ । ତାଙ୍କର ଲୋକପ୍ରିୟ ଓ ଶ୍ରେଷ୍ଠକୃତୀ 'ଗୋରା' ଉପନ୍ୟାସ ଟଲଷ୍ଟୟଙ୍କ 'ଯୁଦ୍ଧ ଓ ଶାନ୍ତି' ଉପନ୍ୟାସ ସହିତ ତୁଳନୀୟ, ଯାହାକି ୧୯୧୦ରେ ପ୍ରକାଶିତ ହୋଇଥିଲା । ଜୀବନର ଜାହ୍ନବୀରେ କବି ଉପନିଷଦୀୟ ଚିନ୍ତା ଚେତନା ଚର୍ଚ୍ଚିତ ଯେଉଁ କବିତା ତର୍ପଣ କରିଛନ୍ତି, ତାହା କାଳ କାଳ ଧରି ବହୁ ପାଠକ ଆତ୍ମାର ପରିତୃପ୍ତି ବିଧାନ କରିବ । ୧୯୪୧ ମସିହା ଅଗଷ୍ଟ ୭ ତାରିଖରେ ତାଙ୍କ ଆତ୍ମା ମୃଣ୍ମୟ ଶରୀର ପରିତ୍ୟାଗ କଲା । ତାଙ୍କ ଶ୍ରେଷ୍ଠକୃତି 'ଗୀତାଞ୍ଜଳି'ର ସେହି ବିଲକ୍ଷଣ ଧାଡ଼ି ମଧ୍ୟରେ ଧାଡିଟି ମନେପଡ଼ିଯାଉଛି -

'ବୈରାଗ୍ୟସାଧନେ ମୁକ୍ତି ସେ ଆମାର ନୟ, ଅସଂଖ୍ୟ ବନ୍ଧନ ମାଝେ ମହାନନ୍ଦମୟ । ଲଭିବ ମୁକ୍ତିର ସ୍ୱାଦ । ଏହି ବସୁଧାର ମୃତ୍ତିକାର ପାତ୍ରଖାନି କରି ବାରମ୍ବାର ତୋମାର ଅମୃତ ଢାଲି ଦିବେ ଅବିରତ ନାନା ବର୍ଣ୍ଣ ଗନ୍ଧମୟ । ପ୍ରଦୀପେର ମତୋ ଜ୍ୱାଲାଏ ତୁଲିବେ ଆଲୋ ତୋମାରି ଶିଖାୟ ତୋମାର ମନ୍ଦିର ମାଝେ ଇନ୍ଦ୍ରିୟେର ଦ୍ୱାର ରୁଦ୍ଧକରି ଯୋଗାସନ ସେ ନୟ ଆମାର ।'

**ସହ-ପ୍ରତିରକ୍ଷିକ ଓ ପ୍ରଫେସର,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ**
**ମେଡ଼ିକାଲ କଲେଜ, କଟକ,**
**ମୋ- ୯୪୩୭୦୫୧୯୫୭**

# କବିତା

## ରାଇ ଦାମୋଦର ବେଶ

### ରାମଚନ୍ଦ୍ର ବେହେରା



ଆଶ୍ୱିନର ଶୁକ୍ଳ ଏକାଦଶୀ ଠାରୁ
କାର୍ତ୍ତିକ ଶୁକ୍ଳ ଦଶମୀ
ରାଇ ଦାମୋଦର ବେଶେ କଳାଦିଅଁ
ଦେଖାନ୍ତି ଅପୂର୍ବ ଠାଣି ।
ନିଶି ଦୁଇ ଘଡି ଥାଇ ହସି ଉଠେ
ଶ୍ରୀମନ୍ଦିର ପରିବେଶ
ମଙ୍ଗଳ ଆଳତି ଅବକାଶ ନୀତି
ପରେ ହୁଏ ଏହି ବେଶ ।
ଦୁଇ ହସ୍ତେ ଶୋହେ ସ୍ୱର୍ଣ୍ଣ ନଳୀଭୁଜ
କର୍ଣ୍ଣ ଦେଶରେ କୁଣ୍ଡଳ
ତ୍ରିମୁଣ୍ଡିରେ ଶୋହେ ବାଉଁସ ପାତିଆ
କନାରେ ନିର୍ମିତ ଚୂଳ ।
କଟି ଦେଶେ ଶୋହେ ଓଡ଼ିଆଣୀ ପଟି
କପାଳ ଦେଶେ ତିଳକ
ଚନ୍ଦ୍ର ସୂର୍ଯ୍ୟ ପୁଣି ରାମାନନ୍ଦୀ ଚିତା
ଦିଶୁଥାଇ ଚକମକ ।
ଭିନ୍ନ ବାରେ ପୁଣି ଭିନ୍ନ ବର୍ଣ୍ଣ ବସ୍ତ୍ର
ପିନ୍ଧନ୍ତି କଳା ସାଆନ୍ତ
ରାଇ ଦାମୋଦର ଦୁର୍ଲଭ ବେଶକୁ
ଭୁଲି ନପାରନ୍ତି ଭକ୍ତ ।
କାର୍ତ୍ତିକର ଏହି ଦୁଷ୍ପ୍ରାପ୍ୟ ବେଶକୁ
ଯିଏ କରଇ ଦର୍ଶନ
ଜୀବନ ତାହାର ହୁଅଇ ସାର୍ଥକ
ମିଳିଥାଏ କୋଟି ପୁଣ୍ୟ ।
ଶୁକ୍ଳ କାର୍ତ୍ତିକର ଶୁଭ ଦଶମୀରେ
ଏ ବେଶ ହୁଅଇ ପୂର୍ଣ୍ଣ
ପଞ୍ଜୁକରେ ମାଆ ଲକ୍ଷ୍ମୀ ଠାକୁରାଣୀ
ତୋଷନ୍ତି ପ୍ରଭୁଙ୍କ ମନ ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଜୀବନର ଏଇ ଏକାକୀ ପଥରେ

### ରମାକାନ୍ତ ଦାସ

ଜୀବନର ଏଇ ଏକାକୀ ପଥରେ
ଅନ୍ତର ଜଳେ ଘର କୋଣରେ
ଅଜସ୍ର କୋହକୁ ହୃଦୟେ ଲୁଚାଇ
ଜୀଉଁଥାଏ କ୍ଷଣ କ୍ଷଣ କଳ୍ପନାରେ ।
ଜୀବନର ଏଇ ଏକାକୀ ପଥରେ
ସମୟ ଢ଼େଉରେ ସାଜେ ନୟନ ସାଗରେ
ଅଜସ୍ର ଲୁହକୁ ପଲକେ ଶୁଖାଇ
ଆବେଗ ନିଆଁରେ ଆସ୍ତେ ଆସ୍ତେ ଜଳେ ।
ଜୀବନ ଏଇ ଏକାକୀ ପଥରେ
ସ୍ୱପ୍ନ ମିଳେଇ ଯାଏ ଶୀତୁଆ କୁହୁଡିରେ
ମୋ ଇଚ୍ଛାମାନଙ୍କ ପାଦ ବନ୍ଦୀ ହୋଇଯାଏ
ନୀରବ ଅଧରେ ,ସମୟ ବେଡିରେ ।
ଜୀବନର ଏଇ ଏକାକୀ ପଥରେ
ଯାଯାବର ହୋଇ ଚାଲେ ଏକା ଏକା
କପାଳର ରେଖା ସାଜେ ଲକ୍ଷ୍ମଣ ରେଖା
ମୋ ମନ ଜଳେ ଭାଗ୍ୟ ଅଗ୍ନିଶିଖା ।
ଜୀବନର ଏଇ ଏକାକୀ ପଥରେ
ଦୁଃଖ ଭାର ସହି ହୁଏନାହିଁ
କାଳର କରାଳେ କଲବଲ ଭାବବେଗ
ଜୀଇଁବାକୁ ହୁଏ ଲୁହପିଇ ।

**ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର**
**ମୋ - ୯୬୬୮୮୧୫୩୬୯**

## କାଶତଣ୍ଡୀ...!

### ଚନ୍ଦନ କୁମାର ଦାସ

ରଙ୍ଗ ତୋର ଧଳା ସିନା କଳା ପୂରିତ
ବିହି ଗଢିଛି ତୋତେ ଶରତ-ମିତ
ସରିତାର ଶାଢ଼ି ହୋଇ ଉଭା ତୁ ଆସି
ସକଳ ଶୋଭା ଦେଉ ତୁ ପରକାଶି
ଆକାଶରୁ ଧଳା ମେଘ ସତେ କି ନେଇ
ବୋଳିଛୁ ଦେହେ ତୋର ପରାଣ ଦେଇ
କାହୁଁ କେତେ ଦୂରୁ ତୁହି ଆସିଛୁ କହ
ଶାରଦ ବଜାରେ କିଆଁ ବିକୁଛୁ ଦେହ
ରଚିବୁ ବୋଲି ତୋ ପ୍ରେମ ବିଧୁ ସହିତ
ଏବେ ଜାଣିଲି ଆହା ଅସଲ ସତ !
ମାଆଙ୍କୁ ସ୍ୱାଗତେ ତୋର କରିଛୁ ପ୍ରୀତ
ଆସି ଗଢିଲୁ ପ୍ରେମ ବିଧୁ ସହିତ
ଧବଳ ଅଟଇ ଦେହ ମନ ସଜଳ
ହସ ତୋର ହୃଦଜିଣା ଛବି ଛଇଳ
କି କହିବି ନାମ ତୋରରେ କାଶତଣ୍ଡୀ
ଆସିବୁ ଅଗଣା ମୋର ବେଳ ତୁ ଉଣ୍ଡି ।

**ଭୋଗରାଇ, ବାଲେଶ୍ୱର**
**ମୋ-୮୧୧୪୩୪୫୯୮୮**

## ସାମର୍ଥ୍ୟ

### ଡ. ମନୋରଞ୍ଜନ ବିଷୋୟୀ

ତୁମକୁ ବାନ୍ଧିବା ପାଇଁ
ସାମର୍ଥ୍ୟ ବା କାହିଁ ମୋର
ବାନ୍ଧିବି ବାନ୍ଧିବି ବୋଲି
ଯେତେ ଥର ଖୋଲିଛି
ମୋ ବାହୁର ବଳୟ
ସେତେ ଥର ନିଷ୍ଠୁର
ପରିହାସର
ସ୍ୱରଟିଏ
ସଞ୍ଚରିଯାଏ
ଉଦ୍ୟତ ବାହୁର
ସବୁ ଉଦ୍ୟମ
ବ୍ୟର୍ଥ ହୋଇଯାଏ ।
ଏବେ କିନ୍ତୁ ଖୋଲିଛି
ମୋ ଶବ୍ଦର ରଜ୍ଜୁ ସବୁ
ଏ ଇଲାକା ଡ଼େଇଁବା
ସାମର୍ଥ୍ୟ ବା କାହିଁ ତୁମର
ଏବେ ତୁମେ ବନ୍ଦ ମୋର
ଶବ୍ଦ ଇଲାକାରେ ।

**ଦାମୋଦରପୁର, ଗଞ୍ଜାମ**
**ମୋ-୮୮୯୫୧୪୧୭୨୭**

## ଚୁପଚାପ୍

### ଡକ୍ଟର ତପନ କୁମାର ଦାଶ

କେବେ କିଛି କୁହେନି ବୋଲି
କଣ' କହିବାକୁ କିଛି କଥା ନାହିଁ ?
ଚୁପ୍ ରହିବାଟା
ସ୍ୱଭାବ, ଆବଶ୍ୟକତା କି'
ବାଧ୍ୟବାଧକତା, ସେ'କଥା
ସଠିକ ଭାବେ ଠଉରେଇବା ବି'
ଖୁବ୍ ମୁସ୍କିଲ !
କୂଳ ନ'ଲଙ୍ଘିବା ନିୟମରେ ବନ୍ଧା ପଡ଼ିଥିବା
ଲହଡ଼ି ଗୁଡ଼ା, ବେଳାଭୂମିରେ ମୁଣ୍ଡପିଟି
ଲେଉଟି ଯିବା ପରି
ଭାବନାର ଅସୁମାରୀ ତରଙ୍ଗ ଗୁଡ଼ାକ
ସଂସ୍କାର, ସ୍ୱାଭିମାନ ଆଉ ସମାଜ ଶୃଙ୍ଖଳାର
ଶକ୍ତ ପଞ୍ଜୁରୀ ଭିତରେ ବନ୍ଧା
ଆଉକିଛି ହୃଦୟର କଥା, ଗାଥା, ବ୍ୟଥା
ନିଅଣ୍ଟିଆ ଶବ୍ଦକୋଷ ଅଣ୍ଡାଳି ଅଣ୍ଡାଳି
ଗମ୍ଭୀରା ଭିତରେ ପାରା ଗୁମୁରିବା ଭଳି
ଆତ୍ମପ୍ରକାଶ କରିବାକୁ ଅସମର୍ଥ !!
କାରଣ'ଟା ଯାହା ହୋଇଥାଉ
ନା'କାହିଁକି, ଛାତିଟାକୁ
ପାହାଡ଼ ଭଳି ଭାରାକ୍ରାନ୍ତ କରି ରଖିଥିବା
ଭାବନା'ର ବାରୁଦ ଗଦାରେ
କେତେବେଳେ ଯେ' ନିଆଁଲାଗି
ବିସ୍ଫୋରଣ ନ'ଘଟିବ
ସେକଥା ବା' କିଏ କହିବ ??

**ମାଧିପୁର, ପିପିଲି, ପୁରୀ**
**ମୋ -୯୪୩୯୮୭୦୫୧୬**

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶ୍ୱେତାଶ୍ରୀ...

୩୬୭ ଜଣ (୪୯୩-ମହିଳା) ପ୍ରାର୍ଥୀଙ୍କୁ ଦସ୍ତାବିଜ ଯାଞ୍ଚ ଏବଂ ସାକ୍ଷାତକାର ପରୀକ୍ଷା ପାଇଁ କଟକ ସ୍ଥିତ ଓଡିଶା ଲୋକସେବା ଆୟୋଗର କାର୍ଯ୍ୟାଳୟରେ ତା ୧୦.୦୯.୨୦୨୪ ରିଖରୁ ତା ୦୭.୧୦.୨୦୨୪ ରିଖ ଅବଧି ମଧ୍ୟରେ ଡକାଯାଇଥିଲା । ସେଥି ମଧ୍ୟରୁ ଓଡିଶା ଲୋକସେବା ଆୟୋଗ (ଓପିଏସସି) ଓଡିଶା ସିଭିଲ ସର୍ଭିସ ପରୀକ୍ଷା, ୬୮୩ ସଂଖ୍ୟକ ପ୍ରାର୍ଥୀଙ୍କୁ ଓଡ଼ିଶା ପ୍ରଶାସନିକ ସେବା ପଦରେ ନିଯୁକ୍ତି ପାଇଁ ସୁପାରିଶ କରିଛନ୍ତି । ଏହି ଚୟନ ତାଲିକାରେ ଅଣସଂରକ୍ଷିତ ବର୍ଗରେ ୩୬୭ (୧୪୨-ମହିଳା), ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗରେ ୭୩ (୨୩-ମହିଳା), ଅନୁସୂଚିତ ଜାତି ବର୍ଗରେ ୭୯ (୩୬-ମହିଳା), ଅନୁସୂଚିତ ଜନଜାତି ବର୍ଗରେ ୧୨୬ (୫୭-ମହିଳା), ପୂର୍ବତନ ସାମରିକ ସେବା କର୍ମଚାରୀ ବର୍ଗରେ ୧୪, କ୍ରୀଡାବିତ ବର୍ଗରେ ୦୧ ଏବଂ ଶାରୀରିକ ଅକ୍ଷମ ବର୍ଗରେ ୨୩ (୦୫- ମହିଳା) ପ୍ରାର୍ଥୀଙ୍କୁ ସୁପାରିଶ କରାଯାଇଅଛି ।

## ସ୍ୱାସ୍ଥ୍ୟ...

ଜିଏସ୍‌ଟିକୁ ୧୮% ରୁ ୨୮%କୁ ବୃଦ୍ଧି କରାଯିବ । ସେହିଭଳି ୨୦ ଲିଟର ପ୍ୟାକେଜ୍ ପାଣି ଉପରେ ଜିଏସ୍‌ଟିକୁ ୧୮%ରୁ ହ୍ରାସ କରାଯାଇ ୫% କରାଯିବ । ସେହିଭଳି ୧୦ ହଜାର ଟଙ୍କାରୁ କମ୍ ମୂଲ୍ୟ ସାଇକେଲ୍ ଉପରେ ଜିଏସ୍‌ଟି ୧୨%ରୁ ହ୍ରାସ କରାଯାଇ ୫% କରାଯିବ । ପିଲାଙ୍କ ନୋଟ୍‌ବୁକ୍ ଉପରେ ୧୨% ଲାଗୁଥିବା ଜିଏସ୍‌ଟି ଏବେ ୫% ହେବ । ଗତ ମାସରେ ଜିଏସ୍‌ଟି ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ ୧୩ ଜଣିଆ ମନ୍ତ୍ରିଗୋଷ୍ଠୀ ସଦସ୍ୟ ଜୀବନ ବୀମା ଓ ସ୍ୱାସ୍ଥ୍ୟବୀମା ଉପରେ ଟିକସ ହ୍ରାସ ନେଇ ନିଷ୍ପତ୍ତି ନେବେ ।

## ଶିଳ୍ପ...

ଧାରା ଓ ନୂଆ ନୂଆ ବ୍ୟବସ୍ଥା ପାଇଁ ବେଶ୍ ସଚେତନ ରହିଛୁ । ଓଡ଼ିଆ ଯୁବକଙ୍କ ଲାଗି ଚାକିରି ସୁଯୋଗ ସୃଷ୍ଟି କରିବା ଆମର ପ୍ରମୁଖ ଏଜେଣ୍ଡା ରହିଛି । ଶିଳ୍ପପତିମାନେ ରାଜ୍ୟର ଯୁବକଙ୍କୁ ଅଧିକ ନିଯୁକ୍ତି ଦେବା ଉପରେ ଗୁରୁତ୍ୱ ଦେବା ଉଚିତ୍ । ଆମ ସରକାର ମଧ୍ୟ ସହାୟକ ବାତାବରଣ ଶିଳ୍ପ ପାଇଁ ସୃଷ୍ଟି କରିବା ସହ ନିବେଶ ଓ ଅଭିବୃଦ୍ଧିକୁ ଗୁରୁତ୍ୱ ଦେଉଛନ୍ତି । ବ୍ୟକ୍ତିଗତ ଭାବେ ମୁଁ ପ୍ରତିଶ୍ରୁତି ଦେବାକୁ ଚାହେଁ ଯେ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ବାତାବରଣ ମଧ୍ୟରେ ରାଜ୍ୟରେ ବ୍ୟବସାୟ ଚାଲିପାରିବ । ଓଡ଼ିଶା ଏହି ଯାତ୍ରାରେ ସର୍ବାଗ୍ରେ ରହିବାକୁ ପ୍ରସ୍ତୁତ ରହିଛି ବୋଲି ଶ୍ରୀ ମାଝୀ କହିଥିଲେ । ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ ଯେ ଓଡ଼ିଶାକୁ ଏକ ଆଧୁନି ଶିଳ୍ପ ହବ୍‌ରେ ରୂପାନ୍ତରିତ କରିବା ଲାଗି ପ୍ରଚେଷ୍ଟା ଆରମ୍ଭ ହୋଇଛି । ଭାରତର ଅଭିବୃଦ୍ଧିରେ ଓଡ଼ିଶା ଏବେ କେନ୍ଦ୍ରବିନ୍ଦୁ ପାଲଟିଛି । ମୁଖ୍ୟ ସଚିବ ମନୋଜ ଆହୁଜା ସ୍ୱାଗତ ଭାଷଣ ଦେଇଥିବାବେଳେ ଶିଳ୍ପ ସଚିବ ହେମନ୍ତ ଶର୍ମା ରାଜ୍ୟରେ ଥିବା ଶିଳ୍ପ ଲାଗି ସୁବିଧା ସୁଯୋଗ ଉପରେ ସୂଚନା ଦେଇଥିଲେ ।

---

**ODISHA LIFT IRRIGATION CORPORATION LIMITED**
**(A GOVERNMENT OF ODISHA UNDERTAKING)**
**OFFICE OF THE EXECUTIVE ENGINEER LIFT IRRIGATION DIVISION: GUNUPUR.**
**E-mail ID- eeolicgnp@ymail.com**

CAD-1398

**Office Letter No. 1189** **Date. 19.10.2024**

**CORRIGENDUM**

In continuation to this office Tender Call Notice No.-01/24-25 dt. 14.10.24 and the following amendment is made. It was decided that as per tender committee,
1. The total Nos. of the Package read as 6 Nos.instead of 5nos as per the following annexure.

**ANNEXURE**

| Pkg. No. | Name of Block | Nos./ Name of LI. Project | Type | Name of Scheme | Appr. Tender cost | Bid Security (EMD) | Cost of Bid document | Class of Contractor | Time of Completion of work |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | Gunupur | Kharlingi-II | T/W | RIDF-XXIX | 1639986 | 16400 | 6000+18% GST | Valid Cvil "B" and "C" with KT License | 90 Days |
| 2 | Gudari | Kandaraguda-III | T/W | RIDF-XXIX | 1634252 | 16343 | 6000+18% GST | Valid Cvil "B"and "C" with KT License | 90 Days |
| 3 | Gudari | Asada-V | T/W | RIDF-XXIX | 1626041 | 16260 | 6000 + 18% GST | Valid Cvil "B" and "C with HT License | 90 Days |
| 4 | Gudari | Siriguda-IV | T/W | RIDF-XXIX | 1637850 | 16379 | 6000 +18% GST | Valid Cvil"B" and "C" with KT License | 90 Days |
| 5 | Ramanaguda | Bada Achaba-II | T/W | S.P.23-24 | 1295023 | 12950 | 6000 + 18% GST | Valid Cvil "B" and "C" wtthKT License | 90 Days |
| 6 | Gunupur | Bainapadar-I | T/W | S.P.23-24 | 1282435 | 12824 | 6000 + 18% GST | Valid Cvil "B" and "C" with KT License | 90 Days |

All other terms and conditions of tender remain unaltered.

OIPR : 32144/11/0002/2425 Sd/- Executive Engineer, L.I. Division, Gunupur

---

**Office of the Superintending Engineer**
**U.K.Head Works Division,Kolabnagar(K).PIN.764011**
**e-mail :seukhwdivision@gmiail.com**

**QUOTATION CALL NOTICE NO. 05 /2024-25 DATED. 15.10.2024**

**A-448 :** Quotation in sealed cover duly super scribed the quotation call notice no. on the body of the cover are invited by the undersigned from the Manufacturers/ Authorized dealers / Regd. Govt. Order Suppliers/ Reputed firms having PAN card & G.S.T. registration as per G.S.T. Act 2017 for supply of the following items. Rate may be quoted for the items in complete shape.

| Name of work | Itme No. | Description of items | Unit | Quantity |
|---|---|---|---|---|
| Purchase of New Invertor with battery for offices under U.K. Head Works Division, Kolabnagar during 2024-25 | 1 | Supplying of power Invertor 1750 watt of any reputed brand make as per standard specifications & as per direction of Engineer-in-Charge | Set | 06 |
| | 2 | Supplying of Invertor battery 150 Ah tubular types as per standard specification & as per direction of Engineer-in-Charge | Set | 06 |

The quotation will be received in the office of the Superintending Engineer, U.K.Head.Works Division, Kolabnagar Dist. Koraput 764011(O) from **10.30 hours of 21.10.2024 to 17.00 hours of 04.11.2024** and will be opened by the undersigned at ***11.00 hours* of 05.11.2024** in presence of the quotationers or their authorized agents who wish to be present. Copies of PAN card, valid GSTIN clearance certificate, certificate of authorized dealership and EMD & ISD **@2%** of the quoted price in shape of TDR/STDR duly pledged in favour of the Superintending Engineer, Upper Kolab Head Works Division, At/PO: Kolabnagar, Dist Koraput (O) should accompany the quotation failing which the quotation will not be accepted.

The quoted rates must be valid for a period of **90 (ninety) days** from the date of receipt of quotations unless extended by mutual agreement. Supply must be completed within **15 (Fifteen) days** from the date of issue of supply order. Rate quoted shall be for supply of the articles at U.K.H.W.Division Kolabnagar, Dist. Koraput, Odisha-764011, inclusive of cost, transportation, GSTIN, labour cess & all other taxes etc applicable as per tne Govt, rules. The materials should be according to I.S.I, specification.

Warranty period for the materials should be mentioned by the bidders during bidding the quotations and the warranty cards should be submitted by the successful bidders at the time of payment. Payment will be made only on receipt of the articles in full and good condition as per specifications Terms of advance payment will not be entertained. All the prevailing rules & regulations as per O.P.W.D. code & rules of O.G.S.T Act 2017 is binded with the quotationer. Other details can be had from the office of the undersigned during office hours.

The authority reserves the right to accept / reject any or all the quotalions without assigning any reasons thereof.

**Sd/- Superintending Engineer**
**U.K Head Works Division**

OIPR : 32015/11/0012/2425

---

ODISHA

CAD-978

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧୦୧୨**

**ପ୍ରଦୂଷଣମୁକ୍ତ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାଳୀପୂଜା ତଥା ସରସ୍ୱତୀ ପୂଜା ପାଳନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ନିବେଦନ**

**ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ** **ସଂଖ୍ୟା** VISC(LEM) Proj-64/24-25/**୧୨୯୯୧ ତା. ୧୭–** OF **୨୦୨୪**

- ମୂର୍ତ୍ତୀ ନିର୍ମାଣରେ ପୋଡା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ ।
- ମୂର୍ତ୍ତୀରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ ।
- ମୂର୍ତ୍ତୀ ର ଉଚ୍ଚତାକୁ ୨୦ ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ ଫୁଟ ମଧ୍ୟରେ ସୀମିତ ରଖନ୍ତୁ ।
- ପୂଜା ପରେ ମୂର୍ତ୍ତୀକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ ।
- ବିସର୍ଜନ ପୂର୍ବରୁ ମୂର୍ତ୍ତୀ ଓ ମେଢ଼ରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତୀରୁ କାଢ଼ି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ । ଏହାକୁ ବିସର୍ଜନ ସ୍ଥଳରେ ପୋତନ୍ତୁ ନାହିଁ ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ ।

**ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ ।**

- ଜନ ସାଧାରଣଙ୍କୁ ମୂର୍ତ୍ତୀ ବିସର୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ ।
- ଜନ ସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତୀ କିଣିବାକୁ ସଚେତନ କରନ୍ତୁ ।
- ସଂପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତୀ ବିସର୍ଜନ ନିମନ୍ତେ ମାଟିବନ୍ଧ ଓ synthetic liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତୀ ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ ।
- ମୂର୍ତ୍ତୀ ବିସର୍ଜନ ହେବାର ୨୪ ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal dumpsite କୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ ।

**ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ**

- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତୀ କିଣନ୍ତୁ । ସାଜସଜ୍ଜା ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ ।
- ପୂଜା ପରେ ମୂର୍ତ୍ତୀ ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀ କୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ ।
- ବ୍ୟବହୃତ ପୂଜା ସାମଗ୍ରୀକୁ ଜରିରେ ବାନ୍ଧି କୌଣସି ନଦୀ କିମ୍ବା ପୋଖରୀରେ ନ ଫୋପାଡି ଚିହ୍ନିତ ବିସର୍ଜନ ସ୍ଥଳୀରେ ପକାନ୍ତୁ ।

**ଫାଇନ୍ ଓ ଦଣ୍ଡ ବ୍ୟବସ୍ଥା**

Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021 ଅନୁଯାୟୀ, ମୂର୍ତ୍ତୀ କାରୀଗରମାନେ ରୁଲ୍ ୩ ର ଅବମାନନା କଲେ, ସଂପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତୀ ତିଆରି ରୁ ବାସନ୍ଦ ହେବେ । ଏହା ବ୍ୟତୀତ ମୂର୍ତ୍ତୀ ନିର୍ମାତା ମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ ।

ପୂଜା କମିଟି କର୍ମକର୍ତ୍ତା ମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ ର ଅବମାନନା ହେଲେ, ସଂପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ ।

- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା ।
- ମ୍ୟୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା ।
- ମ୍ୟୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା

**ଆସନ୍ତୁ ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା ।**

- **ବି.ଦ୍ର. :** ଏ ସମ୍ବନ୍ଧୀୟ ବିଶଦ ବିବରଣୀ "The Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021 ରେ ମିଳିପାରିବ ।

(Weblink :http://ospcboard.org/wp-content/uploads/2022/02/1741- F-E-Idol-Immersion-Rule-By-Odisha.pdf

OSPCB-CL-MISC-0049-2023/13/2024 OIPR : 08012/11/0066/2425 **ସ୍ୱା/- ସଦସ୍ୟ ସଚିବ**

---

## ଗୁଣିଗାରେଡି...

ଦିଆଯାଇଥିଲା । ଛଟପଟ ହୋଇ ଖାମସିଂ ପାଖରେ ଥିବା ଏକ ପୋଖରୀକୁ ଡେଇଁ ପଡ଼ିଥିଲେ। ପରେ ଘରକୁ ଯାଇ ସବୁକଥା କହିଥିଲେ । ପରିବାର ଲୋକ ପୁଲିସକୁ ଫୋନ୍ କରି ଜଣାଇବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ସିନାପାଲି ଡାକ୍ତରଖାନାକୁ ଅଣାଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ।ତେବେ ଏଭଳି ସମ୍ବେଦନଶୀଳ ଘଟଣାରେ ପୁଲିସ ନିଜ ଆଡୁ ମାମଲା ରୁଜୁ କରିବା ସହ ଗାଁକୁ ଆସି ତଦନ୍ତ କରିଛି । ୧୪ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ।

## ବଲ...

ହୋଇଥିଲେ । ତିନି ଜଣ ନାବାଳକଙ୍କୁ ଜଳସ୍ରୋତ ଭସାଇ ନେଇଥିଲା। ସ୍ଥାନୀୟ ଲୋକଙ୍କର ଠାରୁ ସୂଚନା ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ଉଦ୍ୟମ ପରେ ନାବାଳକମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ୩ ଜଣ ନାବାଳକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତ ଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଅପ୍ରିତିକର ଅଘଟଣ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**AFFIDAVIT**

I, ADITI KUMARI RAY, D/O-AMIT KUMAR RAY, TALABANIA, JAGATPUR, CUTTACK-754021 DECLARE BY THIS AFFIDAVIT NO-17596, DT. 19.10.2024 THAT NOW ONWARDS I SHALL BE KNOWN AS ADITI RAY FOR ALL FUTURE PORPOSES.

**AFFIDAVIT**

I, PAMI RAY, W/O-AMIT KUMAR RAY, PLOT NO.772/3458, TALABANIA, JAGATPUR, CUTTACK-754021 DECLARE BY THIS AFFIDAVIT NO-3175, Dt. 08.10.2024 THAT NOW ONWARDS I SHALL BE KNOWN AS PAMPI DEVI FOR ALL FUTURE PURPOSES

---

E-Mail:rw.kamakhyanagar@yahoo.co.in

**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal.**
**Kamakhyanagar**

O-360

**e-procurement Notice No 08 / Building Work / 2024-25.**

1. Name of the work : BuildingWork
2. Total No. of Works : 01 (One) Nos
3. Tender Cost : Rs. 15.97 lakh (approx.)
4. Class Contractor : D” &”C”Class
5. Period of Completion : 6 calendar months
6. Availability of Tender online for bidding : 22.10.2024 at 11.00 A.M to 02.11.2024 up to 5.00 P.M
7. Last Date & Time of seeking tender clarification : 01.11.2024 upto 4.00 PM
8. Date & Time of opening of Bid : 04.11.2024 at 11.00 AM

Other Details can be seen from the website **http:// tendersorissa.gov.in.**

**Sd/- Executive Engineer**
**R.W. Division-II, Dhenkanal**
**Kamakhyanagar**

OIPR : 25094/11/0011/2425

---

**OFFICE OF THE SUPERINTENDENT**
**VSS INSTITUTE OF MEDICAL SCIENCES &**
**RESEARCH BURLA (SAMBALPUR)**
**Email - vimsarsuptd24@gmail.com**
**No. 14349 / VIMSAR Dated : 18.10.24**

**TENDER CALL NOTICE**

**E-417 :** Sealed tenders are hereby invited in two bid systems from the Registered Firms having valid GST Registration for supply of Different Cartridges so as to reach of Office of the Superintendent, VSS Institute of Medical Sciences & Research, Burla on or before dt: 18/11/2024 upto 5.00 PM through Regd. Post/Speed Post/Courier only and this will be opened on dt: 19/ 11/2024 at 11.30 PM. The tenderer may attend the office at the time of opening of the tenders.

The detailed terms and conditions along with list of cartridges of the Tender call notice can be obtained from the Office of the Superintendent, VIMSAR, Burla and also the same can be down loaded from the website **www.sambalpur.nic.in** & **www.vimsar.ac.in** from its date of publication.

**Sd/- Superintendent**
**VSS Inst. of Med. Sc. & Research,**
**Burla**

OIPR : 10187/11/0010/2425

---

E-Mail ID - rwd.padampur@yahoo.co.in
Ph.No. 9437255440

**Government of Odisha “e” Procurement Notice**

O-399 **Bid Identification No: Online- 05-OF 2024-25**

1. Name of the work : **Building works (As per Annexure-’A’)**
2. Amount put to Bid Excluding GST : As per Annexure-’A’
3. Class of contractor : “D” & “C”
5. Date & Time of availability of bid document in the portal : From Dt. 24.10.2024 at 10.00 A.M.
6. Last date & Time for receipt of bids in the portal : Dt. 02.11.2024 up to 05:00 P.M.
7. Last date of seeking clarification : Dt. 01.11.2024 up to 5.00 P.M
8. Date & Time of bid opening : Dt. 04.11.2024 at 11.00 A.M .
9. Name and address of the Officer Inviting Bid : Superintending Engineer, R.W.Division, Padampur, At/Po-Padampur, Dist-Bargarh, Pin- 768036

(1) Other details can be seen from **DTCN** available in website **www.tendersodisha.gov.in**

(2) Corrigendum if any shall only be published in the above website

**Sd/- Superintending Engineer,**
**Rural Works Division,**
**Padampur**

OIPR : 25069/11/0008/2425

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**RURAL WORKS DIVISION, DEOGARH.**
**E-mail Id - eerw_deogarh@yahoo, co. in**

O-419

**E-Procurement Notice**

**BID.IDENTIFICATION NO. SERWDGH-Online- 02/2024-25**

1. **No of Road works :- (18 Nos)**
2. **Estimated Cost:- Approx.** Rs.5.08 Lakhs to Rs.50.85 Lakhs
3. **Mode of submission of tender**-Tender shall be submitted online in **www.tendersodisha.gov.in**
4. **Availability of tender for online bidding:-22.10.2024, 10.00 A.M to 05.11.2024 up to 5.00 P.M**
5. **Date and time of opening of tender: -06.11.2024, 11.00 A.M**
6. Other details can be seen from the website **www.tendersodisha.gov.in**
7. Corrigendum / Addendum if any shall only be published in the above website.

**Sd/- Additional Chief Engineer**
**R.W. Division, Deogarh**

OIPR : 25087/11/0002/2425

---

## ୧୧ ବିମାନକୁ...

ପଦକ୍ଷେପ ଆଜିଠୁ ନିଆଯାଇଛି । ଆକାଶ ଏୟାରଫ୍ଲାଇଟ୍‌ର ବେଙ୍ଗାଲୁରୁରୁ ମୁମ୍ବାଇ ଯାଉଥିବା ଏକ ବିମାନ ଉଡାଣ ଭରିବା ପୂର୍ବରୁ ବୋମା ଧମକ ମିଳିଥିଲା । ତେବେ ବିମାନଗୁଡିକ ମୁମ୍ବାଇ ବିମାନ ବନ୍ଦରରେ କଡାକଡି ଭାବେ ସୁରକ୍ଷାର ଯାଞ୍ଚ କରାଯାଉଛି । ଏସ୍‌ଓପି ଅନୁଯାୟୀ ଏହା କରାଯାଉଛି । ଏନ୍‌ଓସି ମିଳିବା ପରେ ବିମାନକୁ ଉଡିବା ପାଇଁ ଅନୁମତି ମିଳୁଛି । ସୋମବାରଠାରୁ ଆଜି ପର୍ଯ୍ୟନ୍ତ ୫୦ ବିମାନକୁ ଏଭଳି ଧମକ ମିଳିଲାଣି । ଡିଜିସିଏ ପକ୍ଷରୁ କୁହାଯାଇଛି ଯେ ଏଭଳି ଜାଲ୍ କଲର୍ସମାନଙ୍କୁ ନୋ ଫ୍ଲାଏ ଲିଷ୍ଟରେ ୫ ବର୍ଷ ଲାଗି ପକାଯାଇଛି । ତେବେ ଏୟାର ଲାଇନ୍ସଗୁଡିକ ପ୍ରସ୍ତାବ ଦିଆଯାଇଛି ଯେ ଏଭଳି ଜାଲ୍ ବୋମା ଧମକ ଉପରେ ତୁରନ୍ତ ଅଭିଯୁକ୍ତଙ୍କୁ ଠାବ କରାଯାଉ ।

## ବଦଳିବ...

ନେଇ ଗାଇଡଲାଇନ ଆସୁଛି । ଆମ ଓଡ଼ିଶା ନବୀନ ଓଡ଼ିଶାରେ ପଞ୍ଚାୟତ ପ୍ରତିନିଧି ପ୍ରଥମ ଥର ଆନ୍ଦୋଳନକୁ ଓହ୍ଲାଇଥିଲେ । କୋଭିଡ ସମୟରେ ପୂର୍ବ ସରକାର ସେମାନଙ୍କୁ ଜିଲ୍ଲାପାଳ ଆଖ୍ୟା ଦେଲେ, ହେଲେ ପରେ କ୍ଷମତା ହଟାଇ ନେଲେ । କିନ୍ତୁ ବିଜେପି ସରକାର ଲୋକଙ୍କ ଅନୁସାରେ କାମ କରିବ । ଆଉ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସଶକ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ବାଣ...

ଭିଡୁଥିଲେ? ବାଣ ତିଆରି ପାଇଁ ବାରୁଦ ଓ ଅନ୍ୟାନ୍ୟ ସରଞ୍ଜାମ କେଉଁଠୁ ଆଣିଲେ? ଏ ସମ୍ପର୍କରେ ପରିବାର ଲୋକେ ଜାଣିଥିଲେ କି ନାହିଁ? କେଉଁ ଉଦ୍ଦେଶ୍ୟରେ ଏମାନେ ବାଣ ତିଆରି କରୁଥିଲେ? ଦୀପାବଳିରେ ବାଣ ଫୁଟାଇବା ପାଇଁ ନା ବ୍ୟବସାୟ ପାଇଁ?

## ଜାନୁଆରୀ...

ସହ ଆଲୋଚନା ସରିଛି । ମହାରାଜ କଂସଙ୍କ ସଂଳାପରେ ପ୍ରକମ୍ପିତ ହେବ ଗଗନ ପବନ । ସବୁ ବିଭାଗ ସମନ୍ୱୟ ରଖି କିଭଳି ଧନୁଯାତ୍ରା ସୂଚାରୁ ରୂପେ ଶେଷ କରାଯିବ ପ୍ରଥମ ବୈଠକରେ ଆଲୋଚନା ହୋଇଛି ।

**AFFIDAVIT**

I, PAMMI RAY, W/O-AMIT KUMAR RAY, PLOT NO.772/3458, TALABANIA, JAGATPUR, CUTTACK-754021 DECLARE BY THIS AFFIDAVIT NO-3176, Dt. 08.10.2024 THAT NOW ONWARDS I SHALL BE KNOWN AS PAMPI DEVI FOR ALL FUTURE PURPOSES

---

**GOVERNMENT OF ODISHA :OFFICE OF SUPERINTENDING ENGINEER**
**MINOR IRRIGATION DIVISION, MALKANGIRI**
**E-mail ID: -_ midivmalkangiri@gmail.com**
**NOTICE INVITING TENDER**
**E-Procurement Notice : Bid Identification No. SEMIDMKG - 03/2024-25**
**Letter No. 1436 Dt. 14.10.2024**

**A-430 :** The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in **Double cover** system through **Online Mode.** The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https:// tendersodisha.gov.in**

1. Name of the work : Improvement to Canal lining of different MIPs in different Blocks of Malkangiri District under CAPEX Scheme 2024-25.
2. Total Number of work : 04 [Four] Nos.
3. Estimated cost : Approximately varies From Rs. 50.65 lakh to Rs. 78.27 lakh.
4. Period of completion : 06(Six] Calendar Months
5. Class of Contractor : “B” Class Contractor
6. Date and time of availability of bid documents in the portal : From 10.00 A.M of 22.10.24 to 5.00 PM of 12.11.2024
7. Last date /time for receipt of bids in the portal : 5.00 pm on 12.11.2024
8. Date of opening of bid : At 11.00 am on 13.11.2024 in website **(www.tendersorissa.gov.in)**
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division,Malkangiri
11. Further details can be seen from the Government of Odisha Web-site: **www.tendersorissa.gov.in**

**Sd/-Superintending Engineer**
**M.I. Division, Malkangiri**

OIPR : 32364/11/0002/2425

---

**GOVERNMENT OF ODISHA** eerwbnjr@gmail.com
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANAJNAGAR**

**NATIONAL COMPETITIVE BIDDING THROUGH e-Procurement**

O-395

**Identification No. Online Tender / 02 / RWDBNJ/2024-2025**
**Ltr. No. 4304 Date:- 09-10-2024**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDBNJ/02/ 2024-25 | Road Work | 1 No. | 70.34 Lakhs | "B" Class as applicable | 03 (Three) Calendar Months. |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Bhanjanagar | Online Tender / 02/ RWDBNJ/2024-2025 | 21.10.2024 at 10.00 A.M. | 04.11.2024 upto 3.00 P.M. |

Further details can be seen from the website : www.tendersodisha.gov.in

**Sd/- Additional Chief Engineer**
**R.W.Division, Bhanjanagar**

OIPR : 25174/11/0002/2425

---

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION:KORAPUT**
**e-Procurement for Road Works**

PHONE:OFF: (06852):251263
email: eerwkoraput@yahoo com

E-394

**Bid Identification No: SERWKPT-Online-05/2024-25 Dtd-09.10.2024**
**Letter No 3314 Dtd. 09.10.2024**

1. Name of the Work : SPECIAL REPAIR ROAD WORKS FOR THE YEAR 2024-25
2. Total Numbers of Works : 15 Nos
3. Approximate Estimate Cost : Rs. 5.04 to Rs. 95.00 Lakhs (Approximately)
4 Class of Contractor : "B", “C” & “D” Class
5 Period of Completion : 2 Nos of Work - 4 Month & 13 Nos of Work- 2 Months
6. Other Details :

| Procurement Officer | Bid Identification No | Availability of tender online bidding | |
|---|---|---|---|
| | | From | To |
| Superintending Engineer, R.W.Division, Koraput | Online Tender/05/RWD-KPT/2024-25 | 23.10.2024 at 11.00 A.M. | 05.11.2024 upto 5.30 P.M |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

* N.B. Any Addendum or Corrigendum will be available in the Website only.

**Sd/- Addl. Chief Engineer,**
**Rural Works Division:Koraput**

OIPR : 25088/11/0005/2425

---

**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER , CENTRAL IRRIGATION CIRCLE, BHUBANESWAR**
**‘e’ Procurement Notice No. ACECIC - 02/ 2024-25**

A-447

| Procurement Officer | Bid Identification No. | Name of Work | Cost of Work (Rs. In Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractor | Bid documents available online for bidding: From | To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, Bhubaneswar | PRD-01/ 2024-25 | Protection to Service Bank on KSDR Embankment from RD.21.20 Km to 21.60 Km near Tithapada | 371.75 | 371800/-( On Line) | 10000/-(On Line) | "A" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At.11.00 Hours | 06 (Six Calendar Month) |
| | PRD-02/ 2024-25 | Protection to Scoured Bank of Kathajodi Sirua Devi Right Embankment from RD.8.940 Km to 9.500 Km and construction of 2 Nos spur at RD.8.200 Km and 8.350 Km | 676.95 | 676100/-( On Line) | 10000/-(On Line) | "A" & "Special" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At.11.00 Hours | 12 (Twelve Calendar Month) |
| | PRD-03/ 2024-25 | Construction of spur at RD.62.140 Km with restoration to old spur at RD.61.300 Km on KSDR embankment | 660.95 | 660100/-( On Line) | 10000/-- (On Line) | "A" & "Special" Class | 21.10.2024 At 10.00 Hours" | 04.11.2024 At 17.00 Hours | 05.11.2024 At.11.00 Hours | 12 (Twelve Calendar Month) |
| | PRD-04/ 2024-25 | Construction of spur and Drainage Channel of Parimala sluice on KSDR embankment at RD.60.20 Km | 474.37 | 474400/-( On Line) | 10000/-(On Line) | "A" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At.11.00 Hours | 08 (Eight Calendar Month) |

e-mail ID: **-secic_dowr@yahoo.com**
Further details conditions can be seen from Govt, website **www.tenderorissa.gov.in**

**Sd/- Additional Chief Engineer**
**Central Irrigation Circle**

OIPR : 32160/11/0002/2425

---

**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, EASTERN CIRCLE-II, CHANDIKHOLE**
**Email ID:- seec2chandikhole@gmail.com**

A-454

**“e” Procurement Notice No. ACE. EC-II 02 of 2024-25 (On-line)**

| Sl. No. | Name of the works | Bid Identification No. | Tender Cost in Lakh (Rs.) | Bid Security (In Rs.) |
|---|---|---|---|---|
| 1 | Improvement to Road on left Embankment of river Baulangapatia from Madhiali to Dihasahi | ACE, EC-II JPD 06 OF 2024-25 | 250.72 (Approx.) | 2,50,800/- |
| 2 | Restoration Nuamahara left Embankment from RD 2200mtr. to 3000mtr near Haladidiha | ACE, EC-II JPD 07 OF 2024-25 | 246.33 (Approx.) | 2,46,300/- |
| 3 | Improvement to 1E Distributary from RD 2.00KM to 3.500KM (Working RD 2390mtr. to RD 3350mtr.) | ACE, EC-II JPD 08 OF 2024-25 | 250.62 (Approx.) | 2,50,700/- |
| 4 | Protection to Gourangpur Escape on Baitarani left Embankment | ACE, EC-II JPD 09 OF 2024-25 | 244.86 (Approx.) | 2,44,900/- |
| 5 | Protection to Mallimahara Escape on Baitarani left Embankment | ACE, EC-II JPD 10 OF 2024-25 | 249.30 (Approx.) | 2,49,300/- |
| 6 | Protection to Scoured bank of KasimpurOrali TRE on Rebo left near Hattanagar. | ACE, EC-II JPD 11 OF 2024-25 | 248.08 (Approx.) | 2,48,100/- |
| 7 | Improvement to service road on left bank of Disty. No.3 of G. Canal from RD 3000mtr. to 6200mtr. | ACE, EC-II KID 01 OF 2024-25 | 214.75 (Approx.) | 2,14,800/- |
| 8 | Improvement to right bank service road on Disty. No.16C of Kendrapara Canal from Kalapada to Chhagharia. | ACE, EC-II KID 02 OF 2024-25 | 235.91 (Approx.) | 2,36,000/- |
| 9 | Construction of 4 nos. new Bed bar & renovation of 4 nos. Old spurs including launching apron from RD 1.185Km. to 1.405Km. & RD 1.415Km. to 1.835Km. on Dasamouzigherry left wing on river Nuna near village Gopinathpur in Mahakalapada Block of Kendrapara District | ACE, EC-II KID 03 OF 2024-25 | 667.05 (Approx.) | 6,67,100/- |
| 10 | Improvement to left bank service road of Kendrapara Canal Maharakula to Sakhibata (Working RD 49200mtr. to RD 51600mtr.) | ACE, EC-II KID 04 OF 2024-25 | 236.31 (Approx.) | 2,36,400/- |

2. Cost of Bid Document : Rs. 10,000/- (On-line Payment)
3. Class of Contractor : “B” & “A” for all packages except SI.No.9 & for SI. No 9 package “A” & Special
4. Period of Completion : 06 (Six) Calendar months except SI.No.9 & for SI. No 9 package 11 (Eleven) Calendar months.
5. **Other details are as follows :**

| Procurement Officer | Availability of Tender On-line for bidding: From | To | Date of Opening of Technical Bid (Cover-I) |
|---|---|---|---|
| Additional Chief Engineer, Eastern Circle-II, Chandikhole | 21/10/2024 at 10 A.M. | 04/11/2024 up to 5.00 P.M. | 05/11/2024 at 11.30 A.M. |

6. e-mail id : seec2chandikhole@gmail.com
7. Further detailed conditions can be seen from the Govt, website www,tendersorissa.gov.in

**Sd/- Additional Chief Engineer**
**Eastern Circle-II, Chandikhole**

OIPR : 32322/11/0006/2425

---

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ – ଓଡ଼ିଶା ପାଇଁ ରଣନୀତି ସମ୍ପର୍କିତ ସ୍ୱତନ୍ତ୍ର କର୍ମଶାଳା

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ଲୋକସେବା ଭବନସ୍ଥିତ ରାଜ୍ୟ ସମ୍ମିଳନୀ କକ୍ଷରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ – ଓଡ଼ିଶା ପାଇଁ ରଣନୀତି ସମ୍ପର୍କିତ ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଓ ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ଚେଞ୍ଜର ମିଳିତ ସହଯୋଗରେ ଏହି କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ, ଶିକ୍ଷାବିତ୍, ନୀତି-ନିର୍ମାତା, ଉଦ୍ୟୋଗୀ, ଅନୁସନ୍ଧାନକାରୀ ତଥା ଅନ୍ତର୍ଜାତୀୟ ସଂଗଠନର ବରିଷ୍ଠ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ସୁଶୀଲ କୁମାର ଲୋହାନୀ, ଶ୍ରୀମତୀ ଉଷା ପାଢୀ, ଶ୍ରୀମତୀ ଶୋଭା ଶର୍ମା, ସଞ୍ଜୟ ସିଂହ, ଏନବିଏସ ରାଜପୁତ, ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା, ଓକାକର ସିଇଓ ଡ଼ଃ ପ୍ରଦୀପ କୁମାର ରାଉତ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟର ପ୍ରତିନିଧି ଶ୍ରୀମତୀ କବିତା ଭାଟିଆ ପ୍ରମୁଖ ଏହି କର୍ମଶାଳାରେ ଯୋଗ ଦେଇଥିଲେ ।



ଓଡ଼ିଶାର ଏଆଇ ଇକୋସିଷ୍ଟମର ବିକାଶ ପାଇଁ ଓଡ଼ିଶା ସରକାର ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପର ଏକ ଅଂଶବିଶେଷ ହେଉଛି ଏହି କର୍ମଶାଳାଛ ଏହି କର୍ମଶାଳାର ବିଚାରବିମର୍ଶ ଓଡ଼ିଶାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର କ୍ରମ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ରାଜ୍ୟକୁ ଭାରତର ଏଆଇ ମିଶନର ଲକ୍ଷ୍ୟ ସହିତ ଯୋଡ଼ିବାର ସମୁଚିତ ମାଧ୍ୟମ ହେବ । ଏହି କର୍ମଶାଳାରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ, ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ ଚେଞ୍ଜ, ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ, ଇଣ୍ଟରନ୍ୟାସନାଲ ଇନୋଭେସନ୍ କର୍ପସ, ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆ-ବର୍କଲେ, ସମଗ୍ରା, ଅପୂର୍ବ.ଏଆଇ, ପିପୁଲଏଆଇ ଏବଂ ୱାଧୱାନୀ ଫାଉଣ୍ଡେସନର ପ୍ରତିନିଧିମାନେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ । ଭାରତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମିଶନ ଅଧୀନରେ ଭାରତ ସରକାରଙ୍କ ଦ୍ୱାରା ନିଆଯାଉଥିବା ରଣନୈତିକ ପଦକ୍ଷେପ, ଏଆଇ ଇକୋସିଷ୍ଟମ ବିକାଶ ପାଇଁ ଡିଜିଟାଲ ଭିତ୍ତିଭୂମିର ଆବଶ୍ୟକତା, ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଏଆଇର ବ୍ୟବହାର, ଏଆଇ ପାଇଁ ଦକ୍ଷତା ବିକାଶ ଆଦି ବିଷୟବସ୍ତୁ ଉପରେ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା । ବୈଷୟିକ ଉପସ୍ଥାପନା ପରେ ଏକ ପ୍ୟାନେଲ ଆଲୋଚନା କରଯାଇଥିଲା । ଏହି ଆଲୋଚନାଚକ୍ରରେ ଭୁବନେଶ୍ୱର ଆଇଆଇଟି, ଏନଆଇଟି ରାଉରକେଲା, ଆଇଆଇଆଇଟି ଭୁବନେଶ୍ୱର, ଭିଏସ୍ଏସ୍ୟୁଟି, ଓଟିଆର ଏବଂ ବିପିୟୁଟିର ବରିଷ୍ଠ ଶିକ୍ଷାବିତ୍, ଆକ୍ସେଞ୍ଚର, ଟିସିଏସ୍, ଆଇବିଏମ୍, ଇନଫୋସିସ୍, କଗ୍ନିଜେଣ୍ଟ ସମେତ ଅନ୍ୟ ବରିଷ୍ଠ ବୈଷୟିକ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

## ନନ୍ଦନକାନନକୁ ଆସିଲା ଉଦ୍ଧାର କୁମ୍ଭୀର

ବାରଙ୍ଗ, (ସବ୍ୟୁ) : ଶନିବାରଦିନ ନନ୍ଦନକାନନରେ ଆସି ପହଞ୍ଚିଛି ପୁରୀ ଜିଲ୍ଲା କଣାସ ଗୁହୁରି ଅଞ୍ଚଳ ନିକଟ ଦୟା ନଦୀରୁ ଉଦ୍ଧାର ହୋଇଥିବା ୧୨ ଫୁଟଲମ୍ବର ଏକମାଇ ଘଡିଆଳ କୁମ୍ଭୀର । କୁମ୍ଭୀରଟି ନନ୍ଦନକାନନରେ ପହଞ୍ଚିବାପରେ ଡାକ୍ତରଖାନାରେ ତାର ପ୍ରାଥମିକ ଚିକିତ୍ସା କରାଯାଇ ସ୍ୱାସ୍ଥ୍ୟବସ୍ଥାକୁ ଅନୁଧ୍ୟାନ ପରେ ଘଡ଼ିଆଳକୁମ୍ଭୀର କାଚ ଘର ଏନକ୍ଲୋଜରରେ ଛଡ଼ାଯାଇଛି । ସୂଚନା ଯୋଗ୍ୟ ଯେ, କିଛି ଦିନ ଦେବ କଣାସ ଗୁହୁରି ଅଞ୍ଚଳ ନିକଟ ଦୟା ନଦୀକୁ ଲୋକେ ଗାଧେଇବାକୁ ଯାଉଥିବା ବେଳେ ଏହି କୁମ୍ଭୀରକୁ ଦେଖି ଭୟଭିତ ହୋଇ ପଡ଼ିଥିଲେ । ଏହି ଅଞ୍ଚଳ ରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଥିଲା । ଶନିବାର ମତ୍ସ୍ୟଜିବୀମାନେ କୌଶଳକରି କୁମ୍ଭୀରକୁ ମାଛ ଜାଲ ସାହାଯ୍ୟରେ କାବୁକରି ଫାଶ ଲଗାଇ ବାନ୍ଧିବାସହ ବନ ବିଭାଗକୁ ଖବର ଦେଇଥିଲେ । ପରେ ବନବିଭାଗ କର୍ମଚାରୀମାନେ ଆସି କୁମ୍ଭୀରକୁ ସ୍ଥଳଭାଗକୁ ଆଣିବା ପରେ ଦେଖଣାହାରୀ ମାନଙ୍କର ଭୀଡ଼ ଲାଗିଥିଲା । ପରେ ନନ୍ଦନକାନନକୁ ଖବର ଦିଆଯାଇଥିଲା । ନନ୍ଦନ କାନନରୁ ୩ଜଣିଆ ଦଳ ସେଠାରେ ପହଁଚି ଉଦ୍ଧାର କୁମ୍ଭୀରକୁ ଶନିବାର ରାତି ୮ ଟା ସମୟରେ ନନ୍ଦନକାନନକୁ ଆଣିଥିଲେ । ନନ୍ଦନକାନନରେ ତାର ପ୍ରାଥମିକ ଚିକିତ୍ସା କରାଯାଇ କୁମ୍ଭୀର କାଚ ଘର ଏନକ୍ଲୋଜରରେ ଛଡ଼ାଯାଇଥିବା ସୂଚନା ମିଳିଛି ।

### ଚାନ୍ଦି ଭଣ୍ଡାରର ଦୀପାବଳି, ଧନ୍‌ତେରସ ସେଲିବ୍ରେସନ୍

## ଗଢ଼ା ମଜୁରି ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି



ଭୁବନେଶ୍ୱର (ସବ୍ୟୁ): ଦୀପାବଳି ଉପଲକ୍ଷେ ରୂପା ଗହଣାର ଅନ୍ୟତମ ଷ୍ଟୋର ଚାନ୍ଦିଭଣ୍ଡାର ଏହାର ସ୍ୱତନ୍ତ୍ର ବ୍ଲିଙ୍ଗ୍ କଲେକ୍ସନ୍‌ର ଉପସ୍ଥାପନ କରିଛି । ୯୨.୫ ପ୍ରତିଶତ ଶୁଦ୍ଧତାଯୁକ୍ତ ଷ୍ଟରଲିଙ୍ଗ୍ ସିଲ୍‌ଭରରେ ଜିର୍କନ୍ ଖଚିତ ଏହି ଆକର୍ଷଣୀୟ ଓ ଷ୍ଟାଇଲିଷ୍ଟ ଗହଣା ସମ୍ଭାର ପରମ୍ପରା ଏବଂ ସୁନ୍ଦରତାର ଉପଯୁକ୍ତ ସନ୍ତୁଳନ ରକ୍ଷାକରେ । ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଏହି କଲେକ୍ସନ୍ ଏକ ସର୍ବଶ୍ରେଷ୍ଠ ଫେସନ ଷ୍ଟେଟ୍‌ମେଣ୍ଟ ପାର୍ବଣ ଉତ୍ସାହକୁ ବଢ଼ାଇବା ପାଇଁ ବ୍ରାଣ୍ଡଆମ୍ବାସଡର ଶୈଳେନ୍ଦ୍ର ସାମନ୍ତରାୟ ଏବଂ ଶିବାନୀ ସଙ୍ଗିତାଙ୍କୁ ନେଇ ଏକ ଦୀପାବଳି କ୍ୟାମ୍ପେନ ପ୍ରସ୍ତୁତ କରିଛି ଚାନ୍ଦିଭଣ୍ଡାର । ଦୀପାବଳି ଅଫରରେ ଚାନ୍ଦିଭଣ୍ଡାର ପକ୍ଷରୁ ରୂପା ଗହଣା ଏବଂ ଆର୍ଟିଫ୍ୟାକ୍ଟର ଗଢ଼ା ମଜୁରୀ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି । ଏହି ଅଫର ଚଳିତମାସ ୧୮ତାରିଖରୁ ୩୧ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ । ବର୍ତ୍ତମାନ ରାଜ୍ୟରେ ଚାନ୍ଦିଭଣ୍ଡାରର ୧୭ଟି ଷ୍ଟୋର ରହିଛି ।

## ଉତ୍କଳ କେଶରୀ ପରିଡାଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ବରିଷ୍ଠ ନେତା ତଥା କେନ୍ଦ୍ରାପଡା ପୂର୍ବତନ ବିଧାୟକ ଶ୍ରୀ ଉତ୍କଳ କେଶରୀ ପରିଡାଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତଃ ପରିଡା ବିଭିନ୍ନ କ୍ରୀଡା ଓ ସମବାୟ ସଂଗଠନ ସହ ଜଡ଼ିତ ଥିଲେ । ସେ



ଛାତ୍ର ଜୀବନରୁ ରାଜନୀତିରେ ପ୍ରବେଶ କରି ସାଲେପୁର କଲେଜର ଛାତ୍ର ସାଂସଦ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ସେ ଯୁବ ଓ ଛାତ୍ର ରାଜନୀତିର ଜଣେ ଅନନ୍ୟ ପ୍ରତିଭା ଥିଲେ । ସ୍ୱର୍ଗତଃ ପରିଡା କେନ୍ଦ୍ରାପଡ଼ା ଜିଲ୍ଲା ରାଜନୀତିରେ ଦଳ ପକ୍ଷରୁ ନେତୃତ୍ୱ ନେବା ସହ ଏହି ନିର୍ବାଚନମଣ୍ଡଳୀରୁ ୨୦୦୪ ମସିହାରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସେ ଜଣେ ସ୍ନେହୀ, ପରୋପକାରୀ ଓ ଦରଦୀ ମଣିଷ ଥିଲେ । ତାଙ୍କ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ ଶୋକବ୍ୟକ୍ତ କରିଛନ୍ତି । ସ୍ୱର୍ଗତ ପରିଡାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି ।

### ଭୁବନେଶ୍ୱରରେ ମିଆ ବାୟ ତନିସ୍କର ତୃତୀୟ ଏକ୍ସକ୍ଲୁସିଭ୍ ଷ୍ଟୋର

## ଚଳିତମାସ ୩୧ତାରିଖ ପର୍ଯ୍ୟନ୍ତ ୨୦ପ୍ରତିଶତ ରିହାତି



ଭୁବନେଶ୍ୱର (ସବ୍ୟୁ): ଭାରତର ଟ୍ରେଣ୍ଡି ତଥା ମୂଲ୍ୟବାନ୍ ଜୁଏଲାରୀ ବ୍ରାଣ୍ଡ ମିଆ ବାୟ ତନିସ୍କ ଭୁବନେଶ୍ୱର ସୌଭାଗ୍ୟନଗର ଠାରେ ଏହାର ଦ୍ୱିତୀୟ ଏସ୍‌କ୍ଲୁସିଭ୍ ବ୍ରାଣ୍ଡ ଷ୍ଟୋର ଖୋଲିଛି । ନିଜର ଅଭିନବ କାରିଗରୀ ଏବଂ ଟ୍ରେଣ୍ଡି ଡିଜାଇନ୍ ପାଇଁ ଜଣାଶୁଣା ମିଆ ବାୟ ତନିସ୍କ ଓଡ଼ିଶାରେ ଏହାର ରିଟେଲ୍ ଉପସ୍ଥିତି ବଢ଼ାଉଛି । ରାଜ୍ୟରେ ମିଆ ର ଷ୍ଟୋର ସଂଖ୍ୟା ୭ରେ ପହଞ୍ଚିଥିଲବେଳ ଭୁବନେଶ୍ୱରରେ ଏହା ହେଉଛି ତୃତୀୟ ଷ୍ଟୋର । ମିଆ ବାୟ ତନିସ୍କର ରିଜ୍ୟୁନାଲ ବିଜିନେସ୍ ହେଡ୍ ସୋମ୍ପ୍ରଭ କୁମାର ସିଂ ଏବଂ ସର୍କଲ ବିଜିନେସ୍ ହେଡ୍ ଆଲୋକ ରଞ୍ଜନ ଏହି ଷ୍ଟୋରକୁ ଉଦ୍‌ଘାଟନ କରିଛନ୍ତି । ଷ୍ଟୋରଟି ଭୁବନେଶ୍ୱର ବରମୁଣ୍ଡା ସୌଭାଗ୍ୟନଗର ସ୍ଥିତ ପ୍ଲଟ୍ ନଂ-୧୧୨୩/୩୮୪୬ରେ ଖୋଲା ଯାଇଛି । ପାର୍ବଣ ଋତୁରେ ଷ୍ଟୋର ଉଦ୍‌ଘାଟନୀ ଅଫର ଭାବରେ ଚଳିତମାସ ୩୧ତାରିଖ ପର୍ଯ୍ୟନ୍ତ ୨୦ ପ୍ରତିଶତ ରିହାତି ଅଫର ରହିଛି । ଏହି ଷ୍ଟୋରରେ ୧୪ କ୍ୟାରେଟ୍ ଓ ୧୮କ୍ୟାରେଟ୍ ଗହଣା ଡିଜାଇନ୍‌ର ବ୍ୟାପର ସମ୍ଭାର ରହିଛି । ଆକର୍ଷଣୀୟ କଲର ଷ୍ଟୋନ୍, ଚମତ୍କାର ସୁନା, ଉଜ୍ଜ୍ୱଳ ହୀରା ଏବଂ ଦିପ୍ତିମାନ ରୂପା ଗହଣର ଅତି ସୁନ୍ଦର ପିସ୍ ଏଠାରେ ଉପଲବ୍ଧ ।

## ଜଳପଥରେ ପଥର ମାଫିଆଙ୍କୁ ଠାବ କଲା ଟାଙ୍ଗୀ ପୋଲିସ

ଟାଙ୍ଗୀ,(ସବ୍ୟୁ) : ଖାର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧିନସ୍ଥ ସୋରଣ ଗ୍ରାମର ଚିଲିକା ଉପକୂଳରେ ଚାଲିଥିଲା ବେଆଇନ ମାଙ୍କଡା ପଥର ଖନନ । ରାତି ରାତି ବିଭିନ୍ନ ସ୍ଥାନକୁ ହେଉଥିଲା ଚୋରା ଚାଲାଣ । ଦୀର୍ଘଦିନ ହେବ ଏ ବାବଦରେ ଟାଙ୍ଗୀ ପୋଲିସ ପାଖରେ ଥିଲା ଖବର, ଚୋରା ପଥର ମାଫିଆଙ୍କ ଗତିବିଧି ଉପରେ ପୋଲିସ ରଖୁଥିଲା ତୀକ୍ଷ୍ଣ ନଜର । କିନ୍ତୁ ଆଶ୍ଚର୍ଯ୍ୟର ଘଟଣା ରାତିରେ ଚୋରା ଚାଲାଣ ସମୟରେ ମାଫିଆ ମାନେ ସଡ଼କ ପଥରେ ପୋଲିସ ପ୍ରତି ରଖୁଥିଲେ ନଜର ଯେତବେଳେ ପୋଲିସ ଗାଡି ଦେଖୁଥିଲେ ସଙ୍ଗେ ସଙ୍ଗେ ଚୋରା ମାଫିଆ ମାନଙ୍କୁ ଖବର ଦେଉଥିଲେ । ଘଟଣା ସ୍ଥଳରୁ ପୋଲିସ ନିରାଶ ହୋଇ ଫେରୁଥିଲା । କିନ୍ତୁ ଏଠି ପୋଲିସ ନିଜର ବୁଦ୍ଧି ଖଟାଇ ଜଳପଥରେ ନିଜର ଅଭିଯାନ ଆରମ୍ଭ କରିଥିଲା । ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଗତକାଲି ରାତି ରେ ଏକ ୧୦ ଜଣିଆ ଟିମ ବିଳମ୍ବିତ ରାତ୍ରିରେ ସୁସଜିତ ହୋଇ ସଡ଼କ ପଥ ଛାଡି ଜଳପଥ ଦେଇ ପହଂଚିଥିଲେ ଘଟଣା ସ୍ଥଳରେ । ପୋଲିସକୁ ଦେଖି ପଥର ମାଫିଆଙ୍କ ଅକଲ ଗୁଡୁମ । ପୋଲିସ କବଳରୁ ଖସିବା ପାଇଁ ପ୍ରଥମେ ସଡ଼କ ପଥ ଦେଇ ଖସିଯିବାକୁ ଚେଷ୍ଟା କରି ବିଫଳ ହେବାରୁ ବିକଳରେ ଚିଲିକାକୁ ଡେଇଁ ଫେରାର ହୋଇଥିଲେ ପଥର ମାଫିଆ । ଘଟଣା ସ୍ଥଳରୁ ପୋଲିସ ୪ ଟି ଟ୍ରାକ୍ଟର,୨ଟା ଟ୍ରକ, ମିନିଟ୍ରକ, ଜେସିବି, ବାଇକ ଓ ପଥର କଟା ମେସିନ ଜବତ କରିଛି ଛ ଏ ସଂକ୍ରାନ୍ତରେ ଟାଙ୍ଗୀ ଥାନାରେ ଏକ ମାମଲା ରୁଜୁ ହୋଇଛି । ଖୁବ ଶୀଘ୍ର ପଥର ମାଫିଆ ମାନଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା ।

## ୟୁକୋ ବ୍ୟାଙ୍କର ୬୦୩ କୋଟି ଟଙ୍କାର ନେଟ୍ ଲାଭ

ଭୁବନେଶ୍ୱର, (ସବ୍ୟୁ) : ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କର ଦ୍ୱିତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି । ବ୍ୟାଙ୍କ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା, ଦ୍ୱିତୀୟ ତ୍ରୈମାସରେ ଶତକଡା ୫୦ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ୬୦୩ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି ଯାହା ପୂର୍ବ ବର୍ଷ ଏହି ସମୟରେ ୪୦୨ କୋଟି ଟଙ୍କା ରହିଥିଲା । ବ୍ୟାଙ୍କର ସକଳ ଅଗ୍ରୀମରେ ଶତକଡା ୧୮ ପ୍ରତିଶତ ବୃଦ୍ଧି ଘଟି ୧୯୭୯୨୭ କୋଟିରେ ପହଞ୍ଚିଛି । ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧି ୪୭୩୭୦୪ କୋଟିରେ ପହଞ୍ଚିଛି । ବ୍ୟାଙ୍କର ନେଟ୍ ସୁଧ ଆୟରେ ଶତକଡା ୨୦.୦୩ ପ୍ରତିଶତ ବୃଦ୍ଧି ପାଇ ୨୩୦୧ କୋଟିରେ ପହଞ୍ଚିଛି । ଦ୍ୱିତୀୟ ତ୍ରୈମାସିକ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ



ଶତକଡା ୩.୧୦ ପ୍ରତିଶତ ବୃଦ୍ଧି ପାଇଛି । ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ଶତକଡା ୧୬.୮୪ ପ୍ରତିଶତ ବୃଦ୍ଧି ପାଇଛି । ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ଶତକଡା ୯୫.୯୨ ପ୍ରତିଶତରେ ପହଞ୍ଚିଛି । ବ୍ୟାଙ୍କର ପରିଚାଳନାଗତ ଲାଭ ଶତକଡା ୪୫.୮୨ ପ୍ରତିଶତ ଅଭିବୃଦ୍ଧି ହାରରେ ୧୪୩୨ କୋଟିରେ ପହଞ୍ଚିଛି । ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୯୬ ବିପିଏସ୍ ହ୍ରାସ ପାଇ ଶତକଡା ୩.୧୮ ପ୍ରତିଶତରେ ପହଞ୍ଚିଛି । ବ୍ୟାଙ୍କର ନେଟ୍ ଏନ୍‌ପିଏ ୩୮ ବିପିଏସ୍ ହ୍ରାସ ପାଇ ଶତକଡା ୦.୭୩ ପ୍ରତିଶତରେ ପହଞ୍ଚିଛି । ୟୁକୋ ବ୍ୟାଙ୍କର ୩୨୪୭ଟି ଘରୋଇ ଶାଖା ରହିଥିବା ବେଳେ ବିଦେଶରେ ମଧ ୨ଟି ଶାଖା ରହିଛି । ବ୍ୟାଙ୍କର ୨୪୭୨ଟି ଏଟିଏମ୍ ଓ ୧୦୨୦୩ଟି ବିସି ପଏଣ୍ଟ ରହିଛି ।

## ପୋଖରୀରେ ବୁଡ଼ି ମହିଳା ମୃତ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡ଼ା ବ୍ଲକ୍ ଅଧିନ କୁମ୍ଭାରପଡ଼ା ହରିଜନ ସାହିର ସୁର ନାଏକଙ୍କ ପତ୍ନୀ ପ୍ରତିମା ନାଏକ (୫୫) ବାଡ଼ି ପଛପାଖ ପୋଖରୀକୁ ଶନିବାର ଅପରାହ୍ନରେ ସ୍ନାନ ଶୌଚାଦି କାର୍ଯ୍ୟ ନିମନ୍ତେ ଯାଇଥିଲେ । ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ବଶତଃ ପୋଖରୀରେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇ ମୃତ୍ୟୁବରଣ କରିଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ପ୍ରକାଶ । ଖବରପାଇ ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରେ ପହଚିଂ ପୋଖରୀରୁ ଅଚେତ ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରି ନିକଟସ୍ଥ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡ଼ାକ୍ତର ତାଙ୍କର ମୃତ୍ୟୁ ହୋଇଥିବା ନେଇ ଘୋଷଣା କରିଥିଲେ ।

## ୟୁକୋ ବ୍ୟାଙ୍କ ତରଫରୁ ଅଟଳ ପେନ୍‌ସନ୍ ଯୋଜନା ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ପୁରୀ, (ସବ୍ୟୁ): ଅଟଳ ପେନ୍ସନ୍ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପେନ୍ସନ୍ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ (ପିଏଫ୍‌ଆଡିଏ) ପକ୍ଷରୁ ୟୁକୋ ବ୍ୟାଙ୍କ, ଆବାହକ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି (ଏସ୍‌ଏଲ୍‌ବିସି), ଓଡିଶା ଆନୁକୂଲ୍ୟରେ ପୁରୀ ଚକ୍ରତୀର୍ଥ ରୋଡ ସ୍ଥିତ ହୋଟେଲ ହଲିଡେ ରିସୋର୍ଟରେ ରାଜ୍ୟ ସ୍ତରୀୟ ଅଟଳ ପେନ୍ସନ୍ ଯୋଜନା ସମ୍ପର୍କୀତ କାର୍ଯ୍ୟକ୍ରମ ଆୟୋଜନ ହୋଇ ଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ୟାଙ୍କର ପ୍ରଶାସନିକ ମୁଖ୍ୟ, ଡିଡିଏମ୍ ନାବାର୍ଡ, ସମସ୍ତ ଜିଲ୍ଲାରଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ, ବିଦ୍ୟମାନ ତଥା ସାମ୍ଭାବ୍ୟ ଅଟଳ ପେନ୍ସନ୍ ହିତାଧୁକାରୀ, ମହିଳା ସ୍ୱୟଂ ସହାୟକଗୋଷ୍ଠୀର ସଦସ୍ୟା, ବିଭିନ୍ନ ବ୍ୟାଙ୍କର ପ୍ରତିନିଧି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ଜ୍ୱଳନସହ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା । ଗୌତମ ପାତ୍ର ମହାପ୍ରବନ୍ଧକ, ୟୁକୋ ବ୍ୟାଙ୍କ ତଥା




ଆବାହକ,ଏସ୍‌ଏଲ୍‌ବିସି ସ୍ୱାଗତ ଭାଷଣ ଦେଇଥିଲେ । ପେନ୍ସନ୍ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ (ପିଏଫ୍‌ଆଡିଏ)ର ଅଧକ୍ଷ ଡଃ ଦୀପକ ମହାନ୍ତି ତାଙ୍କ ଅଭିଭାଷଣରେ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁପେନ୍ସନ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଓଡିଶାରେ କାର୍ଯ୍ୟକରୁଥିବା ସମସ୍ତ ବ୍ୟାଙ୍କ ସେମାନଙ୍କଅଟଳ ପେନ୍ସନ୍ ଯୋଜନା (ଏପିୱାଇ) ପଞ୍ଜୀକରଣ କ୍ଷେତ୍ରରେ ଉନ୍ନତି ଆଣିବାକୁ ସେ ପରାମର୍ଶ ଦେଇଛନ୍ତି । ପୁରୀ ଜିଲ୍ଲା ପରିଷଦର ଗୋଷ୍ଠୀ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ତାଙ୍କ ଅଭିଭାଷଣରେ ଅସଂଗଠିତ କ୍ଷେତ୍ରରେ ଲୋକଙ୍କ ଉନ୍ନତି ପାଇଁ ମନୋଭାବ, ଦକ୍ଷତା ଓ ଜ୍ଞାନର ମିଶ୍ରଣ ଉପରେ ଧ୍ୟାନ ଦେବାକୁସମସ୍ତ ଅଂଶୀଦାରମାନଙ୍କୁ ପରାମର୍ଶ ଦେଇଥିଲେଛ ଏସ୍‌ବିଆଇ ସିଜିଏମ୍ ଦୀନେଶ ପରୁଥି ତାଙ୍କ ଅଭିଭାଷଣରେ ସାମାଜିକ ନିରାପତା ଏବଂ ଆର୍ଥକଅନ୍ତର୍ଭୁକ୍ତିକରଣ ପ୍ରତି ଏସ୍‌ବିଆଇର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ଅଟଳ ପେନ୍ସନ୍ ଯୋଜନା (ଏପିୱାଇ)କୁ ପ୍ରଚାର କରିବାକୁ ସମସ୍ତ ଅଂଶୀଦରଙ୍କୁ ପରାମର୍ଶ ଦେଇଥିଲେ । ପିଏଫ୍‌ଆଇଡିଏର ସିଜିଏମ୍ ପ୍ରବେଶ କୁମାର ତାଙ୍କ ଅଭିଭାଷଣରେ ଓଡିଶାରେ ଏପିୱାଇର ଉଚ୍ଚସମ୍ଭାବନା ଉପରେ କହିଥିଲେ । ୫ଟି ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଓ ୬ ଟି ବ୍ୟାଙ୍କକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ୨୦୨୩-୨୪ ଆର୍ଥକ ବର୍ଷରେ ଏପିୱାଇରେ ଉଲ୍ଲେଖନୀୟ ସଫଳତା ପାଇଁ ୮ଟି ବ୍ୟାଙ୍କ ଓ ୨୦ ଟି ଅଗ୍ରଣୀଜିଲ୍ଲା ପ୍ରବନ୍ଧକଙ୍କୁ ପ୍ରୋଟୋଟାଇପ୍ ପ୍ରାନ୍ କାର୍ଡ ପ୍ରଦାନ କରାଯାଇଥିଲା । ପିଏଫ୍‌ଆଇଡିଏର ଡିଜିଏମ୍ ପ୍ରିୟଙ୍କାଗୁପ୍ତା ଏପିୱାଇର ପିପିଟି ଉପସ୍ଥାପନା କରି ଓଡିଶାରେ ଏହାର ଲାଭ ବ୍ୟାଙ୍କଗୁଡିକର ପ୍ରଦର୍ଶନ ସମ୍ପର୍କରେ ଆଲୋଚନାକରିଥିଲେ । ଏସ୍‌ଏଲ୍‌ବିସି ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଦେଇଥିଲେ ।

### ସ୍ୱାମୀସଂଯୋଗ ସେବାନୁଷ୍ଠାନ ଓ ପ୍ରକାଶନୀ କାର୍ଯ୍ୟାଳୟ

## ଦୟା, ପ୍ରେମ ଭାବନାରେ ଲୋକଙ୍କ ସେବା କରିବାକୁ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ଈଶ୍ୱର ତଥା ସ୍ୱାମୀ ହେଉଛି ଆମ ସମସ୍ତଙ୍କ ମାଲିକ । ସେ ସବୁଠି ଅଛନ୍ତି । ନିରନ୍ତର ସାଧନା ବଳରେ ସେହି ସ୍ୱାମୀଙ୍କ ସହ



ଆମେ ସଂଯୋଗ ହୋଇପାରିବା । ନିଷ୍ଠା, ଭକ୍ତି ଓ ଉଦ୍ୟମ ବଳରେ ହିଁ ତାଙ୍କ ସହ ଭାବ ବିନିମୟ କରିପାରିବା ବୋଲି ସ୍ୱାମୀସଂଯୋଗ ସେବାନୁଷ୍ଠାନ ଓ ପ୍ରକାଶନୀ କାର୍ଯ୍ୟାଳୟକୁ ଶୁକ୍ରବାର ଉଦ୍ଘାଟନ କରି ବିଶିଷ୍ଟ କବି ତଥା ଗୀତିକାର ଡା. ସହଦେବ ସ୍ୱାଇଁ କହିଛନ୍ତି । ଡା. ସହଦେବ ଏହି ଅବସରରେ ସ୍ୱାମୀ ଚିଦାନନ୍ଦଙ୍କ ଅମୃତବାଣୀ ପ୍ରକାଶ କରିବା ସହ କହିଥିଲେ, ସତ୍ୟ ହିଁ ପରମ ଧର୍ମ । ସମାଜର ହିତ ସାଧନା ପାଇଁ ସମସ୍ତେ ସତ୍ୟ କହିବା ଉଚିତ୍ । କାରୁଣ୍ୟ, ଦୟା ଓ ପ୍ରେମ ସବୁରି ମଧ୍ୟରେ ରହିଛି । ଦୁଃଖୀ, ଦରିଦ୍ର ଓ ଅସହାୟଙ୍କ ମୁହଁରେ ହସ ଆଣିବା ପାଇଁ ଆମମାନଙ୍କୁ କାରୁଣ୍ୟର ଗଙ୍ଗାକୁ ବୁହାଇବାକୁ ପଡ଼ିବ । ପ୍ରେମର ଭାଷାକୁ ପିଲାଠୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ଅନ୍ଧଠୁ ଆରମ୍ଭ କରି ବଧିର ପର୍ଯ୍ୟନ୍ତ ସଭିଏଁ ବୁଝିପାରନ୍ତି । ଦୟା ଓ ପ୍ରେମ ଭାବନାରେ ଜଡ଼ିତ ହେବା ହେଉଛି ସ୍ୱାମୀ ସଂଯୋଗର ମୁଖ୍ୟ ଉଦ୍ଦେଶ୍ୟ । ଏନେଇ ଲୋକଙ୍କ ହୃଦୟର ସହ ଯୋଡ଼ି ହୋଇ ଏକ ମନ ଓ ଏକ ପ୍ରାଣ ହୋଇ କାନ୍ଧରେ କାନ୍ଧ ମିଶାଇ ଅଗ୍ରସର ହେବାକୁ ଡ. ସହଦେବ ଆହ୍ୱାନ ଦେଇଥିଲେ । ସମ୍ପାଦକ ସିଦ୍ଧେଶ୍ୱର ପଣ୍ଡା କାର୍ଯ୍ୟକ୍ରମରେ ଅନୁଷ୍ଠାନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ କହିଥିଲେ । ସେ କହିଥିଲେ, ଆମେ ସମସ୍ତେ ଗୋଟିଏ ପରିବାରର ସଦସ୍ୟ । ଏନେଇ ପରସ୍ପର ଭିତରେ କିଭିଳି ଭାବାବେଗ ବଜାଇ ରଖିହେବ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ଅନ୍ୟମାନଙ୍କ ମଧ୍ୟରେ ଆୟୁର୍ବେଦିକ ଡାକ୍ତର ପୁଷ୍ପଲତା ସ୍ୱାଇଁ ଉପସ୍ଥିତ ଥିଲାବେଳେ ସକ୍ରିୟ ସଦସ୍ୟା ଅନୁରାଧା ତିୱାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ୟୁପିଆଇ ପେମେଣ୍ଟକୁ ରିୱାର୍ଡରେ ପରିଣତକରି

## ଆମାଜନ ପେ ସହ ୧୦,୦୦୦ ଟଙ୍କା ଜିତିବାର ସୁଯୋଗ

ଭୁବନେଶ୍ୱର (ସବ୍ୟୁ) : ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲର ଉତ୍ସବର ଉତ୍ସାହ ମଧ୍ୟରେ ଆମାଜନ ପେ ୟୁପିଆଇ ସପିଂ ଇଭେଂଟର ପ୍ରଥମ ୪୮ ଘଂଟା ମଧ୍ୟରେ ସାଧାରଣ ଅଭିବୃଦ୍ଧି ଦେଖାଯାଇଛି । ଯେଉଁଥିରେ ପୂର୍ବ ବର୍ଷ ତୁଳନାରେ ରେକର୍ଡ ୧୬ ପ୍ରତିଶତ ବୃଦ୍ଧି ପାଇଛି । ଏହି ଗତିକୁ ବଜାୟ ରଖିବା ପାଇଁ ଏବଂ ଏବଂ ପାର୍ବଣ ଋତୁରେ ଅଧିକ ମୂଲ୍ୟ ପ୍ରଦାନ କରିବା ପାଇଁ ଆମଜନ ପେ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ୨୦୨୪ର ଏକ ଅଂଶ ଭାବରେ ଏକ ସ୍ୱତନ୍ତ୍ର ବମ୍ପର ରିୱାର୍ଡସ୍ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏହି ଆକର୍ଷଣୀୟ ପଦକ୍ଷେପ ଦ୍ୱାରା ଗ୍ରାହକମାନେ ଉଭୟ ଆମାଜନ.ଇନ ଆମାଜନ ପେ ୟୁପିଆଇ ମାଧ୍ୟମରେ କାରବାର କରି ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଜିତିପାରିବେ । ଆମାଜନ ପେର ନିର୍ଦ୍ଦେଶକ – ପେମେଂଟ ଆଣ୍ଡ ମର୍ଚ୍ଚଂଟ ସର୍ଭିସେସ – ଗିରୀଶ କ୍ରିଷ୍ଣା କହିଛନ୍ତିଯେ, ଚଳିତ ପାର୍ବଣ ଋତୁରେ ପ୍ରତ୍ୟେକ ଏ.ଇନ ଗ୍ରାହକ ଆମାଜନ ପେ ଜରିଆରେ ଆମର ସପିଂ ଆପ ଅନ ଓ ଅଫରେ ରିୱାର୍ଡ ଅନଲକ କରିପାରିବେ । ଆମର ବମ୍ପର ରିୱାର୍ଡସ ଆରମ୍ଭ କରୁଛୁ – ଆମାଜନ ପେ ମାଧ୍ୟମରେ ଆପଣଙ୍କର ୧ମ, ୫ମ, ୧୦ମ ଏବଂ ୧୫ଶ ୟୁପିଆଇ କାରବାର ଉପରେ ଆକର୍ଷଣୀୟ ଅଫର ହାସଲ କରିବାର ଏକ ସୁଯୋଗ ରହିଛି । ଗ୍ରାହକମାନେ କେବଳ ଆମାଜନରେ ସପିଂ କରିପାରିବେ କିମ୍ବା ବିଲ ପୈଠ କରିବାରୁ ଆମାଜନ ପେ ବ୍ୟବହାର କରିପାରିବେ, ଟଙ୍କା ଉଠାଇପାରିବେ , ସ୍କାନ କରିପାରିବେ ଏବଂ ଦେୟ କରିପାରିବେ , ଟିକେଟ ବୁକ କରିପାରିବେ ଏବଂ ଆହୁରୀ ଅନେକ କିଛି କରିପାରିବେ । ମାତ୍ର ୧୫ ଟି କାରବାର ପରେ ମୋଟ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ପାଇବାର ସୁଯୋଗ ଥିବାରୁ କିଣାକିଣି କରି ଅଧିକ ରୋଜଗାର କରିବାର ସୁଯୋଗ ରହିଛି । ଏହି ସେଲିବ୍ରେସନକୁ ହାତଛଡା କରନ୍ତୁ ନାହିଁ – ଆମାଜନ ପେରେ ଆପଣଙ୍କର କୌଣସି ସପିଂର ଅଧିକରୁ ଅଧିକ ଲାଭ ନିଅନ୍ତୁ ।

## ଶ୍ରୀ ମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ଦ୍ୱାରା ବିଶାଳ ଅସ୍ଥି ଶଲ୍ୟ ଚିକିତ୍ସା ଶିବିର

ବେତନଟୀ, (ସବ୍ୟୁ): ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ଉପକଣ୍ଠ ବିଜିପୁର ଗ୍ରାମରେ ଶ୍ରୀ ମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ଦ୍ୱାରା ଡ଼ା କିଶୋର ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଦେଶରୁ ଆସିଥିବା ବିଶେଷଜ୍ଞ ଡ଼ାକ୍ତର ମାନଙ୍କୁ ନେଇ ବିଶାଳ ଅସ୍ଥି ଶଲ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛଛ ଏଥିରେ ସ୍ୱିଡେନ ର ପ୍ରସିଦ୍ଧ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ଡ଼ା ଉର୍ବାନ ରାଇଧୋଲ୍ଡ ଏବଂ ଡ଼ା ବିରଗେର୍ ବ୍ଲାଇଡର ତଥା ରିହିମାଟୋଲୋଜି ବିଶେଷଜ୍ଞ ପ୍ରଫେସର ଡ଼ା ରବିନାରାୟଣ ଦାସ, ପ୍ରଦୀପ ପ୍ରଜ୍ଜଳନ କରି ଉଦ୍ଘାଟନ କରିବା ସହିତ ଅଞ୍ଚଳ ର ତଥା ଦୂର ଦୁରାନ୍ତ ଆସିଥିବା ୫୦ ଜଣ ରୋଗୀ ମାନଙ୍କର ଚିକିତ୍ସା ତଥା ପରାମର୍ଶ ଦେଇଥିଲେ । ଏଥିରେ ରୋଗୀ ମାନଙ୍କର ସୁବିଧା ନିମନ୍ତେ ମେଡିକାଲ୍ ଟ୍ରାନ୍ସକପନିଷ୍ଟ ଅରୁଣ କୁମାର ସିଂହ ସହଯୋଗ କରିଥିଲେ । ଏବଂ ଯୋଗ ସାଧନା କେନ୍ଦ୍ର ର ସମ୍ପାଦକ



ସର୍ବେଶ୍ୱର ଜେନା,ପରେଶ ଦଳେଇ, ସନ୍ତୋଷ ଖଣ୍ଡା, ସଞ୍ଜିତା ମହାନ୍ତି, ନୀଳକଣ୍ଠ ନାୟକ, ଅନିରୁଦ୍ଧ ରାଉତ, ଅନୀତା ଦିଦି, ସବିତା ଦିଦି,ସାମ ସାର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ବିଦେଶ ରୁ ଆସିଥିବା ଡାକ୍ତର ମାନଙ୍କ ଚିକିତ୍ସା ପଦ୍ଧତି ତଥା ପରିଣତ ବୟସରେ ସୁଦୁର ବିଦେଶ ରୁ ଆସି ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ନଜିର କ୍ୱଚିତ ଦେଖିବାକୁ ମିଳେ । ଏବଂ ଡାକ୍ତର ମାନଙ୍କ ନିଷ୍ଠା, ସେବା ମନୋଭାବ ଭାରତୀୟ ଡାକ୍ତର ମାନେ ଶିଖିବା ଉଚିତ ବୋଲି ଅନେକେ ଲୋକ ମତ ପ୍ରଦାନ କରିବା ସହ ଏଭଳି ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଚେଷ୍ଟା ପାଇଁ ଶ୍ରୀ ମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ର ପ୍ରୟାସ କୁ ସମସ୍ତ ପ୍ରଶଂସା କରିଥିଲେ ।

# ହମାସ ଅସ୍ତ୍ର ଛାଡ଼ିଦେଲେ ଯୁଦ୍ଧ ବନ୍ଦ କରିବୁ: ନେତାନ୍ୟାହୁ

**ତେଲ୍ ଅବିବ:** ଗାଜାକୁ ନିୟନ୍ତ୍ରଣ କରୁଥିବା ଆତଙ୍କବାଦୀ ସଂଗଠନ ହମାସ ମୁଖ୍ୟ ତଥା ଅକ୍ଟୋବର ୭ ଆକ୍ରମଣର ମାଷ୍ଟରମାଇଣ୍ଡ୍ ୟାହ୍ୟା ସିନ୍‌ୱାରକୁ ନିପାତ କରାଯାଇଛି । ବୋଲି ଇସ୍ରାଏଲ ସ୍ପଷ୍ଟ କରିବାର କିଛି ଘଣ୍ଟା ପରେ ହମାସ୍ ମଧ୍ୟ ଏହାକୁ ସ୍ୱୀକାର କରିଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଆଜି ଗାଜା ନାଗରିକଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ଯଦି ହମାସ ଅସ୍ତ୍ର ଛାଡ଼ି ଦେବାପାଇଁ ଏବଂ ପଣବନ୍ଦୀ ରଖିଥିବା ଇସ୍ରାଏଲ ନାଗରିକଙ୍କୁ ଛାଡ଼ିଦେବାପାଇଁ ରାଜି ହୁଏ ତା'ହେଲେ ଆମେ ଯୁଦ୍ଧ ଆସନ୍ତାକାଲି ହିଁ ବନ୍ଦ କରିଦେବୁ । ଏକ୍ସରେ ଏକ ଭିଡିଓ ସେୟାର କରି ନେତାନ୍ୟାହୁ କହିଛନ୍ତି, 'ୟାହ୍ୟା ସିନ୍‌ୱାର ନିପାତ ହେଲା । ଇସ୍ରାଏଲର ସାହସୀ ସେନିକମାନେ ତାକୁ ରାଫାରେ ନିପାତ କରିଛନ୍ତି । କିନ୍ତୁ ଏହା ଗାଜାରେ ଯୁଦ୍ଧର ଶେଷ ନୁହେଁ ବରଂ ଏହା ଶେଷର ଆରମ୍ଭ । ଗାଜା ଲୋକଙ୍କ ପାଇଁ ମୋର ଅତି ସରଳ ବାର୍ତ୍ତା ରହିଛି ଏବଂ ତାହା ହେଉଛି ଏହି ଯୁଦ୍ଧ ଆସନ୍ତାକାଲି ଶେଷ ହୋଇଯାଇପାରେ । ଯଦି ହମାସ ଅସ୍ତ୍ର ଛାଡ଼ିଦେବା ସହ ପଣବନ୍ଦୀଙ୍କୁ ଫେରାଇ ଦେବାପାଇଁ ରାଜି ହେବ ତା'ହେଲେ ଆମ ତତ୍କାଳ ଯୁଦ୍ଧ ବନ୍ଦ ପାଇଁ ପଦକ୍ଷେପ ନେବୁ ।



## ଇରାନରେ ବି ଆତଙ୍କୀ ଶାସନ ଶେଷ ହେବ

ନେତାନ୍ୟାହୁ କହିଛନ୍ତି, ହମାସ ଗାଜାରେ ୧୦୧ ଜଣଙ୍କୁ ପଣବନ୍ଦୀ ରଖିଛି । ୨୩ ରାଷ୍ଟ୍ରର ନାଗରିକଙ୍କୁ ହମାସ ପଣବନ୍ଦୀ ରଖିଥିବା ସେ କହିଛନ୍ତି । ନେତାନ୍ୟାହୁ ମଧ୍ୟ କଡ଼ା ଚେତାବନୀ ଦେଇ କହିଛନ୍ତି, ଯେଉଁମାନଙ୍କୁ ପଣବନ୍ଦୀ ରଖାଯାଇଛି ଇସ୍ରାଏଲ ସେମାନଙ୍କୁ ନ୍ୟାୟ ଦେବଛ ଯଦି ଆମ ପଣବନ୍ଦୀଙ୍କର କିଛି କ୍ଷତି ହୁଏ ତେବେ ଇସ୍ରାଏଲ ଏହାର କଡ଼ା ଜବାବ ଦେବ । ନେତାନ୍ୟାହୁ ମଧ୍ୟ ତାଙ୍କ ବାର୍ତ୍ତାରେ ଇରାନରେ କିଭଳି ଆତଙ୍କର ଅକ୍ଷ ଭୁଶୁଡ଼ି ପଡ଼ିଲା ତାହା ଦର୍ଶାଇଛନ୍ତି । ହେଜବୁଲ୍ଲା ମୁଖ୍ୟ ହସନ ନସ୍ରଲ୍ଲାକୁ ନିପାତ କରାଯିବାକୁ ଦର୍ଶାଇ ନେତାନ୍ୟାହୁ କହିଛନ୍ତି, ଇରାନ ଏବଂ ଏହାର ପ୍ରକ୍ସି ସଂଗଠନ ଦ୍ୱାରା ଇରାକ, ସିରିୟା, ଲେବାନନ୍ ଏବଂ ୟେମେନରେ ଜାରି ରହିଥିବା ଆତଙ୍କୀ ଶାସନର ପରିସମାପ୍ତି ହେବଛ ନସ୍ରଲା, ମୋହସେନ, ହାନିୟେହ, ଡିଫ୍ ଏବଂ ସିନ୍‌ୱାର ସମସ୍ତେ ନିପାତ ହେଲେ । ଇରାନ ଏହାର ନିଜ ନାଗରିକଙ୍କ ଉପରେ ଯେଉଁ ଆତଙ୍କବାଦ ଶାସନ ଚଳାଇଛି ତାହା ବି ଶେଷ ହେବଛ ସେ କହିଛନ୍ତି, ଯେଉଁମାନେ ମଧ୍ୟ ପ୍ରାଚ୍ୟରେ ଶାନ୍ତି ଏବଂ ସମୃଦ୍ଧିର ଭବିଷ୍ୟତ ଚାହୁଁଛନ୍ତି ସେମାନେ ଏକ ଉତ୍ତମ ଭବିଷ୍ୟତ ପାଇଁ ଏକଜୁଟ୍ ହେବା ଉଚିତ । ମିଳିତ ଭାବେ ଆମେ ଅନ୍ଧକାରର ଶକ୍ତିକୁ ପଛକୁ ହଟାଇ ପାରିବା ଏବଂ ଆମ ସମସ୍ତଙ୍କ ପାଇଁ ଆଲୋକର ଭବିଷ୍ୟତ ସୃଷ୍ଟି କରିପାରିବା ବୋଲି ନେତାନ୍ୟାହୁ କହିଛନ୍ତି ।

# ୨ ଯବାନ ସହିଦ

**ମାଲକାନଗିରି:** ସୀମାନ୍ତ ଛତିଶଗଡ଼ରେ ନକ୍ସଲ ମାତିଛନ୍ତି । ସୁରକ୍ଷାବାହିନୀ ଯେତେ କାର୍ଯ୍ୟାନୁଷ୍ଠାନ ନେଲେ ମଧ୍ୟ କମ ପଡ଼ିଯାଉଛି । କିଛି ଦିନ ପୂର୍ବରୁ ୩୮ ଜଣ ନକ୍ସଲ ନିପାତ ହୋଇଥିଲେ ମଧ୍ୟ ଲାଲବାହିନୀ ମୁଣ୍ଡ ନୁଆଇଁ ନାହାନ୍ତି । ନାରାୟଣପୁର ଜିଲ୍ଲାର ଓରଛା, ଇରକାଭଟ୍ଟି ଓ ମେହନ୍ଦୀ ଅଞ୍ଚଳରେ ନକ୍ସଲଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଛି । ଏଥିରେ ୨ ଜଣ ନକ୍ସଲ ସହିଦ ହୋଇଥିବା ବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି । ଆହତ ଯବାନମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସହିଦ ଯବାନମାନେ ହେଲେ ଅମର ବନୱାର(୩୬) ଏବଂ କେ.ରାଜେଶ(୩୬) ।

ସୂଚନା ଅନୁସାରେ ଓରଛା, ଇରକାଭଟ୍ଟି ଓ ମେହନ୍ଦୀ ଅଞ୍ଚଳରେ ନକ୍ସଲ କ୍ୟାମ୍ପ କହି ରହିଥିବା ନେଇ ପୁଲିସ ଗୁଇନ୍ଦା ସୂଚନା ପାଇବା ପରେ ତୁରନ୍ତ ବିଏସ୍‌ଏଫ୍ ଏବଂ ଡିଆରଜି ଯବାନ ଏହି ଅଞ୍ଚଳକୁ କୁମ୍ବିଂ ପାଇଁ ଗତକାଲି ବାହାରିଥିଲେ । ଆଜି ସକାଳୁ ଯବାନ ଫେରୁଥିବା ବେଳେ ନକ୍ସଲ ରାସ୍ତାରେ ଯବାନଙ୍କୁ ଟାର୍ଗେଟ କରି ଲ୍ୟାଣ୍ଡମାଇନ ଖଞ୍ଜିଥିଲେ । ଯବାନ ଆସୁଥିବା ବେଳେ ଲ୍ୟାଣ୍ଡମାଇନକୁ ବିସ୍ଫୋରଣ କରିଥିଲେ । ଫଳରେ ୪ ଜଣ ଯବାନ ଆହତ ହୋଇଥିଲେ ।



ଆହତ ଯବାନଙ୍କ ମଧ୍ୟରୁ ଆଇଟିବିପିର ଯବାନ ଅମର ବନୱାର ଏବଂ କେ.ରାଜେଶ ସହିଦ ହୋଇଯାଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇ ଚିକିତ୍ସା ହେଉଥିବା ଜଣାପଡିଛି ।

ଏନେଇ ପୁଲିସ ବିସ୍ତୃତ ସୂଚନା ପ୍ରଦାନ କରିବ ବୋଲି କହିଛି । ନକ୍ସଲ ଏବେ ଘାଇଲା ବାଘ ଭଳି ରହିଛନ୍ତି । ପୁଲିସ ଏବଂ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏହି ଯୋଜନାରେ ଆଜି ସଫଳ ହୋଇଛନ୍ତି । ଘଟଣାସ୍ଥଳରେ ଯବାନ ସର୍ଚ୍ଚ ଅପରେସନକୁ ଜୋରଦାର କରିଛନ୍ତି ।

# ବିଜୟା କିଶୋର ଜାତୀୟ ମହିଳା କମିଶନର ନୂଆ ଅଧ୍ୟକ୍ଷା



**ନୂଆଦିଲ୍ଲୀ:** ଜାତୀୟ ମହିଳା କମିଶନର ନୂଆ ଅଧ୍ୟକ୍ଷ ବନିଲେ ବିଜୟା କିଶୋର ରାହତକର । ସେ ଏହା ପୂର୍ବରୁ ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ମହାରାଷ୍ଟ୍ର ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷ ଥିଲେ ।

ସୂଚନା ଅନୁଯାୟୀ, ସାମାଜିକ କାର୍ଯ୍ୟରେ ତାଙ୍କର ଭୂମିକାକୁ ବିଚାର କରି ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ଏଥି ସହିତ ଅର୍ଚ୍ଚନା ମଜୁମଦାରଙ୍କୁ ଜାତୀୟ ମହିଳା ଆୟୋଗର ସଦସ୍ୟ ଭାବରେ ନିଯୁକ୍ତ କରାଯାଇଛି । ଜାତୀୟ ମହିଳା ଆୟୋଗର ଉଦ୍ଦେଶ୍ୟ ହେଉଛି ମହିଳାଙ୍କ ଅଧିକାରର ସୁରକ୍ଷା, ସେମାନଙ୍କ ପ୍ରତି ଭେଦଭାବ ଏବଂ ହିଂସା ଦୂର କରିବା ଏବଂ ସେମାନଙ୍କୁ ସବୁ କ୍ଷେତ୍ରରେ ସମାନ ସୁଯୋଗ ପ୍ରଦାନ କରିବା ।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଏବଂ ରାଜସ୍ଥାନର ସାତୋଟି ଆସନରେ ଉପ-ନିର୍ବାଚନ ପୂର୍ବରୁ ତାଙ୍କୁ ଏହି ବଡ ଦାୟିତ୍ୱ ଦିଆଯାଇଛି । ବିଜୟା ମହାରାଷ୍ଟ୍ରର ସମ୍ଭଜିନଗରରୁ ଆସିଛନ୍ତି ଏବଂ ଆସନ୍ତା ମାସରେ ରାଜ୍ୟରେ ବିଧାନସଭା ନିର୍ବାଚନ ହେବ ଏହାପୂର୍ବରୁ ସେ ରାଜସ୍ଥାନରେ ବିଜେପିର ସହ-ଦାୟିତ୍ୱ ତୁଲାଇଥିଲେ ।

# ଝାଡଖଣ୍ଡରେ ଇ.ଣ୍ଡି.ଆ.ର ଆସନ ବୁଝାମଣା ଚୂଡାନ୍ତ

## ଜେଏମ୍‌ଏମ୍-କଂଗ୍ରେସ ୭୦ ଆସନରେ ଲଢ଼ିବେ

**ନୂଆଦିଲ୍ଲୀ:** ଝାଡଖଣ୍ଡ ବିଧାନସଭା ନିର୍ବାଚନ ଲାଗି ଇଣ୍ଡିଆ ମେଣ୍ଟର ଆସନ ବୁଝାମଣା ଚୂଡାନ୍ତ ହୋଇଛି । ୮୧ ବିଧାନସଭା ଆସନରୁ ଜେଏମ୍‌ଏମ୍ ଓ କଂଗ୍ରେସ ୭୦ ଆସନରେ ଲଢ଼ିବେ ବୋଲି ନିଷ୍ପତ୍ତି ହୋଇଛି । ଏହାଛଡା ଅନ୍ୟ ସହଯୋଗୀ ଦଳ ଆର୍‌ଜେଡି ଓ ବାମପନ୍ଥୀଙ୍କୁ ୧୧ ଆସନ ଛାଡି ଦିଆଯାଇଛି । ନଭେମ୍ବର ୧୩ ଓ ୨୦ରେ ଝାଡଖଣ୍ଡରେ ଦୁଇ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ । ନଭେମ୍ବର ୨୩ରେ ଗଣତି ହେବ । ଗତ ନିର୍ବାଚନରେ ଜେଏମ୍‌ଏମ୍ ୪୩ ଓ କଂଗ୍ରେସ ୩୧ ଆସନରେ ଲଢ଼ିଥିଲା । ଏଥର କଂଗ୍ରେସ ୨୭ ରୁ ୨୮ ଆସନରେ ଲଢ଼ିବ ବୋଲି ଏକ ସୂତ୍ରରୁ ଜଣାପଡିଛି । ଜେଏମ୍‌ଏମ୍ ତା'ର ଆସନ ସଂଖ୍ୟା ବୃଦ୍ଧି କରିଛି । ଏହା ବିଶ୍ୱାସ କରାଯାଉଛି ଯେ



ଝାଡଖଣ୍ଡ ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ମେଣ୍ଟ ପକ୍ଷରୁ ପ୍ରମୁଖ ଚେହେରା କରାଯିବ । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସିପିଆଇ (ଏମ୍‌ଏଲ୍), ଏମ୍‌ଏମ୍‌ସି ଜେଏମ୍‌ଏମ୍ ଓ କଂଗ୍ରେସ ସହ ମିଶି ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି । ଆର୍‌ଜେଡି ଗତ ନିର୍ବାଚନରେ ୭ ଆସନରେ ଲଢ଼ିଥିଲା । ଏଥର ସେ କମ୍ ଆସନରେ ଲଢ଼ିପାରେ । ସୋରେନ୍‌ଙ୍କର ଏହି ଘୋଷଣା ଏନ୍‌ଡିଏର ଆସନ ବୁଝାମଣା ପରେ କରିଛନ୍ତି । ବିଜେପି ଏକାକୀ ୬୮ ଆସନରେ ଲଢୁଥିବାବେଳେ ତା'ର ସହଯୋଗୀ ଅନ୍ୟଦଳମାନେ ଅନ୍ୟ ଆସନ ଆସନଗୁଡିକରେ ଲଢ଼ିବେ । ଝାଡଖଣ୍ଡରେ ଏନ୍‌ଡିଏରେ ପ୍ରଥମ ଥର ଲାଗି ୪ ଦଳ ସାମିଲ ହୋଇଛନ୍ତି । ୨୦୧୯ ନିର୍ବାଚନରେ ଜେଏମ୍‌ଏମ୍ ୮୧ ଆସନରୁ ୩୦ ଆସନରେ ଜିତିଥିବାବେଳେ କଂଗ୍ରେସ ୧୬ ଓ ଆର୍‌ଜେଡି ଗୋଟିଏ ଆସନରେ ଜିତିଥିଲା । ଏହି ୩ ଦଳ ମିଶି ସଂଖ୍ୟା ଗରିଷ୍ଠତା ହାସଲ କରିଥିଲେ । ବିଜେପି ମାତ୍ର ୨୫ ଆସନରେ ଜିତିଥିଲା ।

# ସୋରେନ ବାପା-ପୁଅ, ରାଜ୍ୟପାଳଙ୍କ ବୋହୂଙ୍କୁ ମିଳିଲା ଟିକେଟ୍

**ରାଞ୍ଚି:** ଝାରଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ବିଜେପି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଏହି ତାଲିକାରେ ମୋଟ ୬୬ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ରହିଛି । ବିଜେପି ରାଜ୍ୟର ୮୧ଟି ଆସନରୁ ୬୮ଟିରେ ଲିବ ଓ ସହଯୋଗୀଙ୍କ ପାଇଁ ବାକି ଆସନ ଛାଡ଼ିବାକୁ ନେଇଛି । ଏହି କ୍ରମରେ ଦଳ ଆଜି ୬୬ଟି ଆସନ ପାଇଁ ପ୍ରାର୍ଥୀଙ୍କ ତାଲିକା ଜାରି କରିଛି ।

ତାଲିକା ଅନୁସାରେ, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପୂର୍ବତନ ସହଯୋଗୀଙ୍କୁ ବିଜେପି ଟିକେଟ ଦେଇଛି । ହେମନ୍ତଙ୍କ ପୂର୍ବତନ ସହଯୋଗୀ ଚମ୍ପାଇ ସୋରେନ ସରାଇକେଲା ଆସନରୁ ପ୍ରାର୍ଥୀ ହୋଇଛନ୍ତି । ସେହିପରି ଅନ୍ୟତମ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜେପି ମୁଖ୍ୟ ବାବୁଲାଲ ମାରାଣ୍ଡି ଧନୱର ଆସନରୁ ଟିକେଟ ପାଇଛନ୍ତି । ବାବୁଲାଲ ମାରାଣ୍ଡି ଓ ଚମ୍ପାଇ ସୋରେନ ହେଉଛନ୍ତି ଝାରଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ।

ଚମ୍ପାଇ ସୋରେନଙ୍କ ପୁଅଙ୍କୁ ମଧ୍ୟ ବିଜେପି ଟିକେଟ ଦେଇଛି । ସେ ଘାଟଶିଳା ଆସନରୁ ର୍ନିବାଚନ ଲିବେଛ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଭାଉଜ ସୀତା ସୋରେନ ଜାମତାରାରୁ ବିଜେପିର ପ୍ରାର୍ଥୀ ହୋଇଛନ୍ତି ।

ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ବୋହୂ ପୂର୍ଣ୍ଣିମା ଦାସ ସାହୁଙ୍କୁ ଜାମସେଦପୁର ଇଷ୍ଟରୁ ବିଜେପି ଟିକେଟ ଦେଇଛି । ଜଗନ୍ନାଥପୁରରୁ ଗୀତା କୋଡା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଦର୍ଶନ ଭଗତ ବିଜେପି ଟିକେଟରେ ଗୁମଲାରୁ ଲଢ଼ିବ ।

ଝାରଖଣ୍ଡର ସମସ୍ତ ୮୧ଟି ବିଧାନସଭା ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ଭୋଟ ହେବ । ନଭେମ୍ବର ୧୩ରେ ପ୍ରଥମ ଓ ୨୦ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ । ଏଠାରେ ଭୋଟ ଗଣତି ସହ ଫଳାଫଳ ନଭେମ୍ବର ୨୩ରେ ପ୍ରକାଶ ପାଇବ ।

# ରାଷ୍ଟ୍ରପତି ଆଦିବାସୀ ତେଣୁ ତାଙ୍କୁ ନିମନ୍ତ୍ରଣ ମିଳିନଥିଲା: ରାହୁଲ

**ନୂଆଦିଲ୍ଲୀ:** ଲୋକସଭାରେ ବିରୋଧୀ ଦଳର ନେତା ତଥା ରାଏବରେଲି ସାଂସଦ ରାହୁଲ ଗାନ୍ଧୀ ଝାଡଖଣ୍ଡ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପିକୁ କଡା ଟାର୍ଗେଟ କରିଛନ୍ତି । ରାଞ୍ଚିରେ ସମ୍ବିଧାନ ସମ୍ମାନ ସମ୍ମିଳନୀରେ ସେ ଅଭିଯୋଗ କରିଛନ୍ତି ଯେ ଆଦିବାସୀଙ୍କ ଜମି ଛଡ଼ାଇ ନେଇ ସେମାନଙ୍କ ପରିଚୟ ହଟାଇବାକୁ ବିଜେପି ଚାହୁଁଛି । ଅଭିଭାଷଣରେ ରାହୁଲ ଗାନ୍ଧୀ ମଧ୍ୟ ଇସାରା ମାଧ୍ୟମରେ ର୍ନିବାଚନ ଆୟୋଗ (ଇସି)କୁ କଟାକ୍ଷ କରିଥିଲେ । ବିଜେପି ଉପରେ ଆକ୍ରମଣ କରି ସେ କହିଛନ୍ତି ଯେ ସମ୍ବିଧାନ ୭୦-୮୦ ବର୍ଷ ପୁରୁଣା ନୁହେଁ । ସମ୍ବିଧାନ ତିଆରି କରିବାର ଧାରଣା ହଜାରେ ବର୍ଷ ପୁରୁଣା ଯେତେବେଳେ ମୁଁ ଦେଶର ସବୁଠାରୁ ଧନୀ ବ୍ୟକ୍ତିଙ୍କ ତାଲିକା ଦେଖିଲି, ଦଳିତ, ଆଦିବାସୀ ଏବଂ ଓବିସିଙ୍କ ନାମ ଏଥିରେ ନାହିଁ । ସମାନ ବ୍ୟକ୍ତି



ହାଲୱା ବଣ୍ଟନ କରୁଛନ୍ତି ଏବଂ ସମାନ ବ୍ୟକ୍ତି ହାଲୱା ଖାଉଛନ୍ତି । ରାଷ୍ଟ୍ରପତି ଜଣେ ଆଦିବାସୀ ବୋଲି ରାହୁଲ ଗାନ୍ଧୀ ଦାବି କରିଛନ୍ତି । ପ୍ରଥମଥର ପାଇଁ ଜଣେ ଆଦିବାସୀ ରାଷ୍ଟ୍ରପତି ହୋଇଥିଲେ, କିନ୍ତୁ ସଂସଦର ଉଦଘାଟନ ଏବଂ ରାମ ମନ୍ଦିର ଉଦ୍ଘାଟନ ହୋଇଥିଲେ ମଧ୍ୟ ତାଙ୍କୁ ନିମନ୍ତ୍ରଣ କରାଯାଇ ନଥିଲାଛ ଏହାର କାରଣ ହେଉଛି ସେ ଜଣେ ଆଦିବାସୀ । ବଡ ବ୍ୟବସାୟୀଙ୍କୁ ସେମାନଙ୍କ ସ୍ଥାନରେ ଡକାଗଲା, ଏହା ସମ୍ବିଧାନର ଅପମାନ ନୁହେଁ କି? କଂଗ୍ରେସ ସାଂସଦ କହିଛନ୍ତି ଯେ ନିର୍ବାଚନ ଆୟୋଗ ମଧ୍ୟ ସମ୍ବିଧାନର ସୁରକ୍ଷା କରୁନାହାଁନ୍ତି ।

ଦେଶର ସମସ୍ତ ଏଜେନ୍ସିକୁ ବିଜେପି ନିୟନ୍ତ୍ରଣ କରୁଛି । ନିର୍ବାଚନ ପୂର୍ବରୁ ବିରୋଧୀ ଦଳ କହିଥିଲେ ଯେ ବିଜେପି ସମ୍ବିଧାନ ଉପରେ ଆକ୍ରମଣ କରୁଛି ଏବଂ ଜନସାଧାରଣ ସେମାନଙ୍କୁ ଉତ୍ତର ଦେଇଛନ୍ତି, ତେବେ ନିର୍ବାଚନ ପରେ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ ସମ୍ବିଧାନର ମୁଣ୍ଡରେ ଲଗାଇବାକୁ ପଡିଥିଲା ଆଜିକାଲି ମୋଦୀ ଜୀ ହସୁନାହାନ୍ତି, ଏବେ ସେ ହସିବା ମଧ୍ୟ ବନ୍ଦ କରି ଦେଇଛନ୍ତି । ରାହୁଲ ଗାନ୍ଧୀ କହିଛନ୍ତି, ଯେତେବେଳେ ବିଜେପିର ଲୋକମାନେ ଆଦିବାସୀମାନଙ୍କୁ ବନବାସୀ ବୋଲି ଡାକନ୍ତି, ସେମାନେ କ'ଣ କରିବାକୁ ଚେଷ୍ଟା କରୁଛନ୍ତି? ଆପଣଙ୍କର ଜୀବନ ଜିଇଁବାର ଉପାୟ, ଏକ ଇତିହାସ, ଏକ ବିଜ୍ଞାନ, ଯାହାକୁ ଆପଣ ହଜାର ହଜାର ବର୍ଷ ଧରି ଅନୁସରଣ କରୁଛନ୍ତି, ସେମାନେ ଏହାକୁ ନଷ୍ଟ କରୁଛନ୍ତି ।

# ପ୍ରିୟଙ୍କାଙ୍କୁ ଟକ୍କର ଦେବେ ନାଭ୍ୟା ହରିଦାସ

**ନୂଆଦିଲ୍ଲୀ:** ପ୍ରଥମଥର ପ୍ରତ୍ୟେକ୍ଷ ନିର୍ବାଚନ ଲଢୁଥିବା କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ବିରୋଧୀ ପ୍ରାର୍ଥୀ ଘୋଷଣା କରିଛି ବିଜେପି । କଂଗ୍ରେସ ପ୍ରିୟଙ୍କା ଗାନ୍ଧିଙ୍କୁ କେରଳରେ ୱାୟନାଡ ଲୋକସଭା ଆସନ ପାଇଁ ଅନୁଷ୍ଠିତ ହେବାକୁ ଥିବା ଉପ ନିର୍ବାଚନରେ ପ୍ରାର୍ଥୀ କରିଛି । ଏବେ ତାଙ୍କୁ ଏଠାରେ ଟକ୍କର ଦେବାକୁ ବିଜେପି ନାଭ୍ୟା ହରିଦାସଙ୍କୁ ଟିକେଟ ଦେଇଛି । ନାଭ୍ୟାଙ୍କୁ ପ୍ରାର୍ଥୀ କରି ଦଳ ୱାୟନାଡରେ ବିଜୟୀ ହେବାକୁ ଆଶା ରଖିଛି । ନାଭ୍ୟା ହେଉଛନ୍ତି କେରଳ ବିଜେପି ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦକ । ସେ ଦୁଇ ଥର କୋଝିକୋଡେରୁ କାଉନସିଲର ହୋଇଛନ୍ତି । ବିଜେପି ସଂସଦୀୟ ଓ କର୍ପୋରେସନର ସଦସ୍ୟ । ୨୦୨୧ କେରଳ ବିଧାନସଭା ନିର୍ବାଚନରେ ସେ କୋଝିକୋଡେରୁ ଏନଡିଏର ପ୍ରାର୍ଥୀ ହୋଇଥିଲେ । ହେଲେ ତାଙ୍କୁ ପରାସ୍ତ ହେବାକୁ ପଡ଼ିଥିଲା ।

କେରଳର ୱାୟନାଡ ଲୋକସଭା ଆସନରେ ଉପ ନିର୍ବାଚନ ନଭେମ୍ବର ୧୩ରେ ଅନୁଷ୍ଠିତ ହେବ । ଏଥିପାଇଁ ଗ୍ୟାଜେଟ ନୋଟିଫିକେସନ ୧୮ ଅକ୍ଟୋବରରେ ପ୍ରକାଶ ପାଇବ । ନାମାଙ୍କନ ଦାଖଲ ଶେଷ ତାରିଖ ଅକ୍ଟୋବର ୨୫ ରହିଥିବା ବେଳେ ପ୍ରତ୍ୟାହାର ପାଇଁ ଅକ୍ଟୋବର ୩୦କୁ ଧାର୍ଯ୍ୟ କରାଯାଇଛି । ନଭେମ୍ବର ୧୩ରେ ଏଠାରେ ଭୋଟିଂ ହେବାକୁ ଥିବା ବେଳେ ନଭେମ୍ବର ୨୩ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

୨୦୧୯ରେ ରାହୁଲ ଗାନ୍ଧି ୱାୟନାଡରୁ ପ୍ରଥମଥର ନିର୍ବାଚନ ଲଢ଼ିବା ସହ ବିଜୟ ହୋଇଥିଲେ । ୨୦୨୪ରେ ସେ ୱାୟନାଡ ସହ ରାଏବରେଲୀ ଆସନରେ ନିର୍ବାଚନ ଲଢ଼ି ଦୁଇଟି ଯାକ ଆସନ ଜିତିଥିଲେ ।

ସେ ଦୁଇଟି ଆସନରୁ ବିଜୟ ହୋଇଥିବାରୁ ତାଙ୍କୁ ଗୋଟିଏ ଆସନ ଛାଡ଼ିବା ଅପରିହାର୍ଯ୍ୟ ରହିଥିଲା । ତେଣୁ ସେ ୱାୟନାଡ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ । ଏବେ ଏଠାରେ ଉପ ଉପ ନିର୍ବାଚନ ହେବାକୁ ଯାଉଛି ।

ପ୍ରଥମଥର ପାଇଁ ପ୍ରିୟଙ୍କା ଗାନ୍ଧି ଭଦ୍ରା କୌଣସି ନିର୍ବାଚନରେ ଲଢ଼ିବାକୁ ଯାଉଛନ୍ତି । ଯଦି ସେ ବିଜୟୀ ହୁଅନ୍ତି, ତା'ହେଲେ ପ୍ରଥମଥର ପାଇଁ ସଂସଦରେ ରାହୁଲ, ପ୍ରିୟଙ୍କା ଓ ସୋନିଆ ଗାନ୍ଧିଙ୍କୁ ଦେଖିବାକୁ ମିଳିବ ।



# ଇସ୍ରାଏଲରେ ହେଜବୁଲ୍ଲାର ରକେଟ ମାଡ଼, ଜଣେ ମୃତ

**ନୂଆଦିଲ୍ଲୀ:** ହମାସ ମୁଖ୍ୟ ୟାହୟା ସିନୱାରର ମୃତ୍ୟୁ ପରେ ଇସ୍ରାଏଲ ଉପରେ ଆକ୍ରମଣ କରିଛି ହେଜବୁଲ୍ଲା । ଇରାନ ସମର୍ଥିତ ସଂଗଠନ ହେଜବୁଲ୍ଲା ଆଜି ଇସ୍ରାଏଲ ଉପରେ ଘନ ଘନ ରକେଟ୍ ମାଡ଼ କରିଛି । ଏଥିରେ ଜଣେ ବ୍ୟକ୍ତଙ୍କର ମୃତ୍ୟୁ ହୋଇ ଥିବାବେଳେ ୯ ଜଣ ଆହତ ହୋଇଛନ୍ତି ।

ଏନେଇ ଇସ୍ରାଏଲ ସେନା ପକ୍ଷରୁ ସୂଚନା ଦିଆଯାଇଛି । ଇସ୍ରାଏଲର ଜରୁରୀକାଳୀନ ସେବା ରିପୋର୍ଟ କରିଛି ଯେ, ଲେବାନନ ଉତ୍ତର ଇସ୍ରାଏଲରେ ରକେଟ୍ ମାଡ଼ କରିଛି । ଏଥିରେ ଏକ ବନ୍ଦର ନିକଟରେ ଥିବା ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି ।

ମୃତକ ଜଣକ ହେଉଛନ୍ତି ଜଣେ ୫୦ ବର୍ଷୀୟ ବ୍ୟକ୍ତି । ସେ ଏକ ଗାଡ଼ିରେ ବସିଥିବା ସମୟରେ ତାଙ୍କ ଉପରେ ତୀକ୍ଷ୍ଣ ଅସ୍ତ୍ରର ଆଘାତ ଲାଗିଥିଲା ଫଳରେ ତାଙ୍କର ମୃତ୍ୟୁ ହୋଇଛି ।

ଇସ୍ରାଏଲ ସେନା କହିଛି ଯେ, ଆଜି ହେଜବୁଲ୍ଲା ଉତ୍ତର ଇସ୍ରାଏଲରେ ଘନ ଘନ ରକେଟ ମାଡ଼ କରିଥିଲା । ଏଥିସହ ୧୧୫ରୁ ଅଧିକ ଗୁଳିମାଡ଼ ମଧ୍ୟ କରିଛି । କିଛି ସମୟ ପାଇଁ ସମଗ୍ର ଅଞ୍ଚଳରେ ଗୋଳାବାରୁଦ ଶବ୍ଦ ଶୁଭିଥିଲା । ଏଥିରେ କେବଳ ଜଣେ ୫୦ ବର୍ଷୀୟ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି ।

ସେପଟେ, ଆଜି ମଧ୍ୟ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଘରକୁ ଟାର୍ଗେଟ କରି ଡ୍ରୋନ୍ ଆକ୍ରମଣ କରିଥିଲା ହେଜବୁଲ୍ଲା । ଏଥିରେ କାହାର କିଛି କ୍ଷତି ହୋଇନାହିଁ । ଆକ୍ରମଣ ସମୟରେ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ପରିବାର ସଦସ୍ୟ ଘରେ ନଥିଲେ ।

# ଲୁଣ ପାଲଟିଛି ମୃତ୍ୟୁର କାରଣ

**ନୂଆଦିଲ୍ଲୀ:** ଯଦି ଖାଦ୍ୟରେ ଲୁଣ ନଥାଏ ତେବେ ଖାଦ୍ୟର ସ୍ୱାଦ ବିଗିଡ଼ିଯାଏ । ଆମ ପାଟିରୁ ରୁଚେ ନାହିଁ । ତେଣୁ ଲୁଣ ବିନା ନିଜ ଜୀବନକୁ କଳ୍ପନା କରିହେବ ନାହିଁ । ଆମ ଜୀବନରେ ଲୁଣ କେତେ ଗୁରୁତ୍ୱପୂର୍ଣ୍ଣ ତାହା ନିଜେ ଜାଣିପାରୁଥିବେ । ଏହି ଲୁଣ ପାଇଁ ଦିନେ ଭାରତରେ ଦେଶବ୍ୟାପୀ ଆନ୍ଦୋଳନ ମଧ୍ୟ ହୋଇଥିଲା । ଆମେ ଏହାକୁ ଦାଣ୍ଡି ମାର୍ଚ୍ଚ କିମ୍ବା ଲୁଣ ସତ୍ୟଗ୍ରହ ଭାବରେ ଜାଣିଛୁ । କିନ୍ତୁ ଏହି ଲୁଣ ବର୍ତ୍ତମାନ ଆମ ପାଇଁ ହାନିକର । ଆମ ଶରୀର ପାଇଁ ଲୁଣ କେତେ କ୍ଷତି ଏବଂ ଏହା ଯୋଗୁଁ ପ୍ରତିବର୍ଷ କେତେ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି ସେ ନେଇ ଏକ ରିପୋର୍ଟ ଜାରି କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ।



**ଶରୀର ଉପରେ ଲୁଣର ପ୍ରଭାବ-**

ବିବିସି ୱାର୍ଲ୍ଡ ସର୍ଭିସ 'ଫୁଡ୍ ଚେନ୍' ଉପରେ ଏକ କାର୍ଯ୍ୟକ୍ରମ କରିଛି । ଏହା ଆମ ଶରୀର ପାଇଁ ଲୁଣ କେତେ ବିପଜ୍ଜନକ ତାହା କହିଥାଏ । ଅନେକ ବିଶେଷଜ୍ଞ ଅଛନ୍ତି ଯେଉଁମାନେ କୁହନ୍ତି ଯେ ଆମ ଶରୀର ପାଇଁ ଲୁଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉଦାହରଣ ସ୍ୱରୂପ, ଆମେରିକାର ରାଉଟର ୟୁନିଭରସିଟିର ପୁଷ୍ଟିକର ବିଜ୍ଞାନର ପ୍ରଫେସର ପଲ୍ ବ୍ରେସଲିନ୍ ବିସିସିଆଇ ସହ କଥାବାର୍ତ୍ତା କରୁଥିବାବେଳେ କହିଛନ୍ତି ଯେ ଜୀବନ ପାଇଁ ଲୁଣ ଜରୁରୀ ଅଟେ ।

## ନବମ ଦୃଷ୍ଟିବାଧିତ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ




ଭୁବନେଶ୍ୱର,୧୯।୧୦ (ସବ୍ୟୁ): ନବମ ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ହାଇଟେକ୍ ମେଡ଼ିକାଲ କଲେଜ ଓ ହସ୍ପିଟାଲ ପରିସରରେ ଉଦ୍‌ଯାପିତ ହୋଇଯାଇଛି । ୫ ଦିନ ବ୍ୟାପୀ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାରୁ ୧୪ଟି ଦଳ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବେ ହାଇଟେସ୍ କଲେଜ ଓ ହସ୍ପିଟାଲର ପ୍ରତିଷ୍ଠାତ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ ଯୋଗଦେଇଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମେଜର କଳ୍ପନା ଦାସ, ନିବେଦିତା ଆଚାର୍ଯ୍ୟ, ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ସକ୍ଷମ ଫାଉଣ୍ଡେସନ୍‌ର ରାଜ୍ୟ ସମ୍ପାଦକ ମନସ୍ମିତା ଜେନା, ସାଧାରଣ ସମ୍ପାଦକ ସନ୍ୟାସ କୁମାର ବେହେରା, କ୍ରୀଡା ନିର୍ଦ୍ଦେଶକ ଲଳିତେନ୍ଦୁ ମହାନ୍ତି, ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ୍ ସଂଘର ସଭାପତି ମହମ୍ମଦ ଜାଫର ଇକବାଲ, ନୀଳିମାରାଣୀ ପାତ୍ର ଏବଂ ଦିଲୀପ ଶ୍ରୀଚନ୍ଦନ ଯୋଗଦେଇଥିଲେ ।

ଫାଇନାଲ ମ୍ୟାଚ କୋରାପୁଟ୍ ଏବଂ ମାରଙ୍ଗଗୁରୁ ଦୃଷ୍ଟିବାଧିତ କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କୋରାପୁଟ ବିଜୟୀ ହେବା ସହ ଚାମ୍ପିଅନ୍ ହୋଇଥିବା ବେଳେ ମାରଙ୍ଗଗୁରୁ ରନର୍ସ ଅପ୍ ହୋଇଛି । ବିଜୟୀ ଦଳକୁ ଟ୍ରଫି ସହ ୩୦,୦୦୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୪,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଏହି ସମାରୋହକୁ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ୍ ସଂଘର ସଭାପତି ଜାଫର ଇକବାଲ ପରିଚାଳନା କରିଥିଲେ ।

## ଚିନ୍ମୟଙ୍କୁ ବ୍ରୋଞ୍ଜ



ଭୁବନେଶ୍ୱର,୧୯।୧୦ (ସବ୍ୟୁ): ଚଳିତ ମାସ ୧୯ ତାରିଖ ପର୍ଯ୍ୟନ୍ତ ଷଷ୍ଠ କସଡ ଓପନ ଏସିଆ ଜି-୧ ର୍‍ୟାଙ୍କିଙ୍ଗ ତାଇକୋଣ୍ଡୋ ଚାମ୍ପିଅନ୍‌ସିପ୍ ଇଣ୍ଡୋନେସିଆର ଜାକାର୍ତ୍ତାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ଅଂଶଗ୍ରହଣ କରିଥିଲେ । ଓଡ଼ିଶାରୁ ଚିନ୍ମୟ ବେହେରା ମାଷ୍ଟର ବିଭାଗରେ ଅଂଶଗ୍ରହଣ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଜି-୨ ର୍‍ୟାଙ୍କିଙ୍ଗ ଚାମ୍ପିଅନ୍‌ସିପ୍‌ରେ ପଦକ ହାସଲ କରି ନିଜ ଦକ୍ଷତା ଦେଖାଇଛନ୍ତି । ଏହି ପଦକ ସଫଳତା ପାଇଁ ଓଡ଼ିଶା ତାଇକୋଣ୍ଡୋ ସଂଘ ପକ୍ଷରୁ ଚିନ୍ମୟ କୁମାର ସାହୁ, ରଞ୍ଜିତା ସ୍ୱାଇଁ, ସୁନ୍ଦରମଣି ପଟେଲ, ସୁଦୀପ୍ତା ନନ୍ଦ, ତଥା ନାମଦେବ ସିରୋଙ୍କର ଶୁଭେଚ୍ଛା ଜଣାଇଛନ୍ତି ।

## ବେଙ୍ଗାଲୁରୁ ଟେଷ୍ଟ

# ନ୍ୟୁଜିଲାଣ୍ଡର ଟାର୍ଗେଟ୍ ୧୦୭

ବେଙ୍ଗାଲୁରୁ,୧୯।୧୦ (ଏଜେନ୍ସି): ଭାରତ ପ୍ରଥମ ଇନିଂସରେ ମାତ୍ର ୪୬ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । କିନ୍ତୁ ଦ୍ୱିତୀୟ ଇନିଂସରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ୪୬୨ ରନ୍ କରିପାରିଛି । ସର୍ଫରାଜ ଖାନ୍‌ଙ୍କ ୧୫୦ ରନ୍ ଓ ରିଷଭ ପନ୍ତଙ୍କ ୯୯ ରନ୍ ବଳରେ ଭାରତ କିଛି ମାତ୍ରାରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିପାରିଥିଲା । ହେଲେ ଏବେ ନ୍ୟୁଜିଲାଣ୍ଡକୁ ଜିତିବା ପାଇଁ କେବଳ ୧୦୭ ରନ୍‌ର ଆବଶ୍ୟକତା ରହିଛି । ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୪୦୨ ରନ୍ କରିଥିଲା । ମ୍ୟାଚ ଶେଷ ହେବାକୁ ଆଉ ଗୋଟିଏ ଦିନ ବାକି ଥିବାରୁ କୌଣସି ଚମତ୍କାର ହିଁ ଭାରତକୁ ପରାଜୟରୁ ରକ୍ଷା କରିପାରିନାହିଁ । ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଦିନ ଖେଳ ଆରମ୍ଭ ହେବା ବେଳକୁ ଭାରତ ୧୨୫ ରନ୍ ପଛରେ ରହିଥିଲା । ସର୍ଫରାଜ ଖାନ୍ ୭୦ ରନ୍ କରି ଅପରାଜିତ ଥିବା ବେଳେ ନୂଆ ବ୍ୟାଟର ରିଷଭ ପନ୍ତ ବ୍ୟାଟିଂ ମଙ୍ଗ ଧରିଥିଲେ । ତୃତୀୟ ଦିନ ଶେଷ ବଲରେ କୋହଲି ୭୦ ରନ୍ କରି ଗ୍ଲେନ୍ ଫିଲିପ୍ସଙ୍କ ବଲରେ ଆଉଟ୍



ହୋଇଥିଲେ । ତୃତୀୟ ଦିନ ଷ୍ଟମ୍ପଅପସାରଣ ବେଳକୁ ଭାରତ ୩ ୱିକେଟ୍ ହରାଇ ୨୩୧ ରନ୍ କରିଥିଲା । ଆରମ୍ଭରୁ ଦୁହେଁ ଜଗି ରଖି ଖେଳିଥିଲେ । ସର୍ଫରାଜ ମଧ୍ୟ ନିଜ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ । ଏହାପରେ ବର୍ଷା ହେବାରୁ ପାଖାପାଖି ୨ ଘଣ୍ଟା ଖେଳ ବନ୍ଦ ରହିଥିଲା । ବର୍ଷା ଛାଡିବା ପରେ ଭାରତ ପୁଣି ଭଲ ଖେଳିଥିଲା । ସର୍ଫରାଜ ୧୫୦ ରନ୍ କରିବା ସହ ପନ୍ତ ମଧ୍ୟ ଶତକ ଦିଗରେ ଆଗେଇ ଥିଲେ । କିନ୍ତୁ ସର୍ଫରାଜ ୧୫୦ ରନ୍ ଓ ପନ୍ତ ୯୯ ରନରେ ଆଉଟ୍ ହୋଇଥିଲେ । ଚା ପାନ ବିରତି ପୂର୍ବରୁ ରାହୁଲ ୧୨ ରନ୍ କରି ପାଭିଲିୟନ୍ ଫେରିଯାଇଥିଲେ । ଏହାପରେ ରବିନ୍ଦ୍ର ଜାଡେଜା ମଧ୍ୟ ନିରାଶ କରିଥିଲେ । ଅଶ୍ୱିନ ୧୫, ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ ଖାତା ଖୋଲିବା ପୂର୍ବରୁ ମ୍ୟାଟ୍ ହେନରୀଙ୍କ ଶିକାର ହୋଇଥିଲେ । ଭାରତର ଦ୍ୱିତୀୟ ଇନିଂସ ୪୬୨ ରନ୍‌ରେ ସୀମିତ ରହିଥିଲା । ତେଣୁ ନ୍ୟୁଜିଲାଣ୍ଡକୁ ଜିତିବା ପାଇଁ ୧୦୭ ରନ୍‌ର ଟାର୍ଗେଟ୍ ମିଳିଛି ।

## ଧୋନିଙ୍କୁ ପଛରେ ପକାଇଲେ ପନ୍ତ



ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନ ଦମ୍‌ଦାର ଇନିଂସ ଖେଳିଛନ୍ତି ୱିକେଟ୍ ରକ୍ଷକ ବ୍ୟାଟର ରିଷଭ ପନ୍ତ । ସେ ଦୁର୍ଭାଗ୍ୟଜନକ ଭାବେ ୯୯ ରନ କରି ୱିଲିୟମ୍‌ଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ । କିନ୍ତୁ ଏହା ପୂର୍ବରୁ ସେ ନିଜ ନାଁକୁ ରେକର୍ଡ ବୁକ୍‌ରେ ସାମିଲ କରିବାକୁ ସକ୍ଷମ ହୋଇଥିଲେ । ଭାରତୀୟ ୱିକେଟ୍‌କିପର ଭାବେ ଟେଷ୍ଟ କ୍ରିକେଟ୍‌ରେ ୨,୫୦୦ ରନ୍ ପୂରଣ କରିଛନ୍ତି ପନ୍ତ । ମାତ୍ର ୬୨ ରନ୍‌ରେ ଏହି ମାଇଲଖୁଣ୍ଟ ବାତିଲ କରି ଭାରତୀୟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ରେକର୍ଡ ଭାଙ୍ଗିଛନ୍ତି । ଧୋନି ଟେଷ୍ଟ କ୍ରିକେଟ୍‌ରେ ୬୯ ଇନିଂସ ଖେଳିଥିଲେ । ପନ୍ତ ତାଙ୍କଠାରୁ କମ୍ ଇନିଂସରେ ୨,୫୦୦ ରନ୍ ପୂରଣ କରିଛନ୍ତି । ଭାରତର ଅନ୍ୟତମ ବ୍ୟାଟର ଫରୁଖ ଇଞ୍ଜିନିୟର ୮୨ ତମ ଇନିଂସରେ ଏହି ସଫଳତା ପାଇଥିଲେ । ଏହାର ଅର୍ଥ ଭାରତୀୟ କ୍ରିକେଟ୍‌ର ୯୨ ବର୍ଷର ଇତିହାସ ମଧ୍ୟରେ ପନ୍ତ ପ୍ରଥମ ଖେଳାଳି ଭାବେ ୬୫ରୁ କମ୍ ଇନିଂସରେ ୨୫୦୦ ରନ୍ ପୂରଣ କରିଛନ୍ତି । ପନ୍ତ ଟେଷ୍ଟ କ୍ୟାରିୟରରେ ୧୨ତମ ଅର୍ଦ୍ଧଶତକ ୫୫ ବଲରେ ହାସଲ କରିଥିଲା । ୨୦୧୮ରେ ପନ୍ତ ଭାରତ ପାଇଁ ଟେଷ୍ଟ ଡେବ୍ୟୁ କରି ସେ ଦଳ ପାଇଁ ଏକାଧିକ ମ୍ୟାଚ ବିଜୟୀ ଇନିଂସ ଖେଳିଛନ୍ତି । ବିଶେଷ କରି ସେ ଗାବାରେ ଅଷ୍ଟ୍ରେଲିଆ ବିପକ୍ଷ ଦଳକୁ ଜିତାଇ ନୂଆ ରେକର୍ଡ କରିଥିଲେ ।

## ୨୨ରୁ ଅଡିଟ୍ ଆକାଉଣ୍ଟ ପୂର୍ବାଞ୍ଚଳ ବ୍ୟାଡ଼ମିଣ୍ଟନ

ଭୁବନେଶ୍ୱର,୧୯।୧୦ (ସବ୍ୟୁ): ସ୍ଥାନୀୟ ମହାଲେଖାକାର ଆନୁକୂଲ୍ୟରେ ଭାରତୀୟ ଅଡିଟ ଓ ଆକାଉଣ୍ଟ ପୂର୍ବାଞ୍ଚଳ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ମଞ୍ଚେଶ୍ୱର ସ୍ଥିତ ପୂର୍ବତଟ ରେଳବାଇ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଆଗାମୀ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଏଥିରେ ଓଡ଼ିଶା ସମେତ ୧୪ଟି ପୂର୍ବାଞ୍ଚଳ ରାଜ୍ୟର ୧୦୦ରୁ ଅଧିକ ବ୍ୟାଡ଼ମିଣ୍ଟନ ଖେଳାଳି ଭାଗ ନେବେ । ମହାଲେଖାକାର ବିଶ୍ୱନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବରିଷ୍ଠ ଉପମହାଲେଖାକାର ଶ୍ରୀରାଜ ଅଶୋକ, ଉପମହାଲେଖାକାର ସଞ୍ଜୟ କୁମାର, ସଚିବ ସଞ୍ଜୟ କୁମାର, ସଚିନ କ୍ରିଷ୍ଣା କୌଶିକ, ବାଲକ୍ରିଷ୍ଣା ନାଲାମୁଥୁ, କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପୁରୁଷୋତମ ବଳ, ସହକାରୀ ଅଡିଟ୍ ଅଫିସର ଚିତ୍ରସେନ ମହାନ୍ତି ଯୋଗଦେଇ ଟୁର୍ଣ୍ଣାମେଣ୍ଟର ସୁପରିଚାଳନା ଓ ସୁରକ୍ଷା ଆୟୋଜନ ଉପରେ ଆଲୋଚନା କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ରଣଜୀ ଟକ୍କର: ଓଡ଼ିଶା ୧୯୮/୫




ଭୁବନେଶ୍ୱର,୧୯।୧୦ (ସବ୍ୟୁ): ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ରଣଜୀ ଟ୍ରଫି ଏଲିଟ୍ ଏର ମୁକାବିଲାରେ ଦ୍ୱିତୀୟ ଦିନ ଖେଳ ସୁଧା ଓଡ଼ିଶା ୫ ୱିକେଟ୍ ହରାଇ ୧୯୮ ରନ୍ ସଂଗ୍ରହ କରିଛି । ଜମ୍ମୁ-କାଶ୍ମୀର ସ୍କୋର ଠାରୁ ଓଡ଼ିଶା ଦଳ ୭୨ ରନ୍ ପଛରେ ରହିଛି । ଅଧିନାୟକ ଗୋବିନ୍ଦ ପୋଦ୍ଦାର ୮୭ ରନ୍ ଓ ଆଶୀର୍ବାଦ ସ୍ୱାଇଁ ୨୫ ରନ୍ କରି ଅପରାଜିତ ଅଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅନୁରାଗ ଷଡଙ୍ଗୀ ୩୫ ଓ ସନ୍ଦୀପ ପଟ୍ଟନାୟକ ୨୬ ରନ୍ ସଂଗ୍ରହ କରିଥିଲେ । ସାନ୍ତ୍ୱନୁ ମିଶ୍ର ୦, ବିପ୍ଳବ ସାମନ୍ତରାୟ ୧ ଓ କାର୍ତ୍ତିକ ବିଶ୍ୱାଳ ୪ ରନ୍ କରି ପାଭିଲିୟନ୍ ଫେରିଥିଲେ । ଭ୍ରମଣକାରୀ ଦଳ ପକ୍ଷରୁ ଆବିଦ ମୁସ୍ତାକ ଦୁଇଟି ୱିକେଟ୍ ନେଇଥିବା ବେଳେ ଆକିବ ନବୀ, ଉମା ନାଜିରମୀର ଓ ସାହିଲ ମିତ୍ରା ଗୋଟିଏ ଲେଖାଏଁ ୱିକେଟ୍ ହରାଇ କରିଥିଲେ ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରି ଜମ୍ମୁ-କାଶ୍ମୀର ୨୨୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ସୁମିତ ଶର୍ମା ପ୍ରଭାବୀ ବୋଲିଂ କରି ୫ ୱିକେଟ୍ ଅକ୍ତିଆର କରିଥିଲେ । ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ ।

## ଜାତୀୟ ଭିନ୍ନକ୍ଷମ ଟି-୨୦
## ପଶ୍ଚିମବଙ୍ଗଠୁ ହାରିଲା ଓଡ଼ିଶା



ଭୁବନେଶ୍ୱର,୧୯।୧୦ (ସବ୍ୟୁ): ରାଜସ୍ଥାନର ଉଦୟପୁରଠାରେ ଚାଲିଥିବା ଚତୁର୍ଥ ଜାତୀୟ ଭିନ୍ନକ୍ଷମ ଟି-୨୦ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦଳର ବିଜୟରେ ବ୍ରେକ ଲାଗିଛି । ଶନିବାର ମ୍ୟାଚରେ ଓଡ଼ିଶା ଦଳ ପଶ୍ଚିମବଙ୍ଗଠାରୁ ହାରିଯାଇଛି । ପଶ୍ଚିମବଙ୍ଗ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୫୯ ରନ୍ ସଂଗ୍ରହ କରିଥିଲା । ଜବାବରେ ଓଡ଼ିଶା ୨୦ ଓଭରରେ ୯ ୱିକେଟ୍ ହରାଇ ୧୩୫ ରନ୍ କରିଥିଲା । ଆଗାମୀ ୨୧ ତାରିଖରେ ଓଡ଼ିଶା ଦଳ ଶେଷ ପୁଲ୍ ମ୍ୟାଚରେ ବିଦର୍ଭକୁ ଭେଟିବ ।

## ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର,୧୯।୧୦ (ସବ୍ୟୁ): ବାରାବାଟୀ ଷ୍ଟାଡିୟମ୍ ସ୍ଥିତ ହର୍ସ ଗେଟ୍ ହଲ୍ ପରିସରରେ ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ୩ ଦିନ ଧରି ଅନୁଷ୍ଠିତ ହେବାକୁଥିବା ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଓପନ ବର୍ଗରେ ୯୭ ଜଣ ଏବଂ ବାଳିକା ବର୍ଗରେ ୫୨ ଜଣ ଏପରି ସବ ମୋଟ୍ ୧୪୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଏମାନଙ୍କ ମଧ୍ୟରେ ୪୮ ଜଣ ଫିଡେରେଟ୍‌ଡ ଖେଳାଳି ଅଛନ୍ତି । ଓପନ ବର୍ଗରେ ଗଞ୍ଜାମର ଶ୍ରୀହାନ ସାବତ ଟପ୍‌ସିଡ ମାନ୍ୟତା ପାଇଥିବା ବେଳେ କଟକର ସ୍ୱସ୍ତିକ ଶୁଭମ ପଟ୍ଟନାୟକ ଦ୍ୱିତୀୟ ସିଡ ମାନ୍ୟତା ହାସଲ କରିଛନ୍ତି । ବାଳିକା ବର୍ଗରେ ଗଞ୍ଜାମର ସ୍ନେହାଯୁକ୍ତା ବେହେରା ଟପ୍‌ସିଡ ଏବଂ କଟକର ଶ୍ରଦ୍ଧା ସ୍ମରଣୀକା ନନ୍ଦ ଦ୍ୱିତୀୟ ସିଡ ମାନ୍ୟତା ପାଇଛନ୍ତି । ଏହି ପ୍ରତିଯୋଗିତାରେ ମୋଟ୍ ୭ ରାଉଣ୍ଡ ଖେଳାଯିବ ।

ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ୍ ସମ୍ପାଦକ ଅଭିଜିତ ପାଲ, ବରିଷ୍ଠ ସଦସ୍ୟ ଚୌଧୁରୀ ପ୍ରଦ୍ୟୁମ୍ନ କିଶୋରୀ ମିଶ୍ର ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନୀ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲା ଚେସ୍ ସଂଘ ମୁଖ୍ୟ ଉପଦେଷ୍ଟା ରଞ୍ଜନ ମହାନ୍ତି, ଫନିନ୍ଦ୍ର ନାଥ ମହାନ୍ତି, ସନ୍ତୋଷ କୁମାର ପୃଷ୍ଟି, ସୂର୍ଯ୍ୟକାନ୍ତ ବିଶୋର, ସୁଧୀର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଥମ ଦିନ ଦ୍ୱିତୀୟ ରାଉଣ୍ଡ ଶେଷ ସୁଧ ବାଳିକା ବର୍ଗରେ ସ୍ନେହା ଗୁପ୍ତ ବେହେରା, ଜୟଲକ୍ଷ୍ମୀ ସାହୁ, ଶ୍ରଦ୍ଧସ୍ମରଣିକା ନନ୍ଦ, ଇଶାନୀ ନାସ, ଆଦିତି ମହାରଣା, ସୃଷ୍ଟି ଶ୍ରେୟ, ସ୍ୱୟଂଶ୍ରୀ ସାଇସ୍ନାତା, ସାନଭି ମିଶ୍ର, ସୃଜନୀ ଷଡଙ୍ଗୀ, ଜ୍ୟୋତି ସାହୁ, ଅନୁଶ୍ରୀ ପାଢ଼ୀ, ନିବୃତ୍ତା ପଟ୍ଟନାୟକ, ଜାହ୍ନବୀ ମିଶ୍ର ପ୍ରମୁଖ ୨ ପଏଣ୍ଟ ହାସଲ କରି ଆଗକୁ ବଢ଼ିଛନ୍ତି । ଓପନବର୍ଗରେ ଶ୍ରୀହଂସ ସାବତ, ସ୍ୱସ୍ତିକ ପଟ୍ଟନାୟକ, ପ୍ରତ୍ୟାଶା ଜେନା, ଆର୍ଯ୍ୟନ ମେହେରା, ଆତିବ୍ୟ ବିକ୍ରମ ମିଶ୍ର, ଲଡିତ ରଞ୍ଜନ ସାହୁ, ବିଶ୍ୱପ୍ରୀତ ରାୟ, ହିମାଂଶୁ ନାୟକ, ଆୟୂଷ ଆର୍ଯ୍ୟନ ମହାପାତ୍ର ପ୍ରମୁଖ ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇ ମିଳିତ ଅଗ୍ରଣୀ ହାସଲ କରିଛନ୍ତି ।



ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541